# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଅଗଷ୍ଟ ୬/୨୦୧୯ (୧୬ପୃଷ୍ଠା) Dhenkanal, Tuesday, August 6 / 2019 ★★★★★

୧୫ଶ ଭାଗ ୧୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଲିୟନଙ୍କୁ ୬ ଉଇକେଟ ସଫଳତା**

ଅଫ୍ ସ୍ପିନର ନାଥାନ ଲିୟନଙ୍କ ୬ ଉଇକେଟ ସଫଳତା ବଳରେ ଅଷ୍ଟ୍ରେଲିଆ ପ୍ରଥମ ଆଶେସ ଟେଷ୍ଟରେ ଇଂଲଣ୍ଡକୁ ୨୫୧ ରନରେ ପରାସ୍ତ କରିଛି।

୧୫

୧୧


**'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ**

ଅଭିନେତା ସନି ଦେଓଲଙ୍କ ପୁତ୍ର କରନ ଦେଓଲଙ୍କ ଅଭିନୀତ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ୍ ହୋଇଛି।



# ଅନୁଚ୍ଛେଦ ୩୭୦ ଉଚ୍ଛେଦ

## ଦେଶବ୍ୟାପୀ ବିପୁଳ ସମର୍ଥନ



ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜମ୍ମୁରେ ମୁତୟନ ସୁରକ୍ଷା ବଳ।




- ଜମ୍ମୁ-କଶ୍ମୀର ଓ ଲଦାଖ ହେବ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ
- ଉଭୟ କେନ୍ଦ୍ରଶାସିତ ଅଞ୍ଚଳରେ ରହିବେ ଜଣେ ଲେଖାଏ ଉପରାଜ୍ୟପାଳ
- ପୁନର୍ଗଠନ ବିଲ୍ ରାଜ୍ୟ ସଭାରେ ଗୃହୀତ
- ସପକ୍ଷରେ ୧୨୫, ବିପକ୍ଷରେ ୬୧ ଭୋଟ
- ବିଲ୍‌କୁ ବିଜେଡି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍‌ସିପିର ସମର୍ଥନ
- କକ୍ଷତ୍ୟାଗ କଲା ଜେଡିୟୁ
- କଂଗ୍ରେସ କହିଲା କଳାଦିନ

**ନୂଆଦିଲ୍ଲୀ,୫ା୮ (ପି.ଟି./ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ସୋମବାର ଉଚ୍ଛେଦ କରିଛନ୍ତି। ଏହାସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫ଏ ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଛି। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖ୍‌କୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯିବାକୁ ପ୍ରସ୍ତାବ ରହିଛି। ତଦନୁଯାୟୀ ଜମ୍ମୁ-କଶ୍ମୀର ଓ ଲଦାଖ ପାଇଁ ଜଣେ ଲେଖାଏ ଉପରାଜ୍ୟପାଳ (ଲ୍ୟୁଟ୍‌ନାଣ୍ଟ ଜେନେରାଲ) ରହିବେ। ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ରାଜ୍ୟ ସଭାରେ ଆଗତ କରିଥିବା ପ୍ରସ୍ତାବ ବହୁମତରେ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୧୨୫ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ଯାଇଛି ମାତ୍ର ୬୧ ଖଣ୍ଡ। ଏହାସହ ଭାରତର ଆତ୍ମାକୁ ଥରାଇଦେଇଥିବା ଦୀର୍ଘ ୭୨ ବର୍ଷ ପୁରୁଣା ସମସ୍ୟାର ସମାଧାନ ହୋଇଛି। ଏହି ଐତିହାସିକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ବୋଲି କୁହାଯାଉଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକ ଏହାକୁ ସ୍ୱାଗତ କରି ଉତ୍ସବ ମନାଉଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

ଜମ୍ମୁ-କଶ୍ମୀରକୁ ସପ୍ତାହେ ମଧ୍ୟରେ ୩୮ ହଜାର ଯବାନଙ୍କୁ ପଠାଯିବା ପରେ କ'ଣ ହେବ। ନିଶ୍ଚିତ ଭାବେ କିଛି ଗୋଟିଏ ବଡ଼ ନିଷ୍ପତ୍ତି ନିଆଯିବ ବୋଲି ସାରା ଦେଶରେ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଉପତ୍ୟକାବାସୀ ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ରହିଥିଲେ। ସମୟ ଯେତିକି ଗଡ଼ିବାରେ ଲାଗିଥିଲା ଉତ୍କଣ୍ଠା ସେତିକି ବଢ଼ିଚାଲିଥାଏ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ କରାଯିବା ଆଶଙ୍କାରେ ରବିବାର ବିଳମ୍ବିତ ରାତିରେ ଶ୍ରୀନଗରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବ୍‌ଦୁଲ୍ଲା ଓ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସର୍ବଦଳୀୟ ବୈଠକରେ ଏହାକୁ ବିରୋଧ କରିଥିଲେ। କିଛି ସମୟ ପରେ ଉଭୟଙ୍କ ସହ କେତେଜଣ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଏହାସହ ରାଜଭବନରେ ରାଜ୍ୟପାଳ ସତ୍ୟପାଲ ମଲିକ୍ ଏକ ଜରୁରୀ ବୈଠକ ଡାକିଥିଲେ, ଯାହାକି ଦୀର୍ଘ ସମୟ ଧରି ଚାଲିଥିଲା। ସୋମବାର ପୂର୍ବାହ୍ଣ ୯ଟା ୩୦ରେ ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ଶାହ ରାଜ୍ୟ ସଭାରେ ଏ ସମ୍ପର୍କିତ ସଂକଳ୍ପନାମା ଆଗତ କରିଥିଲେ। ସେ କହିଥିଲେ, ପାର୍ଲାମେଣ୍ଟର ସୁପାରିସ ଅନୁସାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଛନ୍ତି। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ଅନୁସାରେ ୩୭୦ର ସମସ୍ତ ଧାରା ଅକାମୀ ବା ଉଚ୍ଛେଦ ହୋଇଛି। ସେହିପରି ଶାହ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଭାଗ କରିବା ପାଇଁ ଅନ୍ୟ ଏକ ବିଲ୍ ଆଗତ କରିଥିଲେ। ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଲ୍, ୨୦୧୯ ଆଗତ ☞ ପୃଷ୍ଠା-୪

### ରାଷ୍ଟ୍ରପତିଙ୍କ ଅଧିସୂଚନା

## ଲାଗୁ ହେଲା ଭାରତର ସମ୍ବିଧାନ

ନୂଆଦିଲ୍ଲୀ,୫ା୮ (ପି.ଟି./ଆଇଏଏନ୍ଏସ୍): ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଜମ୍ମୁ-କଶ୍ମୀର ସରକାର ସମ୍ପର୍କିତ ସମ୍ବିଧାନ (ଜମ୍ମୁ-କଶ୍ମୀରରେ ଲାଗୁ) ନିର୍ଦ୍ଦେଶନାମା, ୨୦୧୯ ଜାରି କରିଛନ୍ତି। ଭାରତୀୟ ସମ୍ବିଧାନ ଏହି ରାଜ୍ୟରେ ଲାଗୁ ହେବ ବୋଲି ଏଥିରେ ଉଲ୍ଲେଖ ରହିଛି। ସଦ୍ୟ ଅଧିସୂଚନା ତତ୍କାଳ ରାଜ୍ୟର ସମ୍ବିଧାନ (ଜମ୍ମୁ-କଶ୍ମୀରରେ ଲାଗୁ) ନିର୍ଦ୍ଦେଶନାମା, ୧୯୫୪ର ସ୍ଥାନ ନେବ। ଭାରତୀୟ ସମ୍ବିଧାନର ସମସ୍ତ ନିୟମ ଜମ୍ମୁ-କଶ୍ମୀର ପାଇଁ ପ୍ରଯୁଜ୍ୟ ହେବ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ସମ୍ବିଧାନ ଅନୁଚ୍ଛେଦ ୩୬୭ରେ ଧାରା ୪ ଯୋଡ଼ିଛନ୍ତି, ଯେଉଁଥିରେ ୪ଟି ପରିବର୍ତ୍ତନ କରାଯାଇଛି। ଏଥିରେ କୁହାଯାଇଛି ଯେ, ସମ୍ବିଧାନ କିମ୍ବା ଏହାର ନିୟମଗୁଡ଼ିକର ନିର୍ଦ୍ଦେଶକୁ ଉକ୍ତ ରାଜ୍ୟ ସମ୍ପର୍କିତ ସମ୍ବିଧାନ ଓ ତା'ର ନିୟମଗୁଡ଼ିକୁ ଲାଗୁ କରିବାର ନିର୍ଦ୍ଦେଶ ଭାବେ ବିବେଚନା କରାଯିବ। ଯେଉଁ ବ୍ୟକ୍ତିଙ୍କୁ ରାଜ୍ୟ ବିଧାନସଭାର ସୁପାରିସ ଉପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜମ୍ମୁ ଓ କଶ୍ମୀରର ସଦର-ଇ-ରିୟାସତ (ଯିଏକି କ୍ଷମତାସୀନ ରାଜ୍ୟ ମନ୍ତ୍ରୀ ପରିଷଦର ପରାମର୍ଶରେ କାର୍ଯ୍ୟ କରୁଛନ୍ତି) ରୂପେ ମାନ୍ୟତା ଦିଆଯାଇଛି, ତାଙ୍କ ପାଇଁ ନିର୍ଦ୍ଦେଶଗୁଡ଼ିକୁ ଜମ୍ମୁ-କଶ୍ମୀରର ରାଜ୍ୟପାଳଙ୍କ ପାଇଁ ନିର୍ଦ୍ଦେଶନାମା ଭାବେ ପରିଗଣିତ ହେବ। ରାଜ୍ୟପାଳଙ୍କ ନିର୍ଦ୍ଦେଶଗୁଡ଼ିକ ମନ୍ତ୍ରୀ ପରିଷଦର ପରାମର୍ଶ ଅନୁସାରେ ଦିଆଯାଇଥିବା ବିବେଚନା କରାଯିବ। ସମ୍ବିଧାନ ଅନୁଚ୍ଛେଦ ୩୭୦ର ଧାରା (୩) ଅନୁସାରେ ରାଜ୍ୟର 'ସମ୍ବିଧାନ ପ୍ରଣୟନ ସଭା'କୁ ଧାରା (୨) ଅନୁଯାୟୀ ରାଜ୍ୟ ବିଧାନସଭା ଭାବେ ବିବେଚନା କରାଯିବ।

**ଆଜିର ସମ୍ପାଦକୀୟ**

### ୩୭୦ ଉଚ୍ଛେଦ ସ୍ୱାଗତଯୋଗ୍ୟ

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀର ଏକ ବିବାଦୀୟ ଭୂଖଣ୍ଡ ବୋଲି ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିବାରୁ ଭାରତର ବେଆଇନ ପଦକ୍ଷେପକୁ ବିରୋଧ କରିବ ପାକିସ୍ତାନ।

–ଶାହ ମେହମୁଦ୍ କ୍ୟୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବାଣିଜ୍ୟ କାର୍ଯ୍ୟକଳାପ ସୂଚୀ ଜୁନ୍‌ରେ ୪୯.୬% ଥିବା ବେଳେ ଏହା ଜୁଲାଇରେ ୫୩.୮%କୁ ବୃଦ୍ଧି ଘଟିଛି।

– ଆଇଏଚ୍ଏସ୍ ମାର୍କିଟ୍






NECC NATIONAL EGG CO-ORDINATION COMMITTEE 05.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 61 | 107 | 117 |
| BHM | 58 | 103 | 113 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

## ଭରତପୁର ଖଣିରୁ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

ତାଳଚେର, ୫ା୮ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣିରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ବେଳେ ସୋମବାର ଏକ ମୁଣ୍ଡବିହୀନ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ଜଣାପଡି ନାହିଁ। ବଲଣ୍ଡା ପୋଲିସ ମୃତଦେହ ଜବତ କରି ତାଳଚେର ଉପଖଣ୍ଡ ଡାକ୍ତରଖାନା ଶବାଗାରରେ ରଖିଛି। ଚିହ୍ନଟ ପରେ ତାହାକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଏମ୍‌ସିଏଲ୍ ପକ୍ଷରୁ ଘରୋଇ କମ୍ପାନୀ ସିକଲକୁ ଭରତପୁର ଖଣିରୁ କୋଇଲା ଉତ୍ତୋଳନ ଦାୟିତ୍ୱ ଦିଆଯାଇଛି। ଗତ ମାସ ୨୩ ତାରିଖ ରାତିରେ କୋଇଲା ଖନନ ଚାଲିଥିବା ବେଳେ ଖଣି ଭିତରକୁ ବିରାଟ ମାଟି ଓ କୋଇଲା ଅତଡ଼ା ଖସି ପଡ଼ିବାରୁ ଡ୍ରାଇଭର ପିପୁନ ବିଶ୍ୱାଳ, ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ ଓ ପମ୍ପ ଖଲାସୀ ରାଜକିଶୋର ମହାପାତ୍ର ପୋତି ହୋଇଯାଇଥିଲେ। ଅନ୍ୟ ୯ଜଣ ଦୂରକୁ ଛିଟିକି ପଡ଼ିବାରୁ ସେମାନଙ୍କୁ ପ୍ରଥମେ ଉଦ୍ଧାର କରାଯାଇ ସେଣ୍ଟ୍ରାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୪ ତାରିଖ ଅପରାହ୍ନରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ପିପୁନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହାପରେ ୨୬ ତାରିଖରେ ଖଲାସୀ ରାଜକିଶୋର ମହାପାତ୍ର ଓ ସୁପରଭାଇଜର ରଶ୍ମିରଞ୍ଜନ ବେହେରାଙ୍କ ମୃତଦେହ ମିଳିଥିଲା। ହେଲେ ସିକ୍ୟୁରିଟି ଗାର୍ଡ ରମେଶଙ୍କ ମୃତଦେହ ମିଳି ନ ଥିଲା। ପରେ ଖଣି ଭିତରୁ ଗୋଟିଏ ହାତ ଓ ଗୋଡ଼ ସହ ପେଟର କିଛି ଅଂଶ ଉଦ୍ଧାର କରାଯାଇଥିଲେ ବି ତାହା କାହାର ଜଣାପଡ଼ି ନ ଥିଲା। ପରେ ରମେଶଙ୍କ ପରିବାର ଲୋକେ ତାହାକୁ ଚିହ୍ନଟ କରିବାରୁ ବ୍ୟବଚ୍ଛେଦ କରାଯାଇଥିଲା। ସୋମବାର ମୁଣ୍ଡବିହୀନ ଗଳିତ ମୃତଦେହ ଉଦ୍ଧାର ହୋଇଥିଲେ ବି ଖଣିରୁ ମାଟି କାଢ଼ିବା କାର୍ଯ୍ୟ ଜାରି ରହିଛି।

ଅପରପକ୍ଷରେ ଦୁର୍ଘଟଣା ପରଠାରୁ ଖଣି ବନ୍ଦ ଆନ୍ଦୋଳନ ଚାଲିଛି। ପ୍ରଥମେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ହେଲେ ତାହା ପ୍ରତ୍ୟାହାର ପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ କୋଲ୍ ଫିଲ୍‌ଡସରେ ଥିବା ସମସ୍ତ କୋଇଲା ଖଣି ବନ୍ଦ ରହିଛି। ଖଣି ଚାଲୁ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ଦିଗରେ କିଛି ଅଗ୍ରଗତି ହୋଇ ନ ଥିବା ବେଳେ ଆଜି ତାଳଚେର କୋଲ ଫିଲ୍ଡସ୍‌ର ସମସ୍ତ କର୍ମଚାରୀ ବନ୍ଦ ରହିଥିବା ଖଣି ଚାଲୁ କରାଯିବା, ମୃତକଙ୍କ ପରିବାରକୁ ନିଯୁକ୍ତି, କ୍ଷତିପୂରଣ ପ୍ରଦାନ ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ଶଙ୍କର ବେହେରା, ସଞ୍ଜୟ ମାଝି, ଚର୍ତୁଭୂଜ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।







ଯଦି ୩୭୦ ଧାରା ଉଚ୍ଛେଦ ଜମ୍ମୁ-କଶ୍ମୀରରେ ଶାନ୍ତି ଆଣିପାରିବ, ତେବେ କେନ୍ଦ୍ରର ନିଷ୍ପତ୍ତି ଠିକ୍ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ଜରୁରୀ।

-ଏଚ୍.ଡି. କୁମାରସ୍ୱାମୀ, ଜେଡିଏସ୍ ନେତା





ଜମ୍ମୁରେ ସୋମବାର ବର୍ଷା ହେଉଥିବାବେଳେ ନିଜ ପିଲାକୁ ଧରି ସୁରକ୍ଷା କର୍ମୀଙ୍କୁ ଅତିକ୍ରମ କରିଯାଉଛନ୍ତି ଜଣେ ମହିଳା।



ଜମ୍ମୁରେ ରାତ୍ରକାଳୀନ କର୍ଫ୍ୟୁ ବେଳେ ରଘୁନାଥ ବଜାରରେ ଜଣେ ସିଆର୍‌ପିଏଫ୍ ଯବାନ ଜଗି ରହିଛନ୍ତି।

## ■୩୭୦ ଉଚ୍ଛେଦ, ଜମ୍ମୁ-କଶ୍ମୀରରୁ ଲଦାଖ ପୃଥକ୍

# ମୋଦିଙ୍କ ମିଶନ ସଫଳ କରାଇଲେ ଶାହ


**ନୂଆଦିଲ୍ଲୀ,୫।୮**

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବା ସହ ଏହାକୁ ଦୁଇଭାଗ କରିବା ଲାଗି ଜୁନ୍ ତୃତୀୟ ସପ୍ତାହରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅବଗଣନା ଆରମ୍ଭ କରିଥିଲେ। ଏଥିପାଇଁ ସେ ପିଏମ୍‌ଓରେ ଯୁଗ୍ମ ସଚିବ ଥିବା ୧୯୮୭ ବ୍ୟାଚ୍‌ର ଛତିଶଗଡ କ୍ୟାଡର ଆଇଏଏସ୍ ଅଫିସର ବି.ଭି.ଆର୍. ସୁବ୍ରମଣ୍ୟମଙ୍କୁ ଜମ୍ମୁ-କଶ୍ମୀରର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଥିଲେ। ସମ୍ପୂର୍ଣ୍ଣ କଶ୍ମୀର ମିଶନର ଦାୟିତ୍ୱ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଦିଆଯାଇଥିବାବେଳେ ଏହାର ଆଇନଗତ କାର୍ଯ୍ୟକାରିତା ଦିଗ ଉପରେ ସମୀକ୍ଷା ଦାୟିତ୍ୱ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ ତାଙ୍କର ଏକ କୋର୍ ଟିମ୍‌କୁ ଦିଆଯାଇଥିଲା।

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ଶାହ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ନେଇ କେନ୍ଦ୍ରର ସଂକଳ୍ପ ସମ୍ପର୍କରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ) ମୁଖ୍ୟ ମୋହନ ଭାଗବତଙ୍କୁ ଅବଗତ କରାଇଥିଲେ। ଆଇନଗତ ପରାମର୍ଶ ପରେ ଶାହ ଉପତ୍ୟକାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦାୟିତ୍ୱ ନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସହ ଦୁଇଥର ବୈଠକ କରିଥିଲେ। ଡୋଭାଲଙ୍କୁ ଶ୍ରୀନଗରରେ ୩ ଦିନ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଶେଷରେ ଜୁଲାଇ ୨୬ରେ ଅମରନାଥ ଯାତ୍ରା ବାତିଲ କରିବାକୁ ନିଷ୍ପତ୍ତି ନିଆଗଲା ଏବଂ ଉପତ୍ୟକାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ତୁରନ୍ତ ଫେରିଯିବା ପାଇଁ ଆଡଭାଇଜରି ଜାରି କରାଗଲା। ଏଥିସହିତ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ୧୦୦ କମ୍ପାନୀ ଯବାନ ଜମ୍ମୁ-କଶ୍ମୀର ପଠାଗଲା।

ଗ୍ରାଉଣ୍ଡ ଜିରୋରେ ବିଭିନ୍ନ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ବ୍ଲୁ-ପ୍ରିଣ୍ଟ ଜମ୍ମୁ-କଶ୍ମୀର ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିଲା। ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ବରାବର ସମ୍ପର୍କରେ ରହିଥିଲେ। ୧୧ ଦିନ ପୂର୍ବରୁ ଜମ୍ମୁ-କଶ୍ମୀରର ଅଧିକାରୀମାନଙ୍କୁ ଅଗଷ୍ଟ ୫ ଡେଡ୍‌ଲାଇନ୍ ଦିଆଯାଇଥିଲା। ସେହି ଅନୁଯାୟୀ ରବିବାର ସନ୍ଧ୍ୟା ସୁଦ୍ଧା ୪୩ ହଜାର ଅର୍ଦ୍ଧସାମରିକ ବାହିନୀ ରାଜ୍ୟର ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଅତିରିକ୍ତ ୬୦ ଜଣ ଅତିରିକ୍ତ ସ୍ୱତନ୍ତ୍ର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରାଯାଇଥିଲା ଏବଂ ରବିବାର ରାତିରୁ ମୋବାଇଲ ଓ ବ୍ରଡ୍‌ବ୍ୟାଣ୍ଡ୍ ସେବା ବନ୍ଦ କରିଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଗିରଫ ବ୍ୟକ୍ତିମାନଙ୍କୁ ରଖିବା ପାଇଁ ୬ଟି ଅସ୍ଥାୟୀ ଜେଲ୍‌ର ବ୍ୟବସ୍ଥା କରାଯାଇଥିଲା।

ସେପଟେ ରାଜ୍ୟ ସଭାରେ ସମର୍ଥନ ଯୋଗାଡ଼ କରିବା ଦାୟିତ୍ୱ ଶାହ ଏମ୍‌ପି ଅନିଲ୍ ବାଲୁନି ଓ ଭୂପେନ୍ଦ୍ର ଯାଦବଙ୍କୁ ଦେଇଥିଲେ। ଏହି ଟିମ୍ ଟିଡିପି ସଦସ୍ୟଙ୍କ ମଧ୍ୟରେ ଦଳବଦଳ କରାଇବା ସହ ସମାଜବାଦୀ ପାର୍ଟି ଏମ୍‌ପି ନୀରଜ ଶେଖର, ସୁରେନ୍ଦ୍ର ନାଗର, ସଞ୍ଜୟ ସେଠ୍ ଏବଂ କଂଗ୍ରେସ ଏମ୍‌ପି ସଞ୍ଜୟ ସିଂଙ୍କୁ ରାଜ୍ୟ ସଭାରୁ ଇସ୍ତଫା ଦେବାର ବ୍ୟବସ୍ଥା କରାଇଥିଲେ। ଏଥିସହିତ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ରାଜ୍ୟ ବିଭାଜନ ପ୍ରସ୍ତାବକୁ ସମର୍ଥନ ଜଣାଇବା ପାଇଁ ବିଏସ୍‌ପି ନେତା ସତୀଶ ମିଶ୍ରଙ୍କୁ ଉକ୍ତ ଟିମ୍ ରାଜି କରାଇଥିଲା।



- ■ଲୋକ ସଭା ଅଧିବେଶନ ପୂର୍ବରୁ କେନ୍ଦ୍ରର ନିଷ୍ପତ୍ତି ଆର୍‌ଏସ୍‌ଏସକୁ ଜଣାଇଥିଲେ ଶାହ
- ■ଗ୍ରାଉଣ୍ଡ ଜିରୋରେ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ବ୍ଲୁ-ପ୍ରିଣ୍ଟ ଜମ୍ମୁ-କଶ୍ମୀର ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିଲା
- ■ରାଜ୍ୟ ସଭାରେ ସଂଖ୍ୟା ଯୋଗାଡ଼ ଦାୟିତ୍ୱ ନେଇଥିଲେ ଏମ୍‌ପି ଅନିଲ୍ ବାଲୁନି ଓ ଭୂପେନ୍ଦ୍ର ଯାଦବ
- ■ଅସ୍ଥାୟୀ ଜେଲ୍ ଓ ମୋବାଇଲ କୋର୍ଟ ବ୍ୟବସ୍ଥା କରାଯାଇଥିଲା।

## ସୁରକ୍ଷା ବଳକୁ ଆଲର୍ଟ ରଖିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ

ନୂଆଦିଲ୍ଲୀ,୫।୮(ପି.ଟି.): ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାରୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ସେମାନଙ୍କ ସୁରକ୍ଷା ବଳକୁ ସର୍ବାଧିକ ଆଲର୍ଟରେ ରଖିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ରାଜ୍ୟରେ ରହୁଥିବା ଜମ୍ମୁ-କଶ୍ମୀର ବାସିନ୍ଦା ତଥା ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ପରାମର୍ଶ ଦେଇଛି। ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ରାଜ୍ୟ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରଚାର କରିବା ଏବଂ ଶାନ୍ତି ଯେପରି ଭଙ୍ଗ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ସୋସିଆଲ ମିଡିଆରେ ଯେପରି ମିଥ୍ୟା ଖବର ଓ ଗୁଜବ ପ୍ରଚାର ନ ହୁଏ ସେଥିପ୍ରତି ଆଇନଶୃଙ୍ଖଳା ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସତର୍କ ରହିବା ଲାଗି କୁହାଯାଇଛି।

## ବୁଧବାର ରାଷ୍ଟ୍ରକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୫।୮: ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ କେନ୍ଦ୍ର ସରକାର ନେଇଥିବା ଐତିହାସିକ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆସନ୍ତା ବୁଧବାର ରାଷ୍ଟ୍ରକୁ ସମ୍ବୋଧିତ କରିପାରନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଏହି ବିବାଦୀୟ ଅନୁଚ୍ଛେଦ ଉଚ୍ଛେଦ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ସୋମବାର ରାଜ୍ୟ ସଭାରେ ସଂକଳ୍ପନାକମା ଏବଂ ରାଜ୍ୟ ପୁନର୍ଗଠନ ବିଧେୟକ ଆଗତ କରିଥିଲେ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ସମ୍ପର୍କିତ ଗେଜେଟ ବିଜ୍ଞପ୍ତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ, ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାଜପାର ନିର୍ବାଚନୀ ପ୍ରତିଶ୍ରୁତି ଥିଲା।



ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁରେ ଖୁସିର ମାହୋଲ।

## କେଉଁମାନେ ସମର୍ଥନ ଦେଲେ

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ହୋଇଛି। ଏଥିସହିତ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ଦଳ ପକ୍ଷରୁ ସମର୍ଥନ ମିଳିଛି। ତେବେ ଭାଜପାର ଏକମାତ୍ର ସହଯୋଗୀ ନୀତୀଶ କୁମାରଙ୍କ ଜେଡିୟୁ ସରକାରଙ୍କ ପ୍ରସ୍ତାବର ବିରୋଧ କରିଥିଲା। ସରକାରଙ୍କ ନିଷ୍ପତ୍ତିକୁ ବିଜୁ ଜନତା ଦଳ (ବିଜେଡି), ବିଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ଏଆଇଏଡିଏମ୍‌କେ, ଶିବସେନା, ଆଇଏନ୍‌ଏଲ୍‌ଡି ସମର୍ଥନ ଜଣାଇଥିବାବେଳେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିଡିପି ଆଦି ଦଳ ବିରୋଧ କରିଥିଲେ।

ଆଜି ବାସ୍ତବ ଅର୍ଥରେ ଜମ୍ମୁ-କଶ୍ମୀର ଭାରତର ଅଂଶବିଶେଷ ହେଲା ବୋଲି ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ବିଜେଡି ସରକାରଙ୍କ ପ୍ରସ୍ତାବକୁ ସମର୍ଥନ କରୁଛି। ଏହା ଏକ ଆଞ୍ଚଳିକ ଦଳ ହେଲେ ମଧ୍ୟ ଆମ ପାଇଁ ରାଷ୍ଟ୍ର ପ୍ରଥମ ବୋଲି ରାଜ୍ୟ ସଭାରେ ଆଚାର୍ଯ୍ୟ କହିଥିଲେ।

ବିଏସ୍‌ପି ଅନୁଚ୍ଛେଦ ୩୭୦ ଓ ଅନ୍ୟାନ୍ୟ ବିଲ୍‌କୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଏହାର ଏମ୍‌ପି ସତୀଶ ଚନ୍ଦ୍ର ମିଶ୍ର କହିଥିଲେ। ଏହା ସରକାରଙ୍କର ଏକ ଐତିହାସିକ ନିଷ୍ପତ୍ତି ବୋଲି ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ପକ୍ଷରୁ କୁହାଯାଇଛି। ଏହି ଐତିହାସିକ ପରିବର୍ତ୍ତନ ଆଣିଥିବାରୁ ତାଙ୍କ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହଙ୍କୁ ଖୋଲା ହୃଦୟରେ ପ୍ରଶଂସା କରୁଛି ବୋଲି ଏମ୍‌ପି ବିଜୟସାଇ ରେଡ୍ଡୀ କହିଥିଲେ। ତେବେ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାର ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ ଏବଂ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ପରମ୍ପରାରେ ଚାଲୁଥିବାରୁ ଆମ ଦଳ ବିଲ୍‌କୁ ସମର୍ଥନ ଦେବ ନାହିଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ଜେଡିୟୁ ଚାହେଁ ନାହିଁ ବୋଲି ଦଳର ବରିଷ୍ଠ ନେତା କେ.ସି. ତ୍ୟାଗୀ କହିଥିଲେ।

## କିପରି କାର୍ଯ୍ୟ କରିବ ନୂଆ କେନ୍ଦ୍ରଶାସିତ ଅଞ୍ଚଳ

**ନୂଆଦିଲ୍ଲୀ,୫।୮(ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ଏହା ଆଇନରେ ପରିଣତ ହେଲେ ଜମ୍ମୁ-କଶ୍ମୀର ଏବଂ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ହେବ। ଜମ୍ମୁ-କଶ୍ମୀର ପାଇଁ ବିଧାନସଭା ରହିବାକୁ ଥିବାବେଳେ ଲଦାଖରେ ବିଧାନସଭା ରହିବ ନାହିଁ। ଜମ୍ମୁ ଓ କଶ୍ମୀର ଅନ୍ତର୍ଗତ ଅଞ୍ଚଳ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଅଧୀନରେ ରହିବ ଏବଂ ବର୍ତ୍ତମାନର ରାଜ୍ୟପାଳ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ହେବେ। ଜମ୍ମୁ-କଶ୍ମୀର ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ ରହିବ। ଏହାର ବିଧାୟକ ସଂଖ୍ୟା ୧୦୭ ରହିବାକୁ ଥିବାବେଳେ ସେଥିରୁ ୨୪ଟି ଆସନ ପାକ୍ ଅଧିକୃତ କଶ୍ମୀର(ପିଓକେ) ଅଞ୍ଚଳ ପାଇଁ ଖାଲି ରହିବ। ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭାରେ ୧୧୧ ବିଧାୟକ ଥିବାବେଳେ ସେଥିରୁ ୮୭ ଜଣ ନିର୍ବାଚିତ ଓ ୨ ଜଣ ମନୋନୀତ ହେଉଥିଲେ। ବାକି ୨୪ ଆସନ ପିଓକେ ପାଇଁ ଖାଲି ରହୁଥିଲା। ଜମ୍ମୁ-କଶ୍ମୀରରୁ ରାଜ୍ୟ ସଭାକୁ ୪ ଜଣ ଏମ୍‌ପି ନିର୍ବାଚିତ ହେଉଥିବାବେଳେ ତାହା ଅପରିବର୍ତ୍ତିତ ରହିବ। ଲୋକ ସଭାକୁ ନିର୍ବାଚିତ ହେଉଥିବା ୬ ଏମ୍‌ପିଙ୍କ ମଧ୍ୟରୁ ଜମ୍ମୁ-କଶ୍ମୀରରୁ ୫ ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରୁ ଜଣେ ଏମ୍‌ପି ନିର୍ବାଚିତ ହେବେ। ବିଧାନସଭାରେ ଗୃହୀତ ବିଲ୍ ଉପରାଜ୍ୟପାଳଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେବ। ତେବେ ଉପରାଜ୍ୟପାଳ ଚାହିଁଲେ ଏହାକୁ ସ୍ୱୀକୃତି ଦେବେ, ଅଟକାଇ ରଖିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବେ।




## କଶ୍ମୀର ଗଲେ ଡୋଭାଲ

୩୭୦ ଉଚ୍ଛେଦ ପରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ ପାଇଁ ଏନ୍‌ଏସ୍‌ଏ ଅଜିତ ଡୋଭାଲ ଶ୍ରୀନଗର ଗସ୍ତ କରିଛନ୍ତି। ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ବିଭକ୍ତ କରାଯାଇଛି। କଶ୍ମୀର ଯିବା ପୂର୍ବରୁ ଡୋଭାଲ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ଯୋଗଦେଇଥିଲେ। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଉପସ୍ଥିତ ଥିଲେ। ଅମରନାଥ ଯାତ୍ରା ପୂର୍ବରୁ ଜୁନ୍‌ରେ ଡୋଭାଲଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।



## ଆଉ ୮ ହଜାର ଯବାନ ଗଲେ

**ନୂଆଦିଲ୍ଲୀ,୫।୮**

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଘୋଷଣା ହେବା ପରେ ସେଠାକୁ ପୁଣି ୮ ହଜାର ଅର୍ଦ୍ଧସାମରିକ ଯବାନ ପ୍ରେରଣ କରାଯାଇଛି। ଦେଶର ବିଭିନ୍ନ ସ୍ଥାନରୁ ସେମାନଙ୍କୁ ବିମାନ ଯୋଗେ ଉପତ୍ୟକାକୁ ପଠାଇ ଦିଆଯାଇଛି। ବାୟୁସେନାର ସି-୧୭ ପରିବହନ ବିମାନକୁ ଏଥିପାଇଁ ନିୟୋଜିତ କରାଯାଇଛି। ଏମାନଙ୍କୁ ମିଶାଇ ସପ୍ତାହକ ମଧ୍ୟରେ ଜମ୍ମୁ-କଶ୍ମୀରକୁ ୪୬ ହଜାର ଅତିରିକ୍ତ ସେନା ପ୍ରେରଣ କରାଗଲାଣି। ସେଠାରେ ମହଜୁଦ୍ ଥିବା ସବୁ ବାହିନୀର ଯବାନମାନଙ୍କୁ ହାଇ ଆଲର୍ଟରେ ରଖାଯାଇଛି ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଅମରନାଥ ଯାତ୍ରା ବାତିଲ ହେବା ପରେ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଫେରିବାରେ ଲାଗିଛନ୍ତି। ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## ଜମ୍ମୁ-କଶ୍ମୀର ହେବ ସର୍ବବୃହତ୍ କେନ୍ଦ୍ରଶାସିତ ଅଞ୍ଚଳ

**ନୂଆଦିଲ୍ଲୀ,୫।୮(ପି.ଟି.)**

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିବା ସହ ୩୭୦ ଧାରା ଉଚ୍ଛେଦ କରିଛନ୍ତି। ଜମ୍ମୁ-କଶ୍ମୀର ଓ ଲଦାଖ୍‌କୁ ଅଲଗା କରାଯାଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଏଥିସହ ଜମ୍ମୁ-କଶ୍ମୀର ଭାରତର ସବୁଠାରୁ ବଡ଼ କେନ୍ଦ୍ରଶାସିତ ଅଞ୍ଚଳ ହୋଇଛି। ଭୂଖଣ୍ଡ ଦୃଷ୍ଟିରୁ ଜମ୍ମୁ-କଶ୍ମୀର ଦେଶର ବୃହତ୍ କେନ୍ଦ୍ର ଶାସିତ ଅଞ୍ଚଳ ହେବାର ମାନ୍ୟତା ପାଇଛି। ଲଦାଖ୍ ଦେଶର ଦ୍ୱିତୀୟ ବୃହତମ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ହାସଲ କରିଛି। ବହୁଦିନ ଧରି ଲଦାଖ୍‌ବାସୀ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଲାଗି ଦାବିକରି ଆସୁଥିଲେ। ଏବେ ଏହି ଦୁଇ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଶାଇ ଭାରତର ମୋଟ କେନ୍ଦ୍ର ଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧିପାଇଛି। ଦିଲ୍ଲୀ, ପୁଡୁଚେରି, ଡିଉ ଓ ଡାମନ୍, ଦାଦ୍ରା ଓ ନଗର ହାବେଳି, ଚଣ୍ଡିଗଡ଼, ଲାକ୍ଷାଦ୍ୱୀପ, ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ। ସମ୍ପ୍ରତି ଦିଲ୍ଲୀ ଓ ପୁଡୁଚେରୀରେ ବିଧାନସଭା ରହିଥିବାବେଳେ ଜମ୍ମୁ-କଶ୍ମୀରର ବିଧାନସଭା ରହିବ।

## ରାଜନେତାଙ୍କ ପ୍ରତିକ୍ରିୟା



“ଭାରତ ସରକାରଙ୍କ ନିଷ୍ପତ୍ତି ଜମ୍ମୁ-କଶ୍ମୀରବାସୀଙ୍କ ବିଶ୍ୱାସ ଉପରେ କୁଠାରାଘାତ କରିଛି। ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଏକପାଖିଆ ଓ ଆଘାତପୂର୍ଣ୍ଣ। ରାଜ୍ୟରୁ ୩୭୦ ଧାରା ହଟାଯିବାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ। ଏନେଇ ସର୍ବଦଳୀୟ ବୈଠକରେ ଚେତାବନୀ ଦିଆଯାଇଥିଲା।

**-ଓମାର ଅବ୍‌ଦୁଲ୍ଲା, ଏନ୍‌ସି ଉପାଧ୍ୟକ୍ଷ**



“ଭାରତ ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ଓ ଭୟଙ୍କର। ଭାରତର ଏକମାତ୍ର ମୁସଲମାନ ବହୁଳ ରାଜ୍ୟରେ ଗଣତନ୍ତ୍ରକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରାଯାଉଛି। ମୁସଲମାନଙ୍କୁ ଶକ୍ତିହୀନ କରି ଦ୍ୱିତୀୟ ନାଗରିକ ଭାବେ ନିଜ ରାଜ୍ୟରେ ରଖିବା ଉଦ୍ଦେଶ୍ୟ। ଏହା ବେଆଇନ ଓ ଅସାମ୍ବିଧାନିକ। ଭାରତୀୟ ଗଣତନ୍ତ୍ର ଲାଗି ଆଜି ସବୁଠାରୁ କଳାଦିବସ।

**-ମେହବୁବା ମୁଫ୍‌ତି, ପିଡିପି ନେତ୍ରୀ**




“ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଏହା ରାଜ୍ୟରେ ଶାନ୍ତି ଓ ବିକାଶ ଆଣିବାରେ ସହାୟକ ହୋଇପାରିବ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



“କେନ୍ଦ୍ରର ପଦକ୍ଷେପ ସମ୍ପୂର୍ଣ୍ଣ ଭୁଲ। ସାମୟିକ ଭାବେ ଏହାକୁ ବିଜୟ ବୋଲି ଅନୁଭବ କରାଗଲେ ବି ଇତିହାସ ଏହା ଭୁଲ ବୋଲି ପ୍ରମାଣ କରିବ। ଭବିଷ୍ୟତ ବଂଶଧର ଅନୁଭବ କରିବେ ଯେ, ରାଜ୍ୟ ସଭାରେ ଆଜି କେତେବଡ଼ ଭୁଲ ହୋଇଥିଲା।

**-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା**




“କେନ୍ଦ୍ରସରକାରସମ୍ବିଧାନକୁଉପହାସକରିହତ୍ୟାକରିଛି। ଭୋଟ ହାତେଇବା ଲାଗି ଭାଜପା ସରକାର ଏଭଳି ପଦକ୍ଷେପ ନେଇଛି। ରାଜନୈତିକ ଦଳଗୁଡ଼ିକ ଜମ୍ମୁ-କଶ୍ମୀର ଲାଗି ଏକାଠି ସ୍ୱର ଉତ୍ତୋଳନ କରିବା ଉଚିତ। ଅସାମ୍ବିଧାନିକ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ।

**-ଗୁଲାମନବୀ ଆଜାଦ୍, ବରିଷ୍ଠ କଂଗ୍ରେସ ନେତା**



“ଜମ୍ମୁ-କଶ୍ମୀରବାସୀଙ୍କ ସହ ଆଲୋଚନା କରା ନ ଯାଇ ୩୭୦ ଧାରା ରାଜ୍ୟରୁ ହଟାଯିବା ଠିକ୍ ନୁହେଁ। ସରକାରଙ୍କୁ ଏଆଇଏଡିଏମ୍‌କେ ସମର୍ଥନ ଦେବା ନିନ୍ଦାର ବିଷୟ।

**-ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ମୁଖ୍ୟ**



“ଏଭଳି ଐତିହାସିକ ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଉଛି। ଜମ୍ମୁ-କଶ୍ମୀର ଓ ଲଦାଖରେ ଶାନ୍ତି ଓ ଉତ୍ସାହ ସହ ବିକାଶ କାର୍ଯ୍ୟ କରାଯିବା ଉଚିତ।

**-ଏଲ୍.କେ. ଆଡଭାନୀ, ବରିଷ୍ଠ ଭାଜପା ନେତା**



“ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଠାଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଗଣତାନ୍ତ୍ରିକ ଉପାୟରେ ସମସ୍ତଙ୍କୁ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ଥିଲା।

**-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**




“ଆଇନଗତ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ମୋଦି ଭାରତର ନୂଆ ସମ୍ବିଧାନ ଲେଖିବାକୁ ଚାହୁଁଛନ୍ତି। ଏଭଳି ଐତିହାସିକ ନିଷ୍ପତ୍ତି ଏକପାଖିଆ ଭାବେ ନିଆଯିବା ଠିକ୍ ନୁହେଁ।

**-କ୍ୟାପ୍‌ଟେନ ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ**



“ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯିବା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଆମେ ସମର୍ଥନ କରୁଛୁ। ରାଜ୍ୟବାସୀଙ୍କ ଶାନ୍ତି ଓ ଉତ୍ସାହ ଲାଗି ମୁଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି।

**-ଏନ୍. ଚନ୍ଦ୍ରାବାବୁ ନାଇଡୁ, ଟିଡିପି ମୁଖ୍ୟ**




# ଆସିକା, କୁଜଙ୍ଗରେ ଏନ୍‌କାଉଣ୍ଟର

## ବଟି ଆଦାୟ ପୂର୍ବରୁ ଗୁରୁପ୍ରସାଦ ଆହତ

- ସହଯୋଗୀ ଫେରାର୍, ୨ ପୋଲିସ ଆହତ
- ବନ୍ଧୁକ, ଗୁଳି ଓ ବାଇକ ଜବତ
- ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି


ଗୁରୁପ୍ରସାଦ ସ୍ୱାଇଁ

ଆସିକା,୫।୮(ଡି.ଏନ୍.ଏ.)

ଆସିକା-ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟରେ ସୋମବାର ଭୋର ସମୟରେ ପୋଲିସର ଏନ୍‌କାଉଣ୍ଟରରେ ଗୁରୁପ୍ରସାଦ ସ୍ୱାଇଁ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଜଣେ ସହଯୋଗୀଙ୍କ ସହ ଗୁରୁପ୍ରସାଦ ବଟି ଆଦାୟ ପାଇଁ ବାଇକ୍‌ରେ ଯାଉଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସକୁ ଦେଖି ସେମାନେ ପ୍ରଥମେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା । ପରେ ଗୁରୁପ୍ରସାଦ ଓ ତାଙ୍କ ସହଯୋଗୀ ବୋମାମାଡ଼ କରି ଖସିଯିବାକୁ ଚେଷ୍ଟା କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ଗୁରୁପ୍ରସାଦଙ୍କ ବାମ ଗୋଡ଼ରେ ବାଜିଥିଲା। ସେ ସେଠାରେ ଖସି ପଡିବାରୁ ପୋଲିସ ତାଙ୍କୁ ଗିରଫ କରିଛି । ଏହି ସୁଯୋଗରେ ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି । ଗୁରୁତର ଅବସ୍ଥାରେ ଗୁରୁପ୍ରସାଦଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କ ବୋମା ମାଡ଼ରେ କୋଟିନଡ଼ା ଫାଣ୍ଡି ଏଏସ୍‌ଆଇ ଯୁଧିଷ୍ଠିର ମାଝି ଓ କନଷ୍ଟେବଲ ହରେକୃଷ୍ଣ ସବର ଆହତ ହୋଇଛନ୍ତି। ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରୁ ଗୋଟିଏ ୯ ଏମଏମ ବନ୍ଧୁକ, ୨ ରାଉଣ୍ଡ ଗୁଳି, ଦୁଇଟି ଖୋକା, ନମ୍ବରବିହୀନ ବାଇକ୍, ଗୁରୁପ୍ରସାଦଙ୍କ ପକେଟରୁ ୫,୫୦୦ ଟଙ୍କା ଜବତ କରିଛି। ଫରେନସିକ ଟିମ୍ ପରିସ୍ଥିତି ଅନୁଧ୍ୟାନ କରିଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବଡଗଡ ଥାନା ଅନ୍ତର୍ଗତ ଗାଙ୍ଗପୁର ଗ୍ରାମର ଗୁରୁପ୍ରସାଦଙ୍କ ନାମରେ ଆସିକା, ଭଞ୍ଜନଗର, ଗାଙ୍ଗପୁର, ଜଗନ୍ନାଥପ୍ରସାଦ, ବଡ଼ଗଡ ଆଦି ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ଡକାୟତି, ହତ୍ୟା, ବଟି ଆଦାୟ ଭଳି ୧୩ ସଙ୍ଗୀନ ମାମଲାର ସେ ଅଭିଯୁକ୍ତ। ଗାଙ୍ଗପୁର ଗ୍ରାମରେ ଘଟିଥିବା ସନିଆ ବିଷୋୟୀ ହତ୍ୟା ମାମଲା ଓ ସୋରଡା-କଣ୍ଟେଇପଲ୍ଲୀ ରାସ୍ତାରେ ଗୋରୁ ବେପାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ ମାମଲାରେ ମଧ୍ୟ ଗୁରୁପ୍ରସାଦ ମୁଖ୍ୟ ଅଭିଯୁକ୍ତ ଥିଲେ। ଏପରିକି କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ ନିଜକୁ ମାଓବାଦୀ ପରିଚୟ ଦେଇ ଠିକାଦାରମାନଙ୍କଠାରୁ ରୀତିମତ ସେ ଲକ୍ଷାଧିକ ଟଙ୍କା ବଟି ଆଦାୟ କରି ଆସୁଥିଲେ। ଗୁରୁପ୍ରସାଦ ଓ ଫେରାର ଥିବା ତାଙ୍କ ସହଯୋଗୀ ଆସିକା କଲେଜ ଛକର ଦାମୋଦର ସାହୁ ଓ ବରଗାଁ ଗ୍ରାମର ନାର୍ସୁ ବିଶ୍ୱାଳଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ବଟି ମାଗିଥିଲେ । ସୋମବାର ସକାଳେ ସେମାନେ ଚାରିମଇଲି ନିକଟରେ ଟଙ୍କା ଦେବାର ଥିଲା । ୨ ଅଭିଯୁକ୍ତ ଟଙ୍କା ଆଦାୟ ପାଇଁ ବାଇକରେ ଯାଉଥିବା ପୋଲିସକୁ ଖବର ମିଳିଥିଲା। ଆସିକା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଧରାକୋଟ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା, ସୋରଡା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, କୋଟିନଡା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି ସଶସ୍ତ୍ର ପୋଲିସ ସହ ସେମାନଙ୍କ ପିଛା କରିଥିଲେ ବୋଲି ଏସ୍‌ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ଉପରକୁ ଗୁଳି ଚଳାଇବା ଓ ବୋମା ମାଡ କରିଥିବା ନେଇ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ଏକ ମାମଲା(ନଂ.୨୫୩/୧୯) ରୁଜୁ କରାଯାଇଥିବା ଥାନା ଅଧିକାରୀ ଧାରୁଆ କହିଛନ୍ତି ।

## ଡନ୍ ଗୁରୁତର

- ବିଭିନ୍ନ ଥାନାରେ ରହିଛି ୩୬ରୁ ଊର୍ଦ୍ଧ୍ୱ ମାମଲା
- ବାଇକ, ବନ୍ଧୁକ ଜବତ



କୁଜଙ୍ଗ,୫।୮(ସ୍ୱ.ପ୍ର)

ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଥାନାରେ ୩୬ରୁ ଊର୍ଦ୍ଧ୍ୱ ଡକାୟତି ଓ ରାହାଜାନି ମାମଲାରେ ସମ୍ପୃକ୍ତ ଡନ୍ ରବିବାର ବିଳମ୍ବିତ ରାତିରେ ପୋଲିସ ଏନ୍‌କାଉଣ୍ଟରରେ ଗୁରୁତର ଆହତ ହୋଇଛନ୍ତି। ଡନଙ୍କ ଦୁଇ ଗୋଡ଼ରେ ୩ଟି ଗୁଳି ବାଜିଛି। ରାତି ୪ଟାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ କହିଛି।

ଦୀର୍ଘଦିନ ଧରି କୁଜଙ୍ଗ ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଡନ୍‌ଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିବା ସୋମବାର ସକାଳେ ଜଣାପଡିଥିଲା। ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଥିଲା । ଡନ୍ ଓରଫ ବିକ୍ରମ ପାଲ(୩୬)ଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ପାନପୁଲି ଗ୍ରାମରେ। ରବିବାର କୁଜଙ୍ଗ ଅଞ୍ଚଳରେ ସେ ୨ଟି ରାହାଜାନି ଘଟାଇଥିଲେ। ଦିନ ତମାମ ପୋଲିସ ତାଙ୍କୁ ଖୋଜୁଥିବାବେଳେ ରାତି ୨ଟାରେ ସେ ପୁଣି ଡକାୟତି ଯୋଜନା କରୁଥିବା ଜଣାପଡିଥିଲା। କୁଜଙ୍ଗ ଥାନାଠାରୁ ୧୫ କିମି ଦୂର ବାଲିତୁଠ କଣ୍ଟେଇନାଳୀ ଗାଁ ମୁଣ୍ଡ ଜଙ୍ଗଲ ପାଖରେ ଡନ୍ ଓ ତାଙ୍କର ଜଣେ ସହଯୋଗୀ ଡକାୟତି ଯୋଜନା କରି ବାଇକ ଯୋଗେ କୌଣସି ଏକ ସ୍ଥାନକୁ ଯାଉଥିଲେ। ଏହି ସମୟରେ ପୋଲିସ ତାଙ୍କୁ ପିଛା କରିଥିଲା। ପୋଲିସକୁ ଦେଖି ତାଙ୍କ ସହଯୋଗୀ ବାଇକ୍ ଫୋପାଡି ନଦୀ ପାର୍ଶ୍ୱରେ ଫେରାର ହୋଇଯାଇଥିବା ବେଳେ ଡନଙ୍କୁ ପୋଲିସ ଚତୁଃପାର୍ଶ୍ୱରୁ ଘେରାଉ କରିଥିଲା। ଡନ କଣ୍ଟେଇନାଳୀ ଜଙ୍ଗଲ ଭିତରେ ଲୁଚିରହି ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲା । ଏଥିରେ ପୋଲିସ ଭ୍ୟାନ୍‌ର କାଚ ଭାଙ୍ଗିଯାଇଛି। କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ, ସବ୍‌ଇନ୍ସପେକ୍ଟର ଶୁଭ୍ରଜିତ ଦାସ, ପୋଲିସ କର୍ମଚାରୀ ନିର୍ବାଚନ କଅଁର, ଦିଲୀପ ମଳିକ, ବିଶ୍ୱାମିତ୍ର ସୂତାର ଓ କନ୍‌ଷ୍ଟେବଲ ଶରତ ରାଉତଙ୍କ ସହଯୋଗରେ ଡନ୍‌ଙ୍କୁ କାବୁ କରିବାକୁ ଯାଇ ତାଙ୍କ ଗୋଡକୁ ଗୁଳି ଚଳାଇଥିଲେ। ଫଳରେ ଡନ୍ ପଡିଯିବା ପରେ ତାଙ୍କୁ କାବୁ କରାଯାଇଥିଲା। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ବାଇକ ଜବତ ହୋଇଛି। ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସେଠାରୁ ଖୋକା ଓ ଅନ୍ୟ ବ୍ୟବହୃତ ଜିନିଷ ମିଳିଛି। ଏନେଇ ଦଫା ୩୫୩, ୩୮୫, ୩୦୭, ଆର୍ମ୍ସ ଆକ୍ଟ ୨୫, ୨୭ ଆଇପିସିରେ ମାମଲା ନଂ.୧୭୩/୧୯ ରୁଜୁ ହୋଇଛି।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି
# ୩ ଘଣ୍ଟା ବନ୍ଦ ରହିଲା ଦର୍ଶନ

ପୁରୀ ଅଫିସ, ୫।୮

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ଏହି ନୀତି ଅପରାହ୍ଣ ୪ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିଯୋଗୁ ପ୍ରାୟ ୩ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଖସାପଡ଼ା ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସଜାଇଥାନ୍ତି।

# ତିନି ଦିନ ଯାଏ ବର୍ଷା

ଭୁବନେଶ୍ୱର, ୫।୮(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ଲାଗି ରହିବ। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆଶଙ୍କା କରିଛି। ୬ ଓ ୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, ଗଜପତି ଓ ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୮ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାରେ ବର୍ଷା ଲାଗି ରହିବ। ତେବେ ଏହାପରେ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ। ବର୍ଷା କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ

- ୬ରୁ ୧୦ ତାରିଖରେ ଏହି ପର୍ଯ୍ୟାୟ ନାମଲେଖା
- ୧୪ ତାରିଖରେ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୫।୮(ବ୍ୟୁରୋ)

ରାଜ୍ୟର ୧୦୪୭ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମ ବର୍ଷ ନାମଲେଖା ନିମନ୍ତେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ବା ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମୋଟ ୨୨ହଜାର ୨୦୭ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ କଳା ବିଭାଗରେ ୧୨ହଜାର ୫୪୫ଜଣ, ବାଣିଜ୍ୟରେ ୧ହଜାର ୪୧୨ଜଣ, ଫିଜିକାଲ ସାଇନ୍ସରେ ୪ହଜାର ୧୫୨ଜଣ, ବାୟୋଲୋଜିକାଲ ସାଇନ୍ସରେ ୩ହଜାର ୫୭୭ଜଣ, ସେଲ୍ଫ ଫାଇନାନ୍ସିଂରେ ୪୪୪ ଓ ଶାସ୍ତ୍ରୀ ବିଭାଗରେ ୭୭ଜଣ ଛାତ୍ରୀଛାତ୍ର ରହିଛନ୍ତି।

କଳା ବିଭାଗର ଇଂଲିଶ ବିଷୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ବିଜେବି କଲେଜର ୭୮.୧୭% ରହିଥିବାବେଳେ ଓଡ଼ିଆରେ ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ୭୭.୩୩%, ରାଜନୀତି ବିଜ୍ଞାନରେ ବିଜେବି କଲେଜ ୭୬.୮୩%, ଅର୍ଥନୀତିରେ ବିଜେବି କଲେଜ ୭୬.୬%, ଏଜୁକେଶନରେ ବିଜେବି କଲେଜ ୭୫.୬୭%, ସୋସିଓଲୋଜିରେ ବିଜେବି କଲେଜ ୭୫.୩୩%, ସାଇକୋଲୋଜିରେ ବିଜେବି କଲେଜର ୭୨.୩୩% କଟ୍ ଅଫ୍ ଯାଇଛି। ଫିଜିକାଲ ସାଇନ୍ସର ଗଣିତରେ ବିଜେବି କଲେଜ ୯୧.୨%, ପଦାର୍ଥ ବିଜ୍ଞାନରେ ବିଜେବି କଲେଜ ୮୭.୬୭% ଓ ରସାୟନ ବିଜ୍ଞାନରେ ବିଜେବି କଲେଜର କଟ୍ ଅଫ୍ ମାର୍କ ୮୫.୬% ରହିଛି। ସେହିପରି ବାୟୋଲୋଜିକାଲ ସାଇନ୍ସର ଜୀବ ବିଜ୍ଞାନରେ ବିଜେବି କଲେଜ ୮୬.୫%, ଉଦ୍ଭିଦ ବିଜ୍ଞାନରେ ବିଜେବି କଲେଜ ୮୩.୨% ଏବଂ ବାଣିଜ୍ୟରେ ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ ଆଣ୍ଡ୍ ଇକୋନୋମିକ୍ସ ୮୩.୧୭% କଟ୍ ଅଫ୍ ମାର୍କ ସହ ଆଗରେ ରହିଛି।

ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ୬ ରୁ ୧୦ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ଲେଖାଇପାରିବେ। ୬ରୁ ୧୧ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଆନେକ୍ସର-୭ ଦାଖଲ କରିବେ। ୧୨ତାରିଖ ଦିନ ଅପରାହ୍ନ ୫ଟାରେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ପୂର୍ବାହ୍ନ ୧ ଟାରେ ସ୍ପଟ୍ ନାମଲେଖା ପାଇଁ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସ୍ପଟ୍ ନାମ ଲେଖା ପାଇଁ ମନୋନୀତ ଛାତ୍ରୀଛାତ୍ରମାନେ ୧୬ରୁ ୧୭ତାରିଖ ଅପରାହ୍ନ ୫ଟା ମଧ୍ୟରେ କଲେଜରେ ନାମ ପଞ୍ଜିକୃତ କରିବେ। ୧୯ରୁ ୨୧ତାରିଖ ମଧ୍ୟରେ ଫି' ଦାଖଲ କରିବେ। ୨୩ ତାରିଖ ଅପରାହ୍ନ ୫ଟାରେ ସ୍ପଟ୍ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ୨୪ରେ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# କେରଳରେ ଦାଦନ ଶ୍ରମିକ ମୃତ

- ମୃତଦେହ ଆଣିବାକୁ ଗୁହାରି କଲେ ଗ୍ରାମବାସୀ
- ଶ୍ରମ ବିଭାଗ କହିଲା ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ

ଲାଞ୍ଜିଗଡ,୫।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ପଞ୍ଚାୟତ ସାନଫୁର୍ଲା ଗ୍ରାମର ମୋହନ ନାଏକ (୨୬) ଦାଦନ ଖଟିବାକୁ ଯାଇ ଶନିବାର ତାମିଲନାଡୁରେ ପ୍ରାଣ ହରାଇଥିଲେ । ଏହି ଖବର ମନରୁ ନ ଲିଭୁଣୁ ପୁଣି ଜଣେ ଦାଦନ ଶ୍ରମିକଙ୍କ କେରଳରେ ମୃତ୍ୟୁ ଘଟିଥିବା ଖବର ମିଳିଛି । ମୃତକ ହେଲେ ଲାଞ୍ଜିଗଡ଼ ବ୍ଲକ ପାହାଡପଦର ପଞ୍ଚାୟତ ବୋରପଦର ଗାଁର ଲଛମନ ମାଝି (୨୬) । ଗତ ୩ ତାରିଖରେ ତାଙ୍କର କେରଳରେ ମୃତ୍ୟୁ ଘଟିଥିବା ଖବର ଗାଁରେ ପହଞ୍ଚିଛି । ଏହି ଖବର ଜଣାପଡିବା ପରେ ଲଛମନଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି କାନ୍ଦି କାନ୍ଦି ଅଚେତ ହୋଇପଡୁଛନ୍ତି । ଏପରି ଅବସ୍ଥାରେ ଲଛମନଙ୍କ ମୃତଦେହ କିପରି ଗାଁକୁ ଫେରିବ ସେହି ଚିନ୍ତା ସମସ୍ତଙ୍କୁ ଘାରିଛି। ସୋମବାର ଗ୍ରାମବାସୀ ମୃତଦେହ ଫେରାଇ ଆଣିବା ପାଇଁ ଭବାନୀପାଟଣାସ୍ଥିତ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଗୁହାରି କରିଛନ୍ତି। ଏ ସମ୍ପର୍କରେ ଶ୍ରମ ବିଭାଗର ଅତିରିକ୍ତ ଶ୍ରମ ଆୟୁକ୍ତ ପି.କେ.ମହାନ୍ତିଙ୍କୁ ପଚାରିବାରୁ ଲଛମନଙ୍କ ମୃତଦେହ ଅଣାଯିବା ବ୍ୟବସ୍ଥା କରାଯାଇଛି । ତାଙ୍କ ପରିବାର ଲୋକେ କ୍ଷତିପୂରଣ ରାଶି କିଭଳି ପାଇବେ ସେ ଦିଗରେ ମଧ୍ୟ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଲଛମନ ଏକ ଅନ୍ୟଜାତିର ଝିଅ ସୂର୍ଯ୍ୟକାନ୍ତିଙ୍କୁ ଭଲ ପାଇ ବିବାହ କରିଥିଲେ। ହେଲେ ତାଙ୍କ ସମାଜ ଏହି ବିବାହକୁ ଗ୍ରହଣ କରି ନ ଥିଲା। ଫଳରେ ଲଛମନ ଦୁଃଖକଷ୍ଟରେ ଏକ କୁଡିଆ ନିର୍ମାଣ କରି ସ୍ତ୍ରୀଙ୍କ ସହ ରହୁଥିଲେ। ବିବାହର କିଛି ବର୍ଷ ପରେ ସୂର୍ଯ୍ୟକାନ୍ତି ପୁଅ ଓ ଝିଅକୁ ଜନ୍ମ ଦେଇଥିଲେ। ଫଳରେ ପରିବାରର ବୋଝ ବଢ଼ିଯାଇଥିଲା । ଫଳରେ ଲଛମନ କାମ ଅନ୍ୱେଷଣରେ ସାଙ୍ଗମାନଙ୍କ ସହିତ କେରଳକୁ ଯାଇଥିଲେ। ସେଠାରେ ପାଲ୍ଲାକାଡା ଜିଲା ରାମସେରିଠାରେ ଥିବା ଏକ ପଥର କ୍ରଶରରେ ଦିନ ମଜୁରିଆ ଭାବେ କାମ କରୁଥିଲେ । ମାସେ ନ ପୂରୁଣୁ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗତ ୩ ତାରିଖରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ୍ ଗୁରୁତର ହୋଇପଡିଥିଲା । ସାଙ୍ଗମାନେ ଏ ନେଇ କ୍ରଶର ମାଲିକଙ୍କୁ ଖବର ଦେଇଥିଲେ। କ୍ରଶର ମାଲିକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଲଛମନଙ୍କ ମୃତ୍ୟୁ ଘଟିଥିଲା। ସାଙ୍ଗମାନେ ଗାଁ ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଲଛମନଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ଅନେକ ସ୍ୱପ୍ନ ଦେଖିଥିଲେ। ସ୍ୱାମୀ କେରଳରୁ ବହୁ ଟଙ୍କା ରୋଜଗାର କରି ଆଣିବେ, ଆମେ ଏଠି ଘର ତିଆରି କରିବୁ । ପିଲାଛୁଆ ପାଠ ପଢ଼ିବେ, ଏକ ଛୋଟ ବ୍ୟବସାୟ ଆରମ୍ଭ କରି ନିଜ ଗୁଜୁରାଣ ମେଣ୍ଟେଇବୁ ଓ ସୁଖର ସଂସାର ଗଢ଼ିବୁ। ହେଲେ ସୂର୍ଯ୍ୟକାନ୍ତିର ସେହି ସ୍ୱପ୍ନ ଆଜି ଧୂଳିସାତ୍ ହୋଇଯାଇଛି । ସେହି ଚିନ୍ତାରେ ସେ ଏବେ ଭାଙ୍ଗି ପଡିଛନ୍ତି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ବାବୁନ୍
ପରିବାରବର୍ଗ


ଯାଜ୍ଞସେନୀ
ପରିବାରବର୍ଗ


କ୍ରିଷ୍ଣା
ପରିବାରବର୍ଗ


ରାଧାକୃଷ୍ଣ
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ■ ସ୍କୁଲ ବ୍ୟାଗ୍ ଓଜନ ସମ୍ପର୍କିତ ଜନସ୍ୱାର୍ଥ ମାମଲା

# ୪ ସପ୍ତାହରେ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

**କଟକ ଅଫିସ,୫।୮**

ରାଜ୍ୟରେ ସ୍କୁଲ ଛାତ୍ରୀଛାତ୍ରଙ୍କ ବ୍ୟାଗ ଓଜନକୁ ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ୪ମାସ ମଧ୍ୟରେ ଉକ୍ତ ନିୟମ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡ. କହ୍ନେୟାଲାଲ ଶର୍ମା ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିବାବେଳେ ସୋମବାର ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଗାମୀ ୪ ସପ୍ତାହ ମଧ୍ୟରେ ଏହି ନିୟମ କଡ଼ାକଡ଼ି ଲାଗୁ କରିବାକୁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଲାଗି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିୟମ ଉଲ୍ଲଂଘନ କରାଗଲେ କୋର୍ଟ ଅବମାନନା ବୋଲି ଗ୍ରହଣ କରାଯିବ ଓ ଆବେଦନକାରୀ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ବିରୋଧରେ ମାମଲା ରୁଜୁ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବିଭାଗ ପକ୍ଷରୁ କେତେଜଣ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ କୋର୍ଟ ସେଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ୮ରେ ସ୍କୁଲ ବ୍ୟାଗ ଓଜନ ସମ୍ପର୍କିତ ଗାଇଡ୍ ଲାଇନ ପ୍ରକାଶ କରାଯାଇଥିବା ଦର୍ଶାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୩ରେ ହେବ।

ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବ୍ୟାଗ୍‌ର ଓଜନ ବୃଦ୍ଧିକୁ ନେଇ କହ୍ନେୟାଲାଲ ସରକାରଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପରେ ରାଜ୍ୟ ସରକାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗ୍‌ର ଓଜନ ୧.୫ କିଗ୍ରା, ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବ୍ୟାଗ୍‌ର ଓଜନ ୩ କିଗ୍ରା, ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ବ୍ୟାଗ୍‌ର ଓଜନ ୪କିଗ୍ରାରୁ କମ୍, ଅଷ୍ଟମ ଏବଂ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ୪.୫ କିଗ୍ରା ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବ୍ୟାଗର ଓଜନ ୫ କିଲୋରୁ ଅଧିକ ନ ହେବା ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର ଏହି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ହାଇକୋର୍ଟ ହୃଦୟଙ୍ଗମ କରି ସୋମବାର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ର୍ୟାକେଟ୍‌ର ୫ ଗିରଫ

**ବଲାଙ୍ଗୀର ଅଫିସ, ୫।୮**

କିଛିବର୍ଷ ହେଲା ବଲାଙ୍ଗୀର ଜିଲାରେ ମାତିଥିବା ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ର୍ୟାକେଟ୍‌ର ୫ ସଦସ୍ୟଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୩ ବାଇକ୍, ୭ ମୋବାଇଲ ଫୋନ୍ ଓ ୩ ହଜାର ୫୦ ଟଙ୍କା ପୋଲିସ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ବଲାଙ୍ଗୀର ଓ ଆଖପାଖ ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ ଅଧିକାରୀଙ୍କୁ ଟାର୍ଗେଟ କରି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରୁଥିବା ଜଣାପଡ଼ିଛି। ଗତ ୧ତାରିଖ ଦିନ ସ୍ପନ୍ଦନ ସ୍ଫୁର୍ତ୍ତି ଫାଇନାନ୍ସ ଲିମିଟେଡ୍‌ର କ୍ରେଡିଟ୍ ଆସିଷ୍ଟାଣ୍ଟ ଜିତେନ୍ଦ୍ର ସେଠୀ ଫଟାମୁଣ୍ଡା ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଠାରୁ ଟଙ୍କା ସଂଗ୍ରହ କରି ବଲାଙ୍ଗୀର ଫେରୁଥିଲେ। ସଦର ଥାନା ଅନ୍ତର୍ଗତ ସିନ୍‌ଖମନ୍-ଜଲିଆ ଗାଁ ମଝିରେ ବନ୍ଧୁକ ଦେଖାଇ ଲୁଟେରାମାନେ ତାଙ୍କଠାରୁ ୨୦ହଜାର ୫୦ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହା ସହିତ ଲୁଟେରାମାନେ ଜିତେନ୍ଦ୍ରଙ୍କ ସ୍ମାର୍ଟ ଫୋନ୍, ୫ ଶହ ଟଙ୍କା ଥିବା ମନିପର୍ସ, ଦୁଇଟି ଏଟିଏମ୍ କ୍ରେଡିଟ୍ କାର୍ଡ ଲୁଟି ନେଇଥିଲେ। ଏ ନେଇ ଜିତେନ୍ଦ୍ର ସଦର ଥାନାରେ ରିପୋର୍ଟ କରିଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୁଇଁନ୍ତଲା ବ୍ଲକ୍ ଖରଜୁରା ଗାଁର ଜିତେନ୍ଦ୍ର ନାଗ ଓରଫ୍ ବାବୁଲା (୨୨) ଓ ଫଟକରା ଗ୍ରାମର ଶିବ ଓରଫ୍ ଶିବ ପ୍ରସାଦ ଜାଲ (୨୬)ଙ୍କୁ ପୋଲିସ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ କିଭଳି ଟଙ୍କା ଲୁଟ୍ ଯୋଜନା ପ୍ରସ୍ତୁତ କରୁଥିଲେ ତାର ସବିଶେଷ ତଥ୍ୟ ଦେଇଥିଲେ।

## ଛତ୍ରପୁର, ଆସ୍କା, ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କର: ହାଇକୋର୍ଟ

**କଟକ ଅଫିସ, ୫।୮**

ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଏନ୍‌ଏସିକୁ ୩ ମାସ ମଧ୍ୟରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ହାଇକୋର୍ଟ ସୋମବାର ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ଉପରୋକ୍ତ ଅଞ୍ଚଳବାସୀ ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପାନୀୟଜଳ, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ଏଠାରେ ଉପଲବ୍ଧ ହୋଇପାରିନାହିଁ। ୨୦୧୧ ଜନଗଣନା ଅନୁଯାୟୀ, ଉକ୍ତ ଅଞ୍ଚଳର ଜନସଂଖ୍ୟା ମ୍ୟୁନିସିପାଲିଟି ଜନସଂଖ୍ୟାଠାରୁ ଅଧିକ ରହିଛି। ଆସ୍କା ସହର ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର। ଜନଗଣନା ଅନୁଯାୟୀ, ଏହି ଏନ୍‌ଏସି ଅଧୀନରେ ୨୧,୪୨୮ ବ୍ୟକ୍ତି ବାସ କରୁଛନ୍ତି। ସେହିପରି ଏହାର ଆଖପାଖ ୬ଟି ସହରର ଜନସଂଖ୍ୟାକୁ ମିଶାଇଲେ ମୋଟ ୩୭, ୧୮୬ ଜଣ ବସବାସ କରୁଛନ୍ତି। ସେହିପରି ଭଞ୍ଜନଗର ଏନ୍‌ଏସିର ଜନସଂଖ୍ୟା ୨୦,୪୮୨ ରହିଥିବାବେଳେ ଏହାର ଆଖପାଖ ୯ଟି ସହରର ଜନସଂଖ୍ୟାକୁ ମିଶାଇଲେ ମୋଟ୍ ୪୫,୪୫୦ ହେବ। ଛତ୍ରପୁର ଏନ୍‌ଏସି ଅଧୀନରେ ୨୨ହଜାର ୨୭ ଜଣ ବାସ କରୁଥିବାବେଳେ ଏହା ସଂଲଗ୍ନ ୪ଟି ସହରର ଜନସଂଖ୍ୟା ମିଶାଇଲେ ୨୭, ୩୪୦ ହେବ। ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ମ୍ୟୁନିସିପାଲିଟି ଘୋଷଣା ପାଇଁ ୨୫ହଜାର ବା ତାଠାରୁ ଅଧିକ ହେବା ଉଚିତ। ଏଣୁ ଏହି ଅଞ୍ଚଳ ଜନସଂଖ୍ୟା ସର୍ତ୍ତ ପୂରଣ କରୁଥିବାରୁ ଏଗୁଡ଼ିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ପାଣିଗ୍ରାହୀ ପିଟିଶନରେ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବାସୁଦେବ ବାରିକ ମାମଲା ପରିଚାଳନା କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଅନୁଚ୍ଛେଦ...

କରି ସେ କହିଥିଲେ, କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଚଣ୍ଡିଗଡ଼ ଭଳି କୌଣସି ବ୍ୟବସ୍ଥାପିକା ରହିବ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ଦିଲ୍ଲୀ ଓ ପଣ୍ଡିଚେରୀ ଭଳି ଏକ ବିଧାନସଭା ରହିବ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହି ଘୋଷଣା ସହ ଗୃହରେ ହୋହଲ୍ଲା ଓ ହଟ୍ଟଗୋଳ ହୋଇଥିଲା। ଗୃହରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ ବିଲ୍‌କୁ ବିରୋଧ କରି କହିଥିଲେ, ସେ ତାଙ୍କ ରାଜନୈତିକ ଜୀବନରେ ଏପରି ହେବ ବୋଲି କେବେ ଚିନ୍ତା କରି ନ ଥିଲେ। ଦିନେ ଭାରତର ମୁକୁଟକୁ ଛେଦି ଦିଆଯିବ ଏହା ତାଙ୍କ କଳ୍ପନା ବାହାରେ ଥିଲା। ଏହି ବିଲ୍ ଗୃହୀତ ହେଲେ ଭାରତୀୟ ଇତିହାସ ପାଇଁ କଳାଦିନ ହେବ। ରାଜ୍ୟର ମାନଚିତ୍ରକୁ ହଟାଇ ଦୁଇଫାଳ କରିବା ଦୁର୍ଭାଗ୍ୟଜନକ ବୋଲି ସେ ସମାଲୋଚନା କରିଥିଲେ। ବିଜେଡି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍ କଂଗ୍ରେସ, ଆଇଏନ୍‌ଏଲ୍‌ଡି, ବିଏସ୍‌ପି, ଏଏପି, ଶିବସେନା ଏହାକୁ ପୂର୍ଣ୍ଣ ସମର୍ଥନ କରିଥିବାବେଳେ ଏନ୍‌ସି, ପିଡିପି ସମେତ କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଏସ୍‌ପି ଏବଂ ଆର୍‌ଜେଡି ଭଳି ଦଳ ବିରୋଧ କରିଥିଲେ। ଏନ୍‌ଡିଏ ସହଯୋଗୀ ଜେଡିୟୁ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲା। ଶେଷରେ ବିଲ୍ ବହୁମତରେ ଗୃହୀତ ହୋଇଛି। ମଙ୍ଗଳବାର ଏହା ଲୋକ ସଭାରେ ଆଗତ ହୋଇପାରେ।

ଇତିମଧ୍ୟରେ କଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କରିବା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶ୍ରୀନଗର ଗସ୍ତ କରିଛନ୍ତି। ଉପତ୍ୟକାକୁ ଅତିରିକ୍ତ ୮ ହଜାର ଯବାନଙ୍କୁ ପଠାଯାଇଛି।

ପ୍ରଧାନମନ୍ତ୍ରୀ ମୋଦି ବୁଧବାର ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିପାରନ୍ତି। ଅନ୍ୟପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ପରେ ଜାତୀୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇବା ସହ ନୂଆ ସାମ୍ବିଧାନିକ ବିତର୍କ ଆରମ୍ଭ ହୋଇଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଭାରତ ତା'ର ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ନେଇ କେନ୍ଦ୍ରର ଏକତରଫା ନିଷ୍ପତ୍ତି ବେଆଇନ ଓ ଅସାମ୍ବିଧାନିକ। ଏହା ଜମ୍ମୁ-କଶ୍ମୀରରେ ଭାରତକୁ ଏକ ଜବରଦସ୍ତ ଦଖଲକାରୀ ବଳ ଭାବେ ପରିଣତ କରିବ ବୋଲି ମେହବୁବା ଟୁଇଟ୍ କରିଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ନିଜ ଅସନ୍ତୋଷ ବ୍ୟକ୍ତ କରି ସରକାରଙ୍କ ପଦକ୍ଷେପକୁ ଏକତରଫା ବୋଲି ଅଭିହିତ କରିଛନ୍ତି। ଭାରତ ସରକାରଙ୍କ ନିଷ୍ପତ୍ତି ଜମ୍ମୁ-କଶ୍ମୀରବାସୀଙ୍କ ପ୍ରତି ବିଶ୍ୱାସଘାତ। ଏହି ନିଷ୍ପତ୍ତିର ପରିଣାମ ଭୟଙ୍କର ହେବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ବଳହୀନ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହେବା ସହ କର୍ମକ୍ଷେତ୍ରରେ ଝଗଡ଼ା ଲାଗିପାରେ। ପାରିବାରିକ ଅସହଯୋଗରୁ କାର୍ଯ୍ୟ ହାସଲ ନ ହେବା ହେତୁ ଚିନ୍ତିତ ରହିବେ। ପାରିପାର୍ଶ୍ୱିକ ସମସ୍ୟାକୁ ସରଳଭାବେ ସମାଧାନ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ସ୍ୱସ୍ଥାନହନ୍ତା ବୃହସ୍ପତି ଯୋଗୁ ଆଜିର ଯାତ୍ରା ସମସ୍ୟାବହୁଳ ହୋଇପାରେ । କାଶ ଓ କଫଜନିତ ପୀଡାରୁ କଷ୍ଟ ଅନୁଭବ କରିପାରନ୍ତି। ତତ୍ ସଙ୍ଗେ ସଙ୍ଗେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିଯିବ। ଆନୁଷ୍ଠାନିକ କ୍ଷେତ୍ରରେ, ମିତ୍ର ବନ୍ଧୁରେ,ଲେଖାପଢାରେ ସମ୍ମାନିତ ହୋଇପାରନ୍ତି। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ।

**ମିଥୁନ**
ରାଶ୍ୟାଧିପ ବୁଧ ଗୁରୁନକ୍ଷତ୍ରସ୍ଥ ଯୋଗୁ କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହୋଇପାରନ୍ତି। ଧାର କରଜ କରି ମଧ୍ୟ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ନ ହୋଇପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବା ସହ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅବଶ୍ୟ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**
ଚନ୍ଦ୍ରଙ୍କ ଭାଗ୍ୟସ୍ଥାନକୁ ପୂର୍ଣ୍ଣଦୃଷ୍ଟି ଯୋଗୁ ଆପଣଙ୍କର ଦକ୍ଷତା ବୃଦ୍ଧି ଓ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। କିନ୍ତୁ ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ।

**ସିଂହ**
ରବି ମୁଣ୍ଡବିହୀନ ଗ୍ରହ କେତୁ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କ ଦୂରଦର୍ଶିତାବିହୀନ କାର୍ଯ୍ୟ ସମସ୍ୟା ସୃଷ୍ଟି କରିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବା କାଠିକର ପାଠ ହୋଇପାରେ। ଏପରି କି ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପରିବହନରେ ସମସ୍ୟାକୁ ସମାଧାନ କରିବାରେ ସଫଳତା ମିଳିବ।

**କନ୍ୟା**
କର୍ମଭାବସ୍ଥ ରାହୁ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋଭାବ ପୋଷଣ କରିବେ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ପ୍ରିୟଜନଙ୍କ ସହିତ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା**
ଏକାଧିକଗ୍ରହ କର୍ମସ୍ଥାନକୁ ପ୍ରଭାବିତ କରୁଥିବାରୁ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁମନ୍ତବ୍ୟ ଦେଇପାରନ୍ତି।

**ବିଛା**
ଶନିଙ୍କ ସ୍ୱଗୃହଦୃଷ୍ଟି ଆଧ୍ୟାତ୍ମିକ, ପାରିବାରିକ, ଟେକ୍ନିକାଲ୍ କାର୍ଯ୍ୟ, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସୁଫଳ ଦେବାରେ ସମର୍ଥ ହେବ। ଆନୁଷ୍ଠାନିକ, ରାଜନୈତିକ ତଥା ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସଫଳତା ପାଇପାରିବେ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
କର୍ମଭାବସ୍ଥ ଚନ୍ଦ୍ର ଚିତ୍ରା ନକ୍ଷତ୍ରସ୍ଥ ଯୋଗୁ ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ପ୍ରାପ୍ତିରୁ ବଞ୍ଚିତ ହୋଇପାରନ୍ତି। ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ବଦଳରେ ବୃଦ୍ଧି ପାଇପାରେ। ପାରିବାରିକ, ପାଖପଡ଼ୋଶୀ, ଶିକ୍ଷା ପରୀକ୍ଷାଦି କ୍ଷେତ୍ରରେ ସଫଳତା ପାଇବାରେ ଅସୁବିଧା ହେବନାହିଁ।

**ମକର**
ଭାଗ୍ୟସ୍ଥାନସ୍ଥ ଚନ୍ଦ୍ର ଆପଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିଦେବ। ଆଜି ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବାକୁ ପଡିପାରେ। ନୂତନ କର୍ମାରମ୍ଭ, ଯାନବାହନ, ସଭାସମିତି ଓ ପାରିବାରିକ ସମସ୍ୟା ସମାଧାନ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଶୁକ୍ର ଗ୍ରହଯୁଦ୍ଧରେ ଦୁର୍ବଳଜନିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ମନେ ମନେ ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ କହିପାରିବେ ନାହିଁ। ଏକାଧିକ ଗ୍ରହ ପ୍ରଭାବରେ ବାଦବିବାଦରେ ସଫଳତା ପାଇବେ ଓ ଅର୍ଥାଭାବ ଦୂରେଇଯିବ। ଆକସ୍ମିକ ଭାବରେ ସମ୍ପର୍କୀୟ ଜଣେ ସାହାଯ୍ୟ କରିବେ।

**ମୀନ**
ଅଧିକାଂଶ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି କେତେକାଂଶରେ ସାନ୍ତ୍ୱନାମୂଳକ ପରାମର୍ଶ ପାଇପାରନ୍ତି। ଆଜି ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଅପ୍ରିୟ ସତକଥା କହିଲେ ଶତ୍ରୁତା ବୃଦ୍ଧି ବ୍ୟତୀତ କିଛି ଲାଭ ହେବନି।

ଆଜି ଶ୍ରାବଣ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ମଙ୍ଗଳବାର, ଅଗଷ୍ଟ ୬ ତାରିଖ, ହିରୋଶିମା ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୧।୫୮ମି. ଗତେ, ତୁଳା ଚନ୍ଦ୍ର, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ସପ୍ତମୀର ମଧ୍ୟ ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୨୮ମି. ଗତେ ଘ୧୦।୦୭ମି. ମଧ୍ୟେ, ଘ୧୧।୪୬ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୪୬ମି ମଧ୍ୟେ. ମାହେନ୍ଦ୍ର ବେଳା। ଦିବା ଘ୩।୦୫ମି. ଗତେ ଘ୪।୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66753

Residential 3100 sqft. corner plot sale Gouri Nagar, Ravi Talkies. 3600/- per sqft. . Call byuer only, No brokers. 7978474487. D-13787

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

C.V. Raman College ପାଖରେ 4000 sqft plot ବିକ୍ରିହେବ। Contact: 9778928492. D-65674

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

construction

**Construct your dream home with pillar beam and interior design from the experts. Contact: 7008550473.** D-13651

to-let

Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411. D-66275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-, ରଙ୍ଗୀନ ଟ୪୨୦/- (ଫଟୋ ସହ) ।
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13610

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Kajal ayurvedic massage club fully relaxed by smart lady, home service available. 9937637219. D-66934

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Physiotherapy full body massage by trained ladies / gents therapist: 7008773793. D-67030

Newly opening Ayurvedic body massage smart therapist, Shree herbal, 775 0020754. D-67343

astrology

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

**AFFIDAVIT**

By virtue of an affidavit before the Notary Public, Nayagarh on dt. 03.08.2019, I, Dr. Saraswati Kissan have changed my surname from Kissan to Kata. I will be known as Dr. Saraswati Kata, wife of Dr. Lochan Kumar Kata for all purposes. D-13785

By virtue of an affidavit before the Notary, Bhubaneswar on 27.03.2006, I Susant Khodei of Balipatna, hereby declare that my late father's name has been mentioned as Suna Khodei in his death Certificate, Voter ID Card and in my mother's Aadhar Card, whereas his name is Surendra Khodei in my Aadhar Card. So for all future purposes Suna Khodei and Surendra Khodei will be one and the same person. D-13786

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

■ ଭୁବନେଶ୍ୱର ସିଡବ୍ଲ୍ୟୁସିକୁ ପାଟଣା କ୍ଷେତ୍ରରେ ମିଶାଇବା ପ୍ରସଙ୍ଗ

# ପାଶ୍ୱାନଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୫।୮ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ନିଗମ(ସିଡବ୍ଲୁସି)କୁ ଉଚ୍ଛେଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ପାଟଣାକ୍ଷେତ୍ର ସିଡବ୍ଲୁସି ସହିତ ମିଶାଇବା ପାଇଁ ନିଷ୍ପତ୍ତି ନେବାପରେ ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରିଛନ୍ତି। ଏନେଇ ଧର୍ମେନ୍ଦ୍ର କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭୁବନେଶ୍ୱର ସିଡବ୍ଲୁସି ସହିତ ପାଟଣା କାର୍ଯ୍ୟାଳୟକୁ ମିଶାଇଲେ ଅଯଥା ଭୌଗୋଳିକ ଏବଂ ପ୍ରଶାସନିକ ଚାପ ବୃଦ୍ଧି ପାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି । ତେଣୁ ଓଡ଼ିଶାବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ଲାଗି ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପାଶ୍ୱାନଙ୍କୁ ଚିଠି ଜରିଆରେ ସେ ସୋମବାର ଅନୁରୋଧ କରିଛନ୍ତି ।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଭୌଗୋଳିକ ଆହ୍ୱାନର ମୁକାବିଲା, ପ୍ରଶାସନିକ ଦକ୍ଷତା ବୃଦ୍ଧି ଏବଂ ଭଣ୍ଡାରଣକାରୀଙ୍କ ସହିତ ସମ୍ପର୍କ ରଖିବା ତଥା ବିବାଦର ସମାଧାନ ଲାଗି ଭୁବନେଶ୍ୱରଠାରେ ସିଡବ୍ଲୁସିର ଆଞ୍ଚଳିକ କାର୍ଯ୍ୟାଳୟ ୧୯୯୦ରେ ପ୍ରତିଷ୍ଠା କରାଯାଇଥିଲା। ସେହି ସମୟରେ ପାଟଣା କ୍ଷେତ୍ରଠାରୁ ଭିନ୍ନଭାବେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ରାଜ୍ୟର ୨୧ ପଣ୍ୟାଗାର ଭୁବନେଶ୍ୱରସ୍ଥିତ ସିଡବ୍ଲ୍ୟୁସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଛି। ଏହାର ପରିଚାଳନା କ୍ଷମତା ୩.୪୮ ମେଟ୍ରିକ ଟନ୍ ଥିବାବେଳେ ୯୦ ପ୍ରତିଶତ ଦଖଲ ସହିତ ନିୟମିତ ଭାବେ ଲାଭରେ ଚାଲିଛି। ଏଠାରେ ୯୦ ପ୍ରତିଶତ ଓଡ଼ିଆ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ତଥା ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମ(ଓଏସ୍‌ଏସ୍‌ସି)ର ଖାଦ୍ୟ ଶସ୍ୟ ଓ ବିଜ୍ଞପିତ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ଜରୁରୀ ଖାଦ୍ୟ ସାମଗ୍ରୀ ଭଣ୍ଡାରଣ ଓ ସଂଗ୍ରହ କରି ରଖିବା ଦିଗରେ ଭୁବନେଶ୍ୱର ସିଡବ୍ଲ୍ୟୁସି କାର୍ଯ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । ବାତ୍ୟା ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ସହାୟତା ଯୋଗାଇବା ଦିଗରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲା। ସେହିପରି ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ରାଜ୍ୟକୁ ଗୁରୁତ୍ୱପୂର୍ଣ୍ଣ ସହାୟତା ଯୋଗାଇ ଦେଇଛି । ତେଣୁ ଓଡ଼ିଶାବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରି ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବା ଲାଗି ମନ୍ତ୍ରଣାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଧର୍ମେନ୍ଦ୍ର ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି ।

## ରଣେନ୍ଦ୍ରଙ୍କ ଚିଠି ପରେ ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି

ସୂଚନାଯୋଗ୍ୟ, ଗତ ଶନିବାର ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିଠି ଲେଖି ଭୁବନେଶ୍ୱରସ୍ଥିତ ସିଡବ୍ଲୁସି କାର୍ଯ୍ୟାଳୟ ପାଟଣାକୁ ସ୍ଥାନାନ୍ତରିତ ନ କରିବା ଲାଗି ଅନୁରୋଧ କରିଥିଲେ। ଗୋଟିଏ ପଟେ ରାଜ୍ୟ ମନ୍ତ୍ରୀ ଚିଠି ଲେଖି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ବେଳେ ଅନ୍ୟପଟେ ରାସ୍ତାକୁ ଓହ୍ଲାଇଛି ବିଜେଡି। ଭୁବନେଶ୍ୱର ଭିତରେ ଆସୁଥିବା ୩ ବିଧାନସଭା କ୍ଷେତ୍ରର ବିଧାୟକ ସୁଶାନ୍ତ ରାଉତ, ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଭୁବନେଶ୍ୱରସ୍ଥିତ ପଣ୍ୟାଗାର ନିଗମ ସମ୍ମୁଖରେ ସୋମବାର ଆନ୍ଦୋଳନ କରିଛନ୍ତି। ଏହାସହ ଏଭଳି ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ପାଇଁ କର୍ମୀମାନେ ପାଣ୍ୟାଗାର ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ଯଦି ଏହା ଉପରେ ପୁନର୍ବିଚାର ନ କରେ ତେବେ ଦଳପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଶବ ସଂରକ୍ଷଣ ଗୃହରୁ ଆଖି ଗାଏବ୍ ଘଟଣା

# ମେଡିକାଲ କର୍ତ୍ତୃପକ୍ଷ, ମୃତା ନାବାଳିକାଙ୍କ ମା'ଙ୍କୁ ଓଏଚ୍‌ଆର୍‌ସିଙ୍କ ନୋଟିସ

## ଅକ୍ଟୋବର ୨୯ ସୁଦ୍ଧା ଲିଖିତ ଜବାବ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର,୫।୮(ବ୍ୟୁରୋ)- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରୁ ଜଣେ ନାବାଳିକାଙ୍କ ମୃତଦେହରୁ ଆଖି ତାଡି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ମାନବିକ ଅଧିକାର ବିଶ୍ୱପ୍ରିୟ କାନୁନ୍‌ଗୋ ଓ ବିଜୟ ପଣ୍ଡା ଅଗଷ୍ଟ ୧ରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଓଏଚ୍‌ଆର୍‌ସି କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ରଘୁବୀର ଦାସ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷ ଓ ମୃତା ନାବାଳିକାଙ୍କ ମା'ଙ୍କୁ ନୋଟିସ କରିଛନ୍ତି। ଅକ୍ଟୋବର ୨୯ ସୁଦ୍ଧା ସେମାନେ ନିଜର ମତାମତ ଲିଖିତ ଆକାରରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ମୃତ ନାବାଳିକାଙ୍କ ମା' ଓ ବାପା ମଧ୍ୟ ଏନେଇ ମତ ଉପସ୍ଥାପନ କରିପାରିବେ ବୋଲି କମିଶନଙ୍କ ନୋଟିସରେ ଉଲ୍ଲେଖ ରହିଛି।

■ ରାଜ୍ୟରେ ଶିଳ୍ପ ବନ୍ଦର ପ୍ରଭାବ

# ୮ବର୍ଷରେ ୯୩୯୦ଜଣ ଚାକିରି ହରାଇଛନ୍ତି

ଭୁବନେଶ୍ୱର,୫।୮(ବ୍ୟୁରୋ)

ରାଜ୍ୟର ଅନ୍ୟୁନ ୧୭ ଶିଳ୍ପ ୨୦୧୦ରୁ ୨୦୧୮ ମଧ୍ୟରେ ବନ୍ଦ ହୋଇଯିବା କାରଣରୁ ପ୍ରାୟ ୯,୩୯୦ ଲୋକ ଚାକିରି ହରାଇଥିବା ଜଣାପଡ଼ିଛି। ରାଜ୍ୟ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଜରିଆରେ ଏହା ଦର୍ଶାଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଲାଞ୍ଜିଗଡ଼ ଅଞ୍ଚଳରେ ଥିବା ବେଦାନ୍ତ ୟୁନିଟ୍ ବନ୍ଦହେବା କାରଣରୁ ସବୁଠାରୁ ଅଧିକ ୩,୩୫୦ କର୍ମଚାରୀ ପ୍ରଭାବିତ ହୋଇଛନ୍ତି। ଏହି ୟୁନିଟ୍ ୨୦୧୩ ଜୁନ୍‌ରେ ବନ୍ଦ ହୋଇଥିଲା। ସେହିପରି ଓଡ଼ିଶା ସ୍ପଞ୍ଜ ଆଇରନ ଲିମିଟେଡ୍ ୨୦୧୨ରେ କଞ୍ଚାମାଲ ଅଭାବ ଏବଂ ସର୍ବନିମ୍ନ ବଜାର ଦର କାରଣରୁ ବନ୍ଦ ହୋଇଥିଲା। ଏଥିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ୯୬୪ ଜଣ ଚାକିରି ହରାଇଥିଲେ। ରଘୁନାଥ ପେପର ମିଲ୍ ବନ୍ଦ ହେବାପରେ ୯୬୪ ଜଣ, ମାହେଶ୍ୱରୀ ଇସ୍ପାତ ଲିମିଟେଡ୍ ବନ୍ଦ ହେବାରୁ ୮୦୦ ଲୋକ ଏବଂ ଜର୍ଜ ଡିଷ୍ଟ୍ରିବ୍ୟୁଟର ବନ୍ଦ ହେବା ଫଳରେ ୫୦୦ କର୍ମଚାରୀ ଚାକିରି ହରାଇଛନ୍ତି। ଅନୁରୂପଭାବେ ଆଉ କେତୋଟି ବଡ଼ ଶିଳ୍ପ ଗତ ୮ ବର୍ଷ ମଧ୍ୟରେ ବନ୍ଦ ହୋଇଯାଇଛି। ଆଇଆରସି ଟ୍ୟୁବ୍ସ ବନ୍ଦ ହେବାରୁ ୪୨୭ କର୍ମଚାରୀ, ଜେନ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ବନ୍ଦ ଯୋଗୁ ୨୮୬, ଡୀପକ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ବନ୍ଦ ହେବାରୁ ୪୬୯, ଶିବଶକ୍ତି ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ପରେ ୧୧୦ କର୍ମଚାରୀ, ପଓ୍ୱନଜୟ ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ଫଳରେ ୧୧୯ ଏବଂ ଗଣେଶ ସ୍ପଞ୍ଜ ଆଇରନ ଲିମିଟେଡ ବନ୍ଦ ହେବାପରେ ୧୧୦ କର୍ମଚାରୀ ଚାକିରି ହରାଇଥିବା ମନ୍ତ୍ରୀ ମିଶ୍ର ସୂଚନା ଦେଇଛନ୍ତି।



## ଜିଲା ଚିଠି
## ଅନୁଗୋଳ

# ଜାତୀୟ ରାଜପଥରେ ବିପଦ

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବିଶେଷକରି ୪ ଲେନ୍ ବା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ବଢ଼ି ଚାଲିଛି। ୨୦୧୧ରୁ ରାସ୍ତା ଦୋହରୀକରଣ ପାଇଁ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା । ହେଲେ ବିଭିନ୍ନ କାରଣରୁ ସେହି କାମ ମନ୍ଥର ଗତିରେ ଚାଲିଛି। ଠିକା ସଂସ୍ଥାର ଏହି ମନ୍ଥରତା ଓ ଅନେକ ସ୍ଥାନରେ ବନ୍ଦ ପଡ଼ିଥିବା କାମ ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଅନୁଗୋଳଠାରୁ ଢେଙ୍କାନାଳ ୬୧ କିଲୋମିଟର ଓ ଅନୁଗୋଳରୁ ସମ୍ବଲପୁର ୧୨୩ କିଲୋମିଟର ରାସ୍ତା ଯାତାୟାତକାରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। ଅନେକ ସ୍ଥାନରେ ଦୋହରୀକରଣ କାର୍ଯ୍ୟ ହୋଇ ନ ଥିଲେ ବି ଖାଲି ସ୍ଥାନକୁ ମରାମତି କରାଯାଉ ନାହିଁ। କେବଳ ଠିକା ସଂସ୍ଥା ନୁହେଁ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ମଧ୍ୟ ଏ ନେଇ କିଛି କମ୍ ଅବହେଳା ଦେଖାଉନାହାନ୍ତି। ଶିଳ୍ପାଞ୍ଚଳର କେନ୍ଦ୍ରସ୍ଥଳ କୁହାଯାଉଥିବା ବଅଁରପାଳଠାରୁ ଆରମ୍ଭ କରି ରନ୍ତଲେଇ ପର୍ଯ୍ୟନ୍ତ ରାସ୍ତା ଅଧିକାଂଶ ସମୟରେ ବିପଦପୂର୍ଣ୍ଣ ହୋଇପଡୁଛି । ଏପରି କି ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ସ୍ପିଡ୍ ବ୍ରେକରରେ ରଙ୍ଗ ଦିଆଯାଉ ନ ଥିବାରୁ ସେଠାରେ ଦୁର୍ଘଟଣା ଘଟୁଛି। ରାସ୍ତା ପାର୍ଶ୍ୱରେ ଗାଡ଼ି ଚାଳକଙ୍କ ପାଇଁ ବିଭିନ୍ନ ପ୍ରକାରର ସୂଚନା ଫଳକ ଲଗାଯିବା କଥା। କିନ୍ତୁ ଦୋହରୀକରଣକୁ ଢାଲ କରି ଏପରି ଫଳକ ଲଗାଯାଉ ନାହିଁ। ସଡ଼କ ସୁରକ୍ଷା ସମ୍ପର୍କିତ ଜିଲା ପ୍ରଶାସନ ନିର୍ଦ୍ଦେଶକୁ ଉକ୍ତ ଠିକାସଂସ୍ଥା ଓ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ମଧ୍ୟ ଠିକ୍ ଭାବେ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଗତ ଜୁନ ୨୫ ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ରାସ୍ତା ମରାମତି ନେଇ ପୂର୍ବ ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରି ନ ଥିବାରୁ ଅନୁଗୋଳ ଜିଲାପାଳ ବିରକ୍ତ ହୋଇଥିଲେ। ରାସ୍ତାର ଏପରି ଦୁରାବସ୍ଥା ଯୋଗୁ ଦୁର୍ଘଟଣାରେ ମୃତାହତ ସଂଖ୍ୟା ବଢୁଛି, ଏ ନେଇ ବାରମ୍ବାର ସତର୍କ କରାଯାଉଥିଲେ ବି ବିଭାଗୀୟ ଅଧିକାରୀମାନେ ଚେତୁ ନାହାନ୍ତି। ଫଳରେ ଗତ ଦେଢ଼ବର୍ଷରେ ଜିଲା ଦେଇ ଯାଇଥିବା ଏହି ରାଜପଥରେ ୪୬୦ଟି ଦୁର୍ଘଟଣାରେ ୨୧୫ ଜଣଙ୍କ ଜୀବନ ଯାଇଛି । ୪୪୨ ଜଣ ଆହତ ହୋଇଛନ୍ତି। ଗତ ଜାନୁୟାରୀ ୧ରୁ ଫେବୃୟାରୀ ୨୮ ମଧ୍ୟରେ ୭୩ଟି ଦୁର୍ଘଟଣାରେ ୩୬ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୭୩ ଜଣ ଆହତ ହୋଇଛନ୍ତି। ଏହାପର ୫ ମାସରେ କେତେ ଦୁର୍ଘଟଣା ଘଟିଛି ଓ କେତେ ଜୀବନ ଯାଇଛି ସେ ନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତଥ୍ୟ ଦେଇ ନ ଥିଲେ ବି ସଂଖ୍ୟା ଯେ ଆହୁରି ଅଧିକ ହେବ ତାହା ସହଜରେ ଅନୁମେୟ ।

– ଅମିତ କୁମାର ସାମଲ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

କାଳିଆ

ପଞ୍ଚାୟତ ସ୍ତରରେ କାଳିଆ ହିତାଧିକାରୀ ତାଲିକା ଯାଞ୍ଚ କାର୍ଯ୍ୟକ୍ରମ

୬ ଅଗଷ୍ଟ ଠାରୁ ୧୪ ଅଗଷ୍ଟ, ୨୦୧୯ ପର୍ଯ୍ୟନ୍ତ

No. 37-L

- ବର୍ତ୍ତମାନ ସୁଦ୍ଧା କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀଙ୍କର ଏକ ତାଲିକା ପ୍ରତି ପଞ୍ଚାୟତର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ୬ ଅଗଷ୍ଟ ୨୦୧୯ ଠାରୁ ୧୪ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଯାଉଛି । ଏହି ତାଲିକା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୱେବ୍‌ସାଇଟ୍ kalia.co.in ରେ ମଧ୍ୟ ଉପଲବ୍ଧ ହେଉଅଛି ।
- ଏହି ତାଲିକାରେ ଥିବା କୌଣସି ହିତାଧିକାରୀ ଯଦି ଅଯୋଗ୍ୟ ବୋଲି କେହି ଅନୁଭବ କରନ୍ତି ତେବେ ସେମାନଙ୍କର ତଥ୍ୟ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ପଞ୍ଚାୟତ ସ୍ତରୀୟ ନୋଡାଲ ଅଧିକାରୀଙ୍କୁ ଦରଖାସ୍ତ ଆକାରରେ ଜଣାଇ ପାରିବେ । ଏଥିରେ ସୂଚନାଦାତା / ଦରଖାସ୍ତକାରୀଙ୍କର ସମସ୍ତ ତଥ୍ୟ ଗୋପନ ରଖାଯିବ । ଯଦି କୌଣସି ହିତାଧିକାରୀ ନିଜକୁ ଏହି ଯୋଜନାରେ ଅଯୋଗ୍ୟ ଅନୁଭବ କରନ୍ତି ସେ ମଧ୍ୟ ଏ ସମ୍ବନ୍ଧରେ ନିଜ ନାମ ବାଦ୍ ଦେବା ନିମନ୍ତେ ଦରଖାସ୍ତ କରି ପାରିବେ । ଏଥିପାଇଁ ଦରକାର ହେଉଥିବା ଦରଖାସ୍ତ ଫର୍ମ ୱେବ୍‌ସାଇଟ୍ www.kalia.co.in ରେ ମଧ୍ୟ ଉପଲବ୍ଧ ହେଉଅଛି ।
- ଯେଉଁ ପଞ୍ଚାୟତର ଚାଷୀ ପରିବାର ସଂଖ୍ୟା ତୁଳନାରେ ଅଧିକ କମ୍ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀ ଚୟନ ହୋଇଛନ୍ତି ତାହାର ଏକ ପଞ୍ଚାୟତୱାରୀ ତାଲିକା ସମ୍ପୃକ୍ତ ପଞ୍ଚାୟତ ସ୍ତରୀୟ କାଳିଆ କମିଟିକୁ ପ୍ରଦାନ କରାଯାଇଅଛି । ସେହି ଗ୍ରାମର ଯେଉଁମାନେ ଯୋଗ୍ୟ ଚାଷୀ ସେମାନଙ୍କ ଠାରୁ ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନୂତନ ଦରଖାସ୍ତ ଫର୍ମ ଗ୍ରହଣ କରାଯିବ ।
- ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳର ଯୋଗ୍ୟ ଚାଷୀଭାଇମାନେ କିମ୍ବା ତାଙ୍କ ପରିବାରର ଅନ୍ୟ କୌଣସି ସଦସ୍ୟ ବର୍ତ୍ତମାନ ସୁଦ୍ଧା ଦରଖାସ୍ତ କରିନାହାନ୍ତି କିମ୍ବା ଚୟନ ହୋଇନାହାନ୍ତି ସେ ତାଙ୍କ ଅଞ୍ଚଳରେ ଥିବା ସାଧାରଣ ସେବା କେନ୍ଦ୍ରମାନଙ୍କ ସହାୟତାରେ ଅନଲାଇନ kalia.co.inରେ ୬ ଅଗଷ୍ଟ ୨୦୧୯ ଠାରୁ ୧୪ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ଦରଖାସ୍ତ କରିବାର ବ୍ୟବସ୍ଥା ମଧ୍ୟ ରହିଛି ।
- ଯଦି କୌଣସି ହିତାଧିକାରୀ ନିଜକୁ ଅଯୋଗ୍ୟ ବିବେଚିତ ମନେ କରି ସେ ପାଇଥିବା କାଳିଆ ସହାୟତା ରାଶି ଫେରସ୍ତ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ତେବେ ସେ ତାଙ୍କ ଅଞ୍ଚଳର କାର୍ଯ୍ୟରତ ପଞ୍ଚାୟତ ନୋଡାଲ ଅଧିକାରୀଙ୍କ ନିକଟରୁ ନିଜକୁ ବାଦ ଦେବା ପାଇଁ ଆବେଦନ ପତ୍ର ଓ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ସହାୟତା ରାଶି ଫେରସ୍ତ ପାଇଁ ଆବେଦନ କରିପାରିବେ । ଫେରସ୍ତ ନିର୍ଦ୍ଧାରଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ନିମ୍ନରେ ପ୍ରଦାନ କରାଗଲା । ଏତଦ୍ ବ୍ୟତୀତ ଏହି ଫର୍ମ କୃଷି ବିଭାଗର ୱେବସାଇଟ kalia.co.inରେ ମଧ୍ୟ ଉପଲବ୍ଧ ହେଉଅଛି ।

| ସହାୟତା ରାଶି ଫେରସ୍ତ ପାଇଁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ:- | ନିର୍ଦ୍ଦେଶକ କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା<br>ବ୍ୟାଙ୍କ ଖାତା ନମ୍ବର - 38474500762 | ଭାରତୀୟ ଷ୍ଟେଟ ବ୍ୟାଙ୍କ, ସଚିବାଳୟ ଶାଖା<br>IFSC Code- SBIN0010236 |
|---|---|---|

01034/11/0010/1920

ଏ ସମ୍ବନ୍ଧୀୟ କୌଣସି ପ୍ରକାର ପ୍ରଶ୍ନର ଉତ୍ତର ପାଇବା ପାଇଁ ଚାଷୀ ଭାଇମାନେ ନିମ୍ନୋକ୍ତ ସଂଯୋଗ ହେଲ୍ପ ଲାଇନ ଟୋଲ ଫ୍ରି ନମ୍ବର ବ୍ୟବହାର କରନ୍ତୁ ।

ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା
କୃଷକ ସଶକ୍ତିକରଣ ଦିଗରେ ଏକ ଅଭିନବ ପଦକ୍ଷେପ

www.kalia.co.in
କାଳିଆ ହେଲ୍ପ ଲାଇନ
୧୮୦୦ ୩୪୫୬ ୭୭୦ / ୧୫୫୩୩୫ (ସମୟ ସକାଳ ୬ ଘଣ୍ଟାରୁ ରାତ୍ର ୧୦ ଘଣ୍ଟା ପର୍ଯ୍ୟନ୍ତ)

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା’ ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।

–ଶ୍ରୀମା

# ୩୭୦ ଉଚ୍ଛେଦ ସ୍ୱାଗତଯୋଗ୍ୟ

କୁହାଯାଉଛି ଭାରତୀୟ ଇତିହାସ ଫର୍ଦ୍ଦରେ ୫ ଅଗଷ୍ଟ ୨୦୧୯ ଯୋଡ଼ି ହୋଇଯାଇଛି। ଜମ୍ମୁ ଓ କଶ୍ମୀରକୁ ଦିଆଯାଇଥିବା ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ଅନୁଚ୍ଛେଦ ୩୭୦କୁ ଏହି ଦିନ ହଟାଇ ଦିଆଯାଇଛି। ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏଣିକି ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ସୁବିଧାରୁ ବଞ୍ଚିତ ହେବ। କେବଳ ସେତିକି ନୁହେଁ, ଉକ୍ତ ରାଜ୍ୟକୁ ବିଭାଜନ କରାଯାଇ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରାଯିବା ଲାଗି ରାଜ୍ୟ ସଭାରେ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଲ୍ ଗୃହୀତ ହୋଇଛି। ଫଳରେ ଜମ୍ମୁ ଓ କଶ୍ମୀରରେ ଦିଲ୍ଲୀ ଓ ପୁଡୁଚେରୀ ଭଳି ବିଧାନସଭା ରହିବାକୁ ଥିବାବେଳେ ଚଣ୍ଡିଗଡ଼ ପରି ଲଦାଖରେ ବିଧାନସଭା ରହିବ ନାହିଁ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି।

ଗତ ସପ୍ତାହରେ ଉପତ୍ୟକାକୁ ଅଧିକ ୩୮ ହଜାର କେନ୍ଦ୍ରୀୟ ବଳ ପ୍ରେରଣ କରାଯିବା ଏବଂ ୪ ଅଗଷ୍ଟରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତ୍ରୀ ମେହବୁବା ମୁଫ୍ତି ଓ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲାଙ୍କୁ ଗୃହବନ୍ଦୀ ରଖାଯିବା ପରେ କଶ୍ମୀରରେ ଏକ ବଡ଼ଧରଣର ପରିବର୍ତ୍ତନ ହେବାକୁ ଯାଉଛି ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ୫ ଅଗଷ୍ଟରେ ତାହା ବାସ୍ତବରେ ପରିଣତ ହୋଇଥିବାରୁ ଦେଶବ୍ୟାପୀ ଏହା ଆଲୋଡ଼ନ ଖେଳାଇ ଦେଇଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସୁନାମି ସୃଷ୍ଟି ହୋଇଛି। ସରକାରଙ୍କୁ ବିଜେଡି, ଏଏପି, ଏଆଇଏଡିଏମ୍‌କେ, ୱାଇଏସ୍‌ଆର୍ କଂଗ୍ରେସ, ବିଏସ୍‌ପି, ଆଇଏନ୍‌ଏଲ୍‌ଡି, ଶିବସେନା ସମର୍ଥନ କରିଥିବାବେଳେ କଂଗ୍ରେସ, ଟିଏମ୍‌ସି, ପିଡିପି, ଏନ୍‌ସି, ଏସ୍‌ପି ଆଦି ଦଳ ବିରୋଧ କରିଛନ୍ତି। ଏନ୍‌ଡିଏର ସହଯୋଗୀ ଜେଡିୟୁ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଛି। କୌତୂହଳର ବିଷୟ ହେଉଛି, ସମ୍ବିଧାନ ସମ୍ପର୍କରେ ଏଭଳି ଏକ ରାଜନୈତିକ ନିଷ୍ପତ୍ତିକୁ ବଡ଼ ସହଜରେ ଦୁଇଭାଗରେ ଦର୍ଶାଯାଉଛି। ସମର୍ଥନକାରୀ ହୋଇଗଲେ ଦେଶପ୍ରେମୀ ଏବଂ ବିରୋଧୀ ହେଲେ ଦେଶଦ୍ରୋହୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱାଧୀନତା ପରେ ଭାରତର ଶିଳ୍ପ ଓ ଯୋଗାଣ ମନ୍ତ୍ରୀଭାବେ କାର୍ଯ୍ୟ କରି ଆସୁଥିବା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହିତ କଶ୍ମୀର ପ୍ରସଙ୍ଗରେ ମତଭେଦ ସୃଷ୍ଟି ହୋଇଥିଲା। ଅନୁଚ୍ଛେଦ ୩୭୦କୁ ବିରୋଧ କରୁଥିବା ମୁଖାର୍ଜୀ କଂଗ୍ରେସ ଦଳ ଓ ସରକାରରୁ ଇସ୍ତଫା ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ସାହାଯ୍ୟରେ ଭାରତୀୟ ଜନସଂଘ ନାମରେ ରାଜନୈତିକ ଦଳ ଗଠନ କଲେ। ଜନ୍ମରୁ ୩୭୦କୁ ବିରୋଧ କରିଆସୁଥିବା ସେବକାର ଜନସଂଘ ଯାହା ଏବେ ଭାଜପାରେ ପରିଣତ ହୋଇଛି, ୫ ଅଗଷ୍ଟ ୨୦୧୯ରେ ତାହାର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ମୂଳ ସ୍ୱପ୍ନକୁ ସାକାର କରିପାରିଛି। ଏହି ପଦକ୍ଷେପକୁ ସମର୍ଥନ କରିବା ବ୍ୟତୀତ ଅନ୍ୟ କୌଣସି ଚିନ୍ତା ପୋଷଣ କରିବା ଅନୁଚିତ ହେବ। କିନ୍ତୁ ଏହି ଅନୁଚ୍ଛେଦ ୩୭୦ ସହିତ ୩୭୧କୁ ମଧ୍ୟ ହଟାଯିବା ଦରକାର। ଉଲ୍ଲେଖଯୋଗ୍ୟ, ୩୭୧ରେ ବିଦର୍ଭଠାରୁ ଆରମ୍ଭକରି ସୌରାଷ୍ଟ୍ର ପର୍ଯ୍ୟନ୍ତ ମହାରାଷ୍ଟ୍ର ଓ ଗୁଜରାଟର ଅନେକ ଅଞ୍ଚଳକୁ ସାମ୍ବିଧାନିକ ସ୍ତରରେ ବିଭିନ୍ନ ସୁରକ୍ଷା ଦିଆଯାଇଛି। ସେହି ଦୁଇ ରାଜ୍ୟକୁ ବିଶେଷ ସୁବିଧା ଦିଆଯିବା କେତେଦୂର ଯୁକ୍ତିଯୁକ୍ତ ତାହା ଆଲୋଚ୍ୟ ବିଷୟ ହୋଇପାରେ। ବିଶେଷକରି ଓଡ଼ିଶାର ଉତ୍ତର, ପଶ୍ଚିମ ଓ ଦକ୍ଷିଣରେ ଅନେକ ଅନୁନ୍ନତ ଅଞ୍ଚଳ ରହିଥିବା ସତ୍ତ୍ୱେ ସେଗୁଡ଼ିକୁ ଗୁଜରାଟର ସୌରାଷ୍ଟ୍ର କିମ୍ବା କଚ୍ ଭଳି ସାମ୍ବିଧାନିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଇ ନାହିଁ।

ଭାରତର ଅନ୍ୟ ପ୍ରାନ୍ତରୁ ଯାଇ ନାଗାଲାଣ୍ଡ, ମିଜୋରାମ, ସିକ୍କିମ, ଆସାମ ଭଳି ଉତ୍ତର ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାରତୀୟମାନେ ନିଜ ନାମରେ ଜମି କିଣିପାରିବେ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ସେହିଭଳି ଉତ୍ତରାଖଣ୍ଡ ଓ ଗୁଜରାଟର କେତେକ ଅଞ୍ଚଳରେ ବାହାରୁ ଯାଇଥିବା ଲୋକ ଜାଗା ଓ ଘର କିଣିବା ଉପରେ ପ୍ରତିବନ୍ଧକ ରହିଛି। ଏହି ପ୍ରସଙ୍ଗ ସମ୍ପର୍କରେ ସାଧାରଣ ନାଗରିକ ସମ୍ପୂର୍ଣ୍ଣ ଭାବେ ଅଜ୍ଞ। ଏହା ବ୍ୟତୀତ ଗୋଟିଏ ରାଜ୍ୟକୁ ବିଭାଜନ କରିବା ପାଇଁ ହେଲେ ଯଥାକ୍ରମେ ସମ୍ପୃକ୍ତ ରାଜ୍ୟର ବିଧାନସଭାରେ ସେ ସଂକ୍ରାନ୍ତ ବିଲ୍ ତିନିଚତୁର୍ଥାଂଶ ସଭ୍ୟଙ୍କ ଦ୍ୱାରା ଗୃହୀତ ହେବା ଆବଶ୍ୟକ। ତା’ପରେ ପାର୍ଲାମେଣ୍ଟର ଉଭୟ ଗୃହରେ ଏହି ନିଷ୍ପତ୍ତି ଗୃହୀତ ହେଲେ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିପାରିବ। ଏହାପରେ ସେହି ରାଜ୍ୟର ବିଭାଜନ ସମ୍ଭବପର ହୋଇଥାଏ। କିନ୍ତୁ ଜମ୍ମୁ ଓ କଶ୍ମୀରରେ ଏବେ ରାଷ୍ଟ୍ରପତି ଶାସନ ଚାଲିଛି । କୌଣସି ନିର୍ବାଚିତ ପ୍ରତିନିଧିଙ୍କ ବିଧିବଦ୍ଧ ମତ ଲୋଡ଼ା ଯାଇନାହିଁ । ସେଭଳି ପରିସ୍ଥିତିରେ କେବଳ ରାଜ୍ୟପାଳଙ୍କ ମତକୁ ନେଇ ଏଭଳି ବିରାଟକାୟ ପଦକ୍ଷେପ ନିଆଯାଇଛି। ଅବଶ୍ୟ ସମଗ୍ର ଦେଶରେ ଜୁଆର ଭଳି ଉଠୁଥିବା ସମର୍ଥନ ଏବେ ଭାରତର ସମ୍ବିଧାନକୁ ଅକାମୀ କରିଦେଇଛି।

ଏହି ପଦକ୍ଷେପକୁ ସ୍ୱାଗତ କରୁଥିବାବେଳେ ଅନ୍ୟ କେତେକ ଚିନ୍ତା ମନକୁ ଆସୁଛି। ଉଦାହରଣ ସ୍ୱରୂପ ଗତ ଶତାବ୍ଦୀର ନବେ ଦଶକରେ ନିଜ ଜମି ଓ ଘରୁ ଉଚ୍ଛେଦ ହୋଇଥିବା କଶ୍ମୀରୀ ପଣ୍ଡିତମାନେ ବାସସ୍ଥାନକୁ ଅକ୍ତିଆରରେ ଆଣିପାରିବେ କି ନାହିଁ, ତାହା ଦେଖିବାକୁ ଅଛି। ଯେଉଁ ପର୍ଯ୍ୟନ୍ତ କଶ୍ମୀରୀ ହିନ୍ଦୁମାନେ ଦିଲ୍ଲୀ ଓ ଅନ୍ୟ ଅଞ୍ଚଳରୁ ନିଜ ବାସଗୃହକୁ ଫେରିନାହାନ୍ତି, ସେପର୍ଯ୍ୟନ୍ତ ଅନୁଚ୍ଛେଦ ୩୭୦ର ଉଚ୍ଛେଦ କୌଣସି ମାନେ ରଖୁନାହିଁ। ଶୁଣାଯାଉଛି ଯେ, ଅତିଶୀଘ୍ର ଶ୍ରୀନଗରରେ ଶିଳ୍ପପତିମାନଙ୍କର ଏକ ବିରାଟ ସମାଗମ ଆୟୋଜନ ହୋଇପାରେ। କଶ୍ମୀରରେ ଅର୍ଥ ବିନିଯୋଗ କରିବାକୁ ଇଚ୍ଛୁକ ଭାଜପା ସମର୍ଥକ ବ୍ୟବସାୟୀ ଓ ଶିଳ୍ପପତି କେଉଁଭଳି ବିପଦକୁ ସମ୍ମୁଖୀନ ହୋଇ ସେଠାରେ କାର୍ଯ୍ୟ କରିବେ, ତାହା ମଧ୍ୟ ଏକ ସଫଳତାର ମାପକାଠି ପାଲଟିବ। କାରଣ ସ୍ଥାନୀୟ ଯୁବତୀଯୁବକଙ୍କ ଅର୍ଥନୈତିକ ଦୁଃସ୍ଥିତି ଦୂର ନ ହେବା ପର୍ଯ୍ୟନ୍ତ ସବୁ ଅସ୍ଥିରତା ଲାଗି ରହିବାର ଆଶଙ୍କା ରହିଛି। କଶ୍ମୀରରେ ମୁସଲମାନ ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ ଥିବାରୁ, କେନ୍ଦ୍ର ସରକାର ଯେଉଁଭଳି ଭାବେ ସେଠାକାର ଜନସଂଖ୍ୟାରେ ମୁସଲମାନ–ହିନ୍ଦୁରେ ସନ୍ତୁଳନ ଆଣିବେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚାଉଛି। ଯେତେ ଅଧିକ ପୋଲିସ ଓ କେନ୍ଦ୍ରୀୟ ବଳ କଶ୍ମୀରରେ ମୁତୟନ କରାଯିବ, ସେତେ ଅଧିକ ନକାରାତ୍ମକ ପ୍ରତିକ୍ରିୟା ସ୍ଥାନୀୟ ଯୁବପିଢ଼ିଠାରୁ ମିଳିପାରେ। ସେଥିପାଇଁ ସ୍ଥାନୀୟ ମୁସଲମାନଙ୍କ କ୍ରୋଧକୁ କେଉଁଭଳି ଥଣ୍ଡା କରାଯିବ, ତାହା ମଧ୍ୟ ଚିନ୍ତାର ବିଷୟ। ଅବଶ୍ୟ ଏଠି କୁହାଯାଇପାରେ ଯେ, ଧୈର୍ଯ୍ୟ ଏବଂ ଅପେକ୍ଷା କଲେ ଆଜିର ନେତୃତ୍ୱ ସଫଳତାର ସହିତ ସବୁ ସମସ୍ୟାର ସମାଧାନ କରିପାରିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ପୁନର୍ବାର ସମର୍ଥନ ଜଣାଉଥିବା ସହିତ ଅନେକ ଚିନ୍ତା ଦେଶବାସୀଙ୍କୁ ଘାରିବା ଆବଶ୍ୟକ। କଶ୍ମୀରରେ ଠୁଳ ହୋଇ ରହିଥିବା ଭାରତୀୟ ସଶସ୍ତ୍ର ବାହିନୀର ଶକ୍ତି ଏହି ଦେଶର ଆର୍ଥିକ ରକ୍ତ ଶୋଷିନେଉଛି। ନିକଟରେ ୩୮ ହଜାର କେନ୍ଦ୍ରୀୟ ବଳ ମୁତୟନ ହେବା ଫଳରେ ଖର୍ଚ୍ଚ ଆହୁରି ବଢ଼ିଚାଲିବ। ତତ୍‌ସହିତ ଟିକସ ବଢ଼ିବ, ବିଭିନ୍ନ ସେସ୍ ବସିବ ଏବଂ ସାଧାରଣ ଉନ୍ନତି ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ସେଥିପାଇଁ ସରକାରଙ୍କୁ ଏଭଳି ଶକ୍ତିଶାଳୀ ନିଷ୍ପତ୍ତି ପାଇଁ ଶୁଭେଚ୍ଛା ଜଣାଇବା ସହିତ ଦେଶର ଦୁର୍ବଳ ଆର୍ଥିକ ସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇପାରେ।

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 7 | | | | | | 1 | 6 | | | | | |
| | 1 | | | | | E | | | 8 | 7 | | 3 | | |
| 6 | | | | | | | B | 2 | | D | | | | C |
| | | 5 | | 0 | B | D | | | | | C | 1 | | |
| | | E | | A | | | 7 | 5 | | | | | | |
| | | | 6 | | | | | | 9 | | | 5 | | 3 |
| | D | | | | 7 | | | | 5 | | A | | | |
| | 3 | 8 | | 5 | A | | 2 | 9 | 7 | | | D | | E |
| | 9 | | | | E | | 8 | | 4 | | 0 | | B | 2 |
| | | | 0 | | C | 6 | | B | | 3 | | | | |
| | 2 | | | 6 | | | | | E | | 7 | 4 | | |
| | | | 3 | | 5 | | A | D | | 2 | | E | | |
| | | D | B | | | 7 | 0 | | | 4 | 3 | | | 5 |
| | 5 | | 8 | | | 9 | | C | | | | 0 | | |
| | | 4 | | | | | | E | 0 | | B | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | D | 2 | C | 0 | E | A | 5 | 4 | 7 | 9 | 1 | 6 | B |
| 7 | B | 6 | 9 | 4 | 1 | D | 3 | 2 | 8 | A | 5 | C | E | 0 |
| 1 | 9 | 5 | D | 8 | E | 7 | C | 4 | 6 | B | 0 | A | 2 | 3 |
| E | A | 0 | 3 | 6 | 5 | 8 | 1 | B | 2 | D | C | 4 | 7 | 9 |
| 4 | C | 2 | 7 | B | A | 6 | 0 | 9 | 1 | 3 | E | 8 | D | 5 |
| D | 1 | 8 | 0 | E | 2 | C | 4 | A | B | 5 | 6 | 3 | 9 | 7 |
| A | 4 | 7 | 5 | 3 | 6 | B | E | 1 | 9 | 0 | 8 | D | C | 2 |
| 0 | 3 | E | 4 | 7 | 9 | 5 | 8 | 6 | C | 2 | D | B | 1 | A |
| C | 2 | B | 1 | A | 8 | 0 | 9 | D | 7 | 4 | 3 | E | 5 | 6 |
| 5 | 6 | 9 | B | D | C | 3 | 2 | 7 | E | 1 | A | 0 | 4 | 8 |
| 8 | D | 4 | A | 9 | 7 | 2 | 5 | 0 | 3 | E | 1 | 6 | B | C |
| 9 | 7 | C | E | 1 | B | 4 | 6 | 3 | A | 8 | 2 | 5 | 0 | D |
| B | E | A | 8 | 5 | 4 | 9 | D | C | 0 | 6 | 7 | 2 | 3 | 1 |
| 2 | 5 | 1 | 6 | 0 | 3 | A | 7 | E | D | C | B | 9 | 8 | 4 |
| 6 | 0 | 3 | C | 2 | D | 1 | B | 8 | 5 | 9 | 4 | 7 | A | E |

ଗତକାଲିର ଉତ୍ତର

# ଅହିଂସା – ବୀରର ଭାଷା



ଅରୁଣ କୁମାର ପଣ୍ଡା

ଦୁଇ ବିରୋଧୀ ବିଷୟକୁ ଆମେ ଦ୍ୱନ୍ଦ୍ୱ କହିଥାଉ। ଯେପରି ଥଣ୍ଡା ଓ ଗରମ, ଦିନ ଓ ରାତି। ସେହିପରି ଭୀରୁ ଓ ବୀର। ଭୀରୁ କିଛି କରିବା ପାଇଁ ସମର୍ଥ ନ ଥାଏ, ସବୁବେଳେ ଡରୁଥାଏ। ବୀର ଓ ପରାକ୍ରମୀ ବ୍ୟକ୍ତି କେବେ ବି ଡରେ ନାହିଁ। ତାକୁ ଯାହା କରିବାର ଥାଏ ନିର୍ଭୟରେ କରେ। ସେ କାହାକୁ ପରବାୟ କରେ ନାହିଁ।

ଅହିଂସା ହେଉଛି ପ୍ରଶସ୍ତ ରାସ୍ତା– ରାଜପଥ। ବଡ଼ ନଗରୀରେ ପାଦଚଲାଳିଙ୍କ ପାଇଁ ଫୁଟପାଥ୍, ସାଇକେଲ୍ ଏବଂ ବାଇକ୍ ଚାଳକଙ୍କ ପାଇଁ ଅଲଗା ମାର୍ଗ ଏବଂ ଭାରିଯାନ ପାଇଁ ସ୍ୱତନ୍ତ୍ର ସଡ଼କ ରାଜପଥ ଥାଏ। ସେହିଭଳି ଅହିଂସାକୁ ପ୍ରଶସ୍ତ ରାଜପଥ କୁହାଯାଇପାରେ। ଏହି ମାର୍ଗରେ ଭୀରୁ ବ୍ୟକ୍ତି ଚାଲିପାରେ ନାହିଁ। ଯାହା ପାଖରେ ପ୍ରେରଣା, ଗତି ଓ ଶକ୍ତି ଥାଏ, ସେ ହିଁ ବୀର ଏବଂ ବୀର ହିଁ ଅହିଂସା ମାର୍ଗରେ ଚାଲି ସଭିଙ୍କୁ ଶାନ୍ତି ଓ ଶକ୍ତି ପ୍ରଦାନ କରିଥାଏ।

ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ବେଳେ ଅନେକଙ୍କୁ ଗୋଟିଏ କଥା ଆନ୍ଦୋଳିତ କରୁଥିଲା ଯେ ଅହିଂସା ହେଉଛି ଭୀରୁଙ୍କ ଶବ୍ଦ। ଭାରତ ପରାଧୀନ ହେଲା କେବଳ ଅହିଂସା ଆଚରଣ ପାଇଁ। ବାସ୍ତବରେ ଏହା ଏକ ଅସତ୍ୟ ଧାରଣା। ବିନା ବିଚାରରେ, ତଥ୍ୟର ଯାଞ୍ଚ ନ କରି ଯାହା ମୁହଁରୁ ବାହାରିଲା ଆମେ କହିଦେଇଥାଉ। କୁହାଯାଏ କୌଣସି ମିଛ କଥାକୁ ଶହେଥର କହିଲେ ତାହା ସତ୍ୟରେ ପରିଣତ ହୁଏ। ‘ତିନି ତୁଣ୍ଡରେ ଛେଳି କୁକୁର’। ଅହିଂସା ପାଇଁ ଆମେ ପରାଧୀନ ହେଲୁ ଏଭଳି ଏକ ମିଥ୍ୟାକୁ ବର୍ଷ ବର୍ଷ ଧରି ହଜାର ଥର କୁହାଯାଇଛି।

ମହାନ୍ ବିଦ୍ୱାନ ମାଘ ପ୍ରତିଦିନ ଗୋଟିଏ ଲୋଟା ଧରି ନଦୀକୁ ସ୍ନାନ କରିବା ପାଇଁ ଯାଉଥିଲେ। ଦିନେ ସେ ଭାବିଲେ– ପ୍ରତିଦିନ ସାଙ୍ଗରେ ଲୋଟା ଆଣିବାର କ’ଣ ଆବଶ୍ୟକତା ଅଛି? ଏହା ଭାବି ସେ ଲୋଟାଟିକୁ ନଦୀକୂଳ ବାଲିରେ ପୋତିଦେଲେ। ଲୋକମାନେ ଦେଖିଲେ ମାଘଙ୍କ ପରି ବିଦ୍ୱାନ ବ୍ୟକ୍ତି ଲୋଟାଟିକୁ ନଈବାଲିରେ ପୋତିଛନ୍ତି। ତେଣୁ ସେମାନେ ଏହାକୁ ଏକ ମହାନ୍ କାର୍ଯ୍ୟ ଭାବି ନିଜ ନିଜ ଲୋଟାକୁ ନଈ ବାଲିରେ ପୋତିଦେଲେ। ଜଣେ ଚତୁର ବ୍ୟକ୍ତି ଲୋକଙ୍କର ଏସବୁ କାର୍ଯ୍ୟ ଦେଖୁଥିଲା। ରାତି ହେଲା ପରେ ସେ ନଦୀକୂଳକୁ ଆସି ବାଲିରେ ପୋତା ଯାଇଥିବା ଲୋଟାଗୁଡ଼ିକୁ ଏକ ବସ୍ତାରେ ଭର୍ତ୍ତିକରି ନେଇଗଲା। ସକାଳୁ ଲୋକେ ଆସି ଦେଖିଲେ ସେମାନଙ୍କ ଲୋଟାଗୁଡ଼ିକ କିଏ ନେଇଯାଇଛି। ମହାନ୍ ବିଦ୍ୱାନ ମାଘଙ୍କ ଲୋଟାଟି ମଧ୍ୟ ଚୋରି ହୋଇଯାଇଥିଲା। ସ୍ୱାଭାବିକ ଭାବରେ ମହାକବି ମାଘଙ୍କ ମୁହଁରୁ ଉଚ୍ଚାରିତ ହେଲା– ‘ଗତାନୁଗତିକୋ ଲୋକଃ, ଗତେ ମେ ତାମ୍ରଭାଜନମ୍।’ ଲୋକେ ଗତାନୁଗତିକ ହୋଇଥା’ନ୍ତି। ଏହିଭଳି ଲୋକଙ୍କ ସହିତ ମୋ ତାମ୍ରପାତ୍ର (ଲୋଟା) ମଧ୍ୟ ଚୋରି ହୋଇଗଲା।

ଦେଖାଯାଏ, ଯଦି ଗୋଟିଏ ମେଣ୍ଢା ଭୁଲ୍‌ରେ କୂଅରେ ପଡ଼ିଯାଏ ତେବେ ନିକଟରେ ଥିବା ଅନ୍ୟ ମେଣ୍ଢାମାନେ ଦଳବଦ୍ଧ ହୋଇ କୂଅକୁ ଲମ୍ଫ ପ୍ରଦାନ କରନ୍ତି। ଗୋଟିଏ ମେଣ୍ଢା ମେଁ ମେଁ ଚିତ୍କାର କରିବା ପରେ ଅନ୍ୟମାନେ ତା’ ସହିତ ତାଳ ମିଳାଇ ମେଁ ମେଁ ଚିତ୍କାର କରନ୍ତି। ମନୁଷ୍ୟମାନଙ୍କ ଭିତରେ ମଧ୍ୟ ମେଣ୍ଢା ପ୍ରବୃତ୍ତି ରହିଛି। ସମାଜରେ ଅନେକ ପ୍ରକାରର ରଢ଼ିବାଦ, ଅନ୍ଧବିଶ୍ୱାସ ପରମ୍ପରା ନାଁରେ ପ୍ରଚଳିତ ରହିଛି। ଏହା ପଛରେ ସେଭଳି କୌଣସି ଠିକ୍ ଆଧାର ନାହିଁ। ଏସବୁ ଗତାନୁଗତିକ ଭାବେ ଚାଲିଆସିଛି।

ବାସ୍ତବରେ ଅହିଂସା ସହିତ ଭୀରୁତାର କୌଣସି ସମ୍ପର୍କ ନାହିଁ। ଅହିଂସା ହେଉଛି ବୀରର ଭାଷା। ଯେଉଁଠାରେ ଭୀରୁତା ସେଠାରେ ଅହିଂସାର ପ୍ରଶ୍ନ ନାହିଁ। ଆମର ସ୍ୱାଧୀନତା ଆନ୍ଦୋଳନ ବେଳେ ଅନେକ କ୍ରାନ୍ତିକାରୀ ହସି ହସି ନିର୍ଭୟରେ ଫାଶୀଖୁଣ୍ଟକୁ ଚଢ଼ିଯାଇଛନ୍ତି। ବିନା ଦ୍ୱେଷ, ପ୍ରତିଶୋଧ ଏବଂ ଆରୋପରେ ସେମାନେ ଦଣ୍ଡ ସ୍ୱୀକାର କରିଛନ୍ତି, ହସି ହସି ମୃତ୍ୟୁକୁ ସାମନା କରିଛନ୍ତି। ଖୁଦିରାମ ବସୁ ପରି ବାରବର୍ଷର କ୍ରାନ୍ତିକାରୀ ବାଳକ ଫାଶୀଖୁଣ୍ଟକୁ ଯିବାବେଳେ ତାଙ୍କର ସହାସ୍ୟ ଓ ଗ୍ଲାନିମୁକ୍ତ ବଦନ ଦେଖି ମେଦିନୀପୁର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ପଚାରିଲେ– ‘ହେ ବାଳକ! ତୁମେ କ’ଣ ମରିବାକୁ ଡର ନାହିଁ?’ ଉତ୍ତର ଥିଲା ସ୍ପଷ୍ଟ, ‘ମୁଁ ଆତ୍ମା ଅଜର, ଅମର, ଅବିନାଶୀ। ଦେଶ ପାଇଁ ମୁଁ ଶରୀରକୁ ନଷ୍ଟ କରୁଛି। ମୃତ୍ୟୁପରେ ପୁଣି ଥରେ ଜନ୍ମ ହେବି ଏବଂ ଦେଶମାତୃକାର ସେବା ପାଇଁ ମୋତେ ପ୍ରାଣବଳି ଦେବାର ସୁଯୋଗ ମିଳିଲେ ମୁଁ ଗୌରବାନ୍ୱିତ ହେବି।’ ଜଣେ ବାଳକର ଏହି ନିର୍ଭୟତାର କାରଣ ତା’ର ଆତ୍ମିକ ଜ୍ଞାନ ବୋଲି କୁହାଯାଇପାରେ। ମୁଁ ଦେହ ନୁହେଁ, ଦେହୀ (ଆତ୍ମା), ପରମପିତା ପରମାତ୍ମାଙ୍କ ସନ୍ତାନ; ମୁଁ ନିରାକାର, ନିର୍ବିକାର ଓ ନିରହଂକାର– ଏହି ପାଠ ଯିଏ ଠିକ୍‌ଭାବେ ପଢ଼ିଛି ତାକୁ ମୃତ୍ୟୁଭୟ କେବେ ପ୍ରଭାବିତ କରିପାରିବ ନାହିଁ। ବାସ୍ତବରେ ଦେଶ ପାଇଁ ଲଢ଼ିଥିବା କିମ୍ବା ଲଢୁଥିବା ବ୍ୟକ୍ତି ଅନ୍ୟର ଅନିଷ୍ଟ ଚିନ୍ତା ନ କରି ନିଜର କର୍ତ୍ତବ୍ୟ ପାଳନ ପାଇଁ ଦେହାତୀତ ଅବସ୍ଥାକୁ ଯାଇ ସଂଗ୍ରାମ କରେ।

ଅହିଂସାର ମହାନ ପୂଜାରୀ ଜୈନଧର୍ମର ପ୍ରସିଦ୍ଧ ତୀର୍ଥଙ୍କର ବର୍ଦ୍ଧମାନଙ୍କୁ ମହାବୀର କୁହାଯାଏ। ‘ମହାବୀର’ ତାଙ୍କ ପରିବାରର ଉପାଧି ନୁହେଁ। ଅପ୍ରତିମ ସାହସ ଓ ସଂକଳ୍ପ ବଳରେ କଠିନରୁ କଠିନ ସ୍ଥିତିର ସମ୍ମୁଖୀନ ହୋଇ ଏବଂ ପରିସ୍ଥିତି ଓ ମାୟା ଉପରେ ବିଜୟ ପ୍ରାପ୍ତ କରି ସେ ‘ମହାବୀର’ରେ ପରିଣତ ହେଲେ। ରାମ, କୃଷ୍ଣ, ବୁଦ୍ଧ, ମହମ୍ମଦ, ଯିଶୁଖ୍ରୀଷ୍ଟ ଆଦି ସବୁ ମହାତ୍ମାଙ୍କ ଜୀବନରେ ଅନେକ ସଂଘର୍ଷ ଓ ସଂଘାତର ପରିସ୍ଥିତି ଆସିଛି। ସେମାନେ ଅନେକ ଯାତନା ସହିଛନ୍ତି। ଏସବୁକୁ ସାହସର ସହ ମୁକାବିଲା କରି ସେମାନେ ପ୍ରାଣୀଙ୍କ କଲ୍ୟାଣ ପାଇଁ ରଖିଥିବା ଲକ୍ଷ୍ୟପଥରେ ଅବିଚଳିତ ଭାବରେ ଅଗ୍ରଗତି କରିଛନ୍ତି। ତେଣୁ ସେମାନେ ଆଜି ସ୍ମରଣୀୟ ଏବଂ ଆମର ପ୍ରେରଣାର ସ୍ରୋତ।

ଅହିଂସା ମାର୍ଗର ଅନ୍ତିମ ସ୍ଥଳ ହେଉଛି ‘ଶାନ୍ତି’। ଧୈର୍ଯ୍ୟ, ସହିଷ୍ଣୁତା, ନିଷ୍ଠା, ଦୃଢ଼ମନୋବଳ ଦ୍ୱାରା, ଅହିଂସାର କଠିନତମ ରାସ୍ତାରେ ଚାଲି ମାନବ ତା’ର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରେ। ପରିଶେଷରେ ସେ ମଣିଷରୁ ଦେବତାରେ ପରିଣତ ହେବାରେ ସମର୍ଥ ହୁଏ। ଅହିଂସାର ଅର୍ଥ ଅନ୍ୟାୟକୁ ସହିବା ନୁହେଁ। ଅନୀତି, ଅନ୍ୟାୟ ଏବଂ ଆସୁରିକ ଶକ୍ତିର ସାମନା କରି ତାକୁ ମୁହଁତୋଡ ଜବାବ ଦେବା ହିଂସା ନୁହେଁ, ବରଂ ଅହିଂସାର ପରାକାଷ୍ଠା। ଅହିଂସକ ଭୀରୁ, କାପୁରୁଷ ନୁହେଁ, ବରଂ ନିର୍ଭୀକ, ସାହସୀ ଏବଂ ଚରିତ୍ରବାନ ହୋଇଥାଏ। ସେ ହିଁ ବାସ୍ତବରେ ମହାବୀର।

ବିଶ୍ୱବିଜେତା ଆଲେକ୍‌ଜାଣ୍ଡର (ସିକନ୍ଦର) ନିଜର ଦେଶ ୟୁନାନ୍ ଫେରିବା ପୂର୍ବରୁ ସାଙ୍ଗରେ ଜଣେ ବିଶିଷ୍ଟ ସନ୍ଥଙ୍କୁ ନେଇଯିବାକୁ ଚାହିଁଲେ। ତାଙ୍କୁ ଖବର ମିଳିଲା ଯେ ଏଭଳି ଜଣେ ସାଧୁ ଏକାନ୍ତରେ ବସି ତପସ୍ୟା କରୁଛନ୍ତି ଯିଏ ସମ୍ପୂର୍ଣ୍ଣ ଭାବରେ ନିଃସ୍ପୃହ, ନିର୍ବିକାରୀ। ସେ କେବେ କାହାକୁ କିଛି ମାଗନ୍ତି ନାହିଁ। ସବୁବେଳେ ଏକାନ୍ତରେ ପରମାତ୍ମାଙ୍କ ଧ୍ୟାନରେ ଲୀନ ରହିଥାନ୍ତି। ଆତ୍ମା ସହ ପରମାତ୍ମାଙ୍କ ସଂଯୋଗ ହିଁ ତାଙ୍କ ଯୋଗ ସାଧନାର ବିଶେଷତା।

ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ଏହି ସନ୍ଥଙ୍କ ନିକଟରେ ପହଞ୍ଚି ତାଙ୍କୁ ୟୁନାନ୍ ଯିବା ପାଇଁ କହିଲେ। ପରନ୍ତୁ ସାଧୁ ଜଣକ ତାଙ୍କ ସାଙ୍ଗରେ ଯିବେ ନାହିଁ ବୋଲି ସିଧା ମନା କରିଦେଲେ। ଆଲେକ୍‌ଜାଣ୍ଡାର କହିଲେ– ‘ହେ ସାଧୁ! ତୁମେ ଜାଣ ମୁଁ ବିଶ୍ୱବିଜେତା ସମ୍ରାଟ୍। ତେଣୁ ତୁମକୁ ମୋ ଆଦେଶ ମାନିବାକୁ ପଡ଼ିବ।’ ସାଧୁଜଣକ ବିନମ୍ରତାର ସହ କହିଲେ– ‘ତୁମେ ବିଶ୍ୱଜୟ କରିଥାଇପାର। ସେଥିରେ ମୋର କିଛି ମତଲବ ନାହିଁ, ସମ୍ରାଟ୍ ହୋଇପାର ନିଜ ମହଲରେ, ସେଥିରେ ମୋର କ’ଣ ଅଛି? ସିକନ୍ଦର କ୍ରୋଧରେ ଅନ୍ଧ ହୋଇ ତରବାରି ବାହାର କରି ସାଧୁଙ୍କ ମୁଣ୍ଡ କାଟିବା ପାଇଁ ଧମକ ଦେଲେ। ସାଧୁଜଣକ ନିର୍ବିକାର ଭାବରେ ହସି ହସି କହିଲେ– ‘ତୁମର ଯାହା ଇଚ୍ଛା ତାହା କର, କାରଣ ମୁଁ ଶରୀର ନୁହେଁ, ଆତ୍ମା। ତୁମେ ଆତ୍ମାର କିଛି ବି କରିପାରିବ ନାହିଁ। ମନେରଖ ଆତ୍ମଜ୍ଞାନର ଅଧିକାରୀ ହିଁ ହେଉଛି ସଚ୍ଚା ବିଶ୍ୱବିଜେତା।’

୧୩୪୮/୪– ସି, ସେକ୍ଟର–୬, ମର୍କତନଗର, କଟକ–୧୪

# ନାଳନ୍ଦା ଓ ଭାରତର ବିଶ୍ୱବିଦ୍ୟାଳୟ



ଗିରିଜାଶଙ୍କର ତରାସିଆ

ସମଗ୍ର ବିଶ୍ୱକୁ ଜ୍ଞାନର ଦୀପ୍ତିରେ ଆଲୋକିତ କରିଥିବା ବିହାରର ପ୍ରାଚୀନତମ ଶ୍ରେଷ୍ଠ ନାଳନ୍ଦା ବିଶ୍ୱବିଦ୍ୟାଳୟର ସାତଶହ ବର୍ଷ ପରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଗଢ଼ିଉଠିଥିଲା। ଐତିହାସିକମାନଙ୍କ ମତରେ, ଏହି ବିଶ୍ୱବିଦ୍ୟାଳୟ ୧୦୯୬ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିଲେ ମଧ୍ୟ ଏହା ୧୧୬୭ ଖ୍ରୀଷ୍ଟାବ୍ଦରୁ ଅଧିକ ପ୍ରସାର ଲାଭ କରିଥିଲା। ବିଶ୍ୱର ଅନ୍ୟତମ ଖ୍ୟାତିସମ୍ପନ୍ନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ୧୬୩୬ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ହୋଇଥିଲା। ବିଡ଼ମ୍ବନା ଯେ, ନାଳନ୍ଦା ବିଶ୍ୱବିଦ୍ୟାଳୟ ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇଗଲା। ଭାରତ ବିକାଶ ପଥରେ ଅଗ୍ରସର ହେଉଥିବା କଥା କହି ନେତାମାନେ ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଶିକ୍ଷାଦାନ ଦିଗରେ ବିଶେଷତଃ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତ ବହୁ ପଛରେ ପଡ଼ିରହିଛି।

୨୦୦୪ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପୃଥିବୀର ୧୦୦ଟି ଉଚ୍ଚମାନର ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଆଦୌ ସ୍ଥାନ ନ ଥିଲା। ଜନସଂଖ୍ୟା ତୁଳନାରେ ଆବଶ୍ୟକ ବିଶ୍ୱବିଦ୍ୟାଳୟ ସଂଖ୍ୟାକୁ ଦେଖିଲେ ଆମେରିକା ଓ ଜାପାନର ବହୁ ପଛରେ ଭାରତ ରହିଛି। ଉତ୍କୃଷ୍ଟ ଗବେଷଣା ନିବନ୍ଧ ପ୍ରକାଶ ଦିଗରେ ଭାରତର ସ୍ଥାନ ବି ସନ୍ତୋଷଜନକ ନୁହେଁ। ଭାରତବର୍ଷରେ ପ୍ରତି ହଜାରେ ଜନସଂଖ୍ୟାରେ ବୈଷୟିକ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକଙ୍କ ସଂଖ୍ୟା ମଧ୍ୟ ଆମେରିକା, ଜାପାନ ଓ ଇସ୍ରାଏଲ ଭଳି ଉନ୍ନତ ଦେଶମାନଙ୍କଠାରୁ ବହୁତ କମ୍। ବିଜ୍ଞାନ ଓ ବୈଷୟିକ ଶିକ୍ଷାରେ ପିଏଚ୍‌ଡି ଡିଗ୍ରୀ ଲାଭ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରତି ଦଶଲକ୍ଷ ଜନସଂଖ୍ୟାରେ ଭାରତରେ ମାତ୍ର ୪, ଆମେରିକାରେ ୮୯ ଏବଂ ଜାପାନରେ ୫୨ ଥିବା ଜଣାଯାଏ।

ବ୍ରିଟିଶ ଶାସନର ପ୍ରଧାନ ଲକ୍ଷ୍ୟ ଥିଲା, ସେମାନେ ଏଭଳି ଏକ ଶିକ୍ଷା ପ୍ରଣାଳୀ ପ୍ରଚଳିତ କରି ଏପରି ଏକ ଶିକ୍ଷିତ ଭାରତୀୟ ଗୋଷ୍ଠୀ ସୃଷ୍ଟି କରିବେ ଯେଉଁମାନେ କି ଲକ୍ଷ ଲକ୍ଷ ଭାରତୀୟ ଏବଂ ବ୍ରିଟିଶ ଶାସକଙ୍କ ଭିତରେ ଯୋଗସୂତ୍ର ରକ୍ଷା କରିବେ। ଏହି ଶିକ୍ଷିତ ଭାରତୀୟ ଆଚାର, ବ୍ୟବହାର, ବୁଦ୍ଧି, ମତାମତ ତଥା ରୁଚିରେ ଇଂରେଜଙ୍କ ଭଳି ରହିବେ। ଏହି ପୃଷ୍ଠଭୂମିରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ୧୮୫୭ ମସିହାରେ କଲିକତା, ବମ୍ବେ ଓ ମାଡ୍ରାସ୍‌ରେ ୩ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା। ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି ପାଇବାକୁ ହେଲେ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଆବଶ୍ୟକ ହେଉଥିବାରୁ ଧନାଢ୍ୟ ବ୍ୟକ୍ତି ତଥା ସମ୍ଭ୍ରାନ୍ତ ଶ୍ରେଣୀର ଭାରତୀୟମାନେ ଏହି ଡିଗ୍ରୀ ପାଇବା ପାଇଁ ଆକର୍ଷିତ ହେଉଥିଲେ।

୧୮୫୫ ମସିହା ବେଳକୁ ଦେଶରେ ୨୮୧ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ୨୮ଟି ମହାବିଦ୍ୟାଳୟ ପ୍ରତିଷ୍ଠାଲାଭ କରିଥିଲା। ଇସ୍‌ଲାମିକ ଶିକ୍ଷା ପ୍ରଦାନ ନିମନ୍ତେ କଲିକତାରେ ୧୭୮୧ ମସିହାରେ ଗୋଟିଏ ମଦ୍ରାସା ତିଆରି ହୋଇଥିଲା। ୧୮୧୭ରେ କଲିକତାରେ ପ୍ରତିଷ୍ଠିତ ହିନ୍ଦୁ କଲେଜ ପରବର୍ତ୍ତୀ କାଳରେ ପ୍ରେସିଡେନ୍‌ସି କଲେଜ ନାମରେ ରୂପାନ୍ତରିତ ହେଲା। ଆମ ଦେଶର କେତେକ ପ୍ରସିଦ୍ଧ କଲେଜ ମଧ୍ୟରେ କଲିକତା ଓ ମାଡ୍ରାସ୍‌ରେ ଅବସ୍ଥିତ ପ୍ରେସିଡେନ୍‌ସି କଲେଜ, ବମ୍ବେ ଓ କଲିକତାରେ ଥିବା ଜାଭିୟର କଲେଜ, ବମ୍ବେସ୍ଥିତ ଏଲଫିନ୍‌ଷ୍ଟୋନ୍ କଲେଜ, ମାଡ୍ରାସର ଖ୍ରୀଷ୍ଟିଆନ କଲେଜ, ବାଙ୍ଗାଲୋରସ୍ଥିତ ସେଣ୍ଟ ଯୋଶେଫ୍ କଲେଜ, କଲିକତାର ବେଥୁନ ଏବଂ ସ୍କଟିଶ୍ ଚର୍ଚ୍ଚ କଲେଜ, ପୁଣେର ଫର୍ଗୁସନ କଲେଜ, ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍‌ସ କଲେଜ, ହାଇଦ୍ରାବାଦର ନିଜାମ କଲେଜ ଆଦି ଅନ୍ୟତମ। ୧୯୪୭ ମସିହା ବେଳକୁ ଆମ ଦେଶରେ ମାତ୍ର ୧୯ଟି ବିଶ୍ୱବିଦ୍ୟାଳୟ ମୁଣ୍ଡ ଟେକିଥିଲା ବେଳେ ଏହିସବୁ ବିଶ୍ୱବିଦ୍ୟାଳୟ ଅଧୀନରେ ୪୯୬ଟି କଲେଜ ପ୍ରତିଷ୍ଠା ଲାଭକରିଥିଲା।

୧୯୧୮ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ସମାରୋହରେ ଯୋଗଦାନ କରି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ବିହାର–ଓଡ଼ିଶା ପ୍ରଦେଶର ଲ୍ୟୁଟନାଣ୍ଟ ଗଭର୍ନର ସାର୍ ଏଡ୍‌ୱାର୍ଡ ଗେଟ୍ କହିଥିଲେ ଯେ ‘‘ବିହାର ଓ ଓଡ଼ିଶା ପ୍ରଦେଶର ଲୋକମାନଙ୍କ ପାଇଁ ଅଚିରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ।’’ ଏହାପରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଆତ୍ମପ୍ରକାଶ କଲା।

ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଲୁପ୍ତ ହେବା ପରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ବିଶ୍ୱପ୍ରସିଦ୍ଧି ଲାଭ କରିଛି। ସେଠାରେ ଛାତ୍ର–ଅଧ୍ୟାପକଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ମଧୁର। ଅଧ୍ୟାପକମାନେ ଛାତ୍ରମାନଙ୍କ ମଧ୍ୟରେ ରହନ୍ତି। ପ୍ରତ୍ୟେକ ଛାତ୍ର ଜଣେ ଟ୍ୱିଟରଙ୍କ ଶିଷ୍ୟତ୍ୱ ଗ୍ରହଣ କରେ। ଜଣେ ଟ୍ୱିଟରଙ୍କ ଅଧୀନରେ ୩୦/୪୦ ଜଣ ଛାତ୍ର ରହନ୍ତି। ଶିକ୍ଷାଦାନ କେବଳ ଶ୍ରେଣୀ କକ୍ଷ ମଧ୍ୟରେ ଆବଦ୍ଧ ନ ରହି ନଦୀକୂଳ, ଖେଳପଡ଼ିଆ, ପୁସ୍ତକାଗାର, ପାଠାଗାର ଏପରି କି କ୍ୟାଣ୍ଟିନ୍ ମଧ୍ୟରେ ମଧ୍ୟ ବିଦ୍ୟାଚର୍ଚ୍ଚା ହୋଇଥାଏ।

ଆମ ଦେଶରେ କାଁ ଭାଁ କେତେଗୋଟି ବିଶ୍ୱବିଦ୍ୟାଳୟକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ସୃଷ୍ଟିହେବା ଲକ୍ଷ୍ୟକରାଯାଉଛି। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଅଶାନ୍ତି ଓ ବିଶୃଙ୍ଖଳାର ସ୍ଥଳୀ ନ ହୋଇ ବିଦ୍ୟାର୍ଥୀମାନଙ୍କର ଅଧ୍ୟୟନ ଓ ଗବେଷଣାର ତପୋଭୂମି ହୋଇପାରିଲେ ଉଚ୍ଚଶିକ୍ଷାର ମହତ୍ ଉଦ୍ଦେଶ୍ୟ ସଫଳ ହୋଇପାରନ୍ତା। ଏହି ପବିତ୍ର ବିଦ୍ୟାମନ୍ଦିରଗୁଡ଼ିକରୁ ଉତ୍ତମ ନାଗରିକ, ନିଃସ୍ୱାର୍ଥପର ଦେଶସେବକ, ଦାୟିତ୍ୱସମ୍ପନ୍ନ ପ୍ରଶାସକ, ଜନମଙ୍ଗଳକାରୀ ରାଷ୍ଟ୍ରନେତା, ବୈଜ୍ଞାନିକ, ଦାର୍ଶନିକ, ଶିକ୍ଷକ, ସାହିତ୍ୟିକମାନେ ସୃଷ୍ଟି ହୋଇ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ପ୍ରତି ସମସ୍ତଙ୍କର ବିଶ୍ୱାସ ଅତୁଟ ରହନ୍ତା।

ଖଣ୍ଡପଡ଼ା, ନୟାଗଡ଼,
ମୋ–୯୯୩୭୩୩୪୮୦୦

## ଏଇ ଭାରତରେ

ଅଙ୍ଗଦାନ ମହାପୁଣ୍ୟ। ବେଙ୍ଗାଲୁରୁରେ ଜଣେ କୃଷକ ମୃତ୍ୟୁପରେ ତାଙ୍କ ଶରୀର ଦାନକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତୁମାକୁରୁର ଶ୍ରୀଦେବୀ ହସ୍ପିଟାଲ୍‌କୁ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ କୃଷକ ଜଣକ ତାଙ୍କ ଶରୀର ଦାନ କରିଛନ୍ତି। ଏହି କୃଷକ ହେଉଛନ୍ତି ହନମନ୍ତ ସିଦ୍ଧାପ୍ପା ବିରାଦରା ପାଟିଲ(୭୬)। ସେ ବେଲଗାଭି ଜିଲାର ରୟବଗ ତାଲୁକର ବାସିନ୍ଦା। ମୃତ୍ୟୁ ପରେ ତାଙ୍କ ଶରୀର ମେଡିକାଲ କଲେଜକୁ ଦାନ କରାଯିବା ଉଚିତ, ଏହାଦ୍ୱାରା ଅଧ୍ୟୟନରତ ଛାତ୍ରୀଛାତ୍ର ଚିକିତ୍ସା ବିଜ୍ଞାନରେ ଗବେଷଣା କରିବାର ସୁଯୋଗ ପାଇବେ ବୋଲି କୃଷକ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ। ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ବି.ଏମ୍. କଙ୍କନୱାଡ଼ି ଆୟୁର୍ବେଦ ମହାବିଦ୍ୟାଳୟର ଆନାଟୋମି ପ୍ରଫେସର ତଥା କୃଷକଙ୍କ ପୁତ୍ର ଡା. ମହନ୍ତେଶ ରାମନବର ପିତାଙ୍କ ମୃତ ଶରୀରକୁ ଶ୍ରୀଦେବୀ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ହସ୍ତାନ୍ତର କରିଥିଲେ। ଏହାପରେ ମେଡିକାଲ ଛାତ୍ରମାନେ ଏକ ସ୍ୱତନ୍ତ୍ର ପ୍ରାର୍ଥନା କାର୍ଯ୍ୟକ୍ରମ କରିବା ସହିତ ମୃତଦେହ ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ବ୍ୟବଚ୍ଛେଦ ଗୃହକୁ ନେଇଥିଲେ। ଆଉ ଏକ ମଜାର ବିଷୟ ହେଉଛି ହନମନ୍ତଙ୍କ ସ୍ତ୍ରୀଙ୍କର ମର ଶରୀରକୁ ତୁମାକୁରୁ କଲେଜକୁ ଦୁଇବର୍ଷ ତଳେ ଦାନ କରାଯାଇଥିଲା। ମେଡିକାଲ କାଉନସିଲ୍‌ର ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ୨୦ ଛାତ୍ରଙ୍କ ଗବେଷଣାମୂଳକ ଅଧ୍ୟୟନ ପାଇଁ ଗୋଟିଏ ମାନବ କଙ୍କାଳ ଆବଶ୍ୟକ ହେଉଥିବାବେଳେ ଚାହିଦା ଅନୁରୂପ ଏହା ମିଳିପାରୁ ନାହିଁ।

## ଚିରନ୍ତନୀ

ମରଣ ପରେ ଅମର ହେବ
ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ–କାଳ
ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୪

- ସାଇବେରିଆରେ ଏକ ରୁଷ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୭ ଜଣଙ୍କ ମୃତ୍ୟୁ।
- ଗୋଆର ନୂତନ ରାଜ୍ୟପାଳ ଭାବେ ଗୋପାଲା ରାମାନୁଜମଙ୍କ ଦାୟିତ୍ୱ ଗ୍ରହଣ।

## ପାଠକ ଶ୍ରେଷ୍ଠ ବିଚାରକ

### ଠକ କମ୍ପାନୀ ପ୍ରତି ସାବଧାନ

ମହାଶୟ,

କେତେକ ଠକ କମ୍ପାନୀ ଛାତ ଉପରେ ଟାୱାର ବସାଇବା ପାଇଁ ଲକ୍ଷାଧିକ ଟଙ୍କା ଠକି ନେଇ ପଇସା ଫେରାଉନାହାନ୍ତି କିମ୍ବା ଟାୱାର ନିର୍ମାଣ କରୁନାହାନ୍ତି। ଏପରି ଠକ କମ୍ପାନୀମାନଙ୍କଠାରୁ ଦୂରେଇ ରହିବା ପାଇଁ ଅନୁରୋଧ। ମିଛ ବିଜ୍ଞାପନରେ ଭଳନ୍ତୁ ନାହିଁ। ଧରିତ୍ରୀରେ ବିଜ୍ଞାପନର ସତ୍ୟାସତ୍ୟ ନ ପରଖି କାହାକୁ ଟଙ୍କା ନ ଦେବା ପାଇଁ ଯେଉଁ ପରାମର୍ଶ ଦିଆଯାଇଛି, ତାହା ମାନନ୍ତୁ। ମୁଁ ନିଜେ ଥରେ ଭୁଲ୍ କରି ଏବେ ପସ୍ତଉଛି।

ଅଶୋକ ଦାସ, ବାଲୁଗାଁ, ଖୋର୍ଦ୍ଧା

### ଚାଇନା ଭଳି କଠୋର ଆଇନ ଦରକାର

ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଆମ ରାଜ୍ୟର ବିକାଶ ହୋଇପାରିଲା ନାହିଁ ; କାରଣ ରାଜ୍ୟର ଦୁର୍ନୀତିଗ୍ରସ୍ତ ନେତା–ଅମଲା ସମସ୍ତ ଯୋଜନା ଅର୍ଥର ସିଂହଭାଗ ଲୁଟୁଛନ୍ତି। ଚାଇନାରେ ଦୁର୍ନୀତିଗ୍ରସ୍ତ ନେତା–ମନ୍ତ୍ରୀ–ଅମଲାଙ୍କୁ ଯେପରି କଠୋର ଦଣ୍ଡ ପ୍ରଦାନ କରାଯାଉଛି, ଯଦି ସେଭଳି ଆଇନ ଆମ ଦେଶରେ କାର୍ଯ୍ୟକାରୀ ହୁଅନ୍ତା ; ତେବେ କ୍ଷମତାସୀନ ବ୍ୟକ୍ତି ଦୁର୍ନୀତି କରିବାକୁ ସାହସ କରନ୍ତେ ନାହିଁ । ବର୍ତ୍ତମାନ ସରପଞ୍ଚ ଓ ସମିତି ସଭ୍ୟଙ୍କ ପରି ଗାଁ–ଗହଳିର ଅସାଧୁ କୁଜି ନେତା ଓ ନେତ୍ରୀମାନଙ୍କର ସ୍ଥାବରଅସ୍ଥାବର ସମ୍ପତ୍ତି ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ଏମାନେ ରାଜନୀତିକୁ ଲାଭଜନକ ବ୍ୟବସାୟ ରୂପେ ଗ୍ରହଣ କରି କୋଟି କୋଟି ଟଙ୍କା ବାଟମାରଣା କରି ଚାଲିଛନ୍ତି । ଏଥିପାଇଁ ଆମ ଦେଶରେ ଚାଇନା ଭଳି କଠୋର ଦଣ୍ଡ ବ୍ୟବସ୍ଥା ଦରକାର।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

### ରାଜ୍ୟ ପେନ୍‌ସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ରାଜ୍ୟର ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ ନିମନ୍ତେ ଦୀର୍ଘ ଦିନରୁ ଦାବି ହେଉଥିଲେ ବି ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହା ମଞ୍ଜୁର କରିନାହାନ୍ତି। କେନ୍ଦ୍ର ସରକାର ପେନସନଭୋଗୀଙ୍କୁ ୨୦୧୭ରୁ ଚିକିତ୍ସା ଭତ୍ତା ବର୍ଦ୍ଧିତ ହାରରେ ଦେଉଛନ୍ତି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଏହା ମଞ୍ଜୁର କରିବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରୋଟାରି କ୍ଲବ ପକ୍ଷରୁ ଡେସ୍କ, ବେଞ୍ଚ ପ୍ରଦାନ

**ଅନୁଗୋଳ ଅଫିସ, ୫।୮:** ଅନୁଗୋଳର ରୋଟାରି କ୍ଲବ ପକ୍ଷରୁ ସୋମବାର ୫୦ ହଳ ଡେସ୍କ, ବେଞ୍ଚ ସ୍ଥାନୀୟ କଲେଜପଡ଼ା ୟୁପି ସ୍କୁଲକୁ ପ୍ରଦାନ କରାଯାଇଛି। ଶିକ୍ଷାର ଗୁଣାତ୍ମକ ବିକାଶ ସହ ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନାର ସଫଳ ରୂପାୟନ ଭଳି ବହୁମୁଖୀ ଯୋଜନା ରୋଟାରି ଇଣ୍ଟରନ୍ୟାଶନାଲ ହାତକୁ ନେଇଛି। କ୍ଲବ ପକ୍ଷରୁ ଧରଣୀଧର ନାଥ, ନିଖିଳ ରଞ୍ଜନ ମିଶ୍ର, ସରୋଜ ସାହୁ, ନିର୍ମଳ କୁମାର ମିଶ୍ର, ସନ୍ଦୀପ ସିଂ, ସନ୍ଦୀପ ଗଡ଼ନାୟକ, ଉଲ୍ଲାସ ଚମ୍ପତିରାୟ ଓ ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପ୍ରଧାନ ଏବଂ ପରିଚାଳନା କମିଟି ସଭାପତି ରଞ୍ଜନ ବେହେରାଙ୍କୁ ଡେସ୍କ ବେଞ୍ଚ ପ୍ରଦାନ କରିଥିଲେ।

### ହିଡ଼ିସିଙ୍ଗ ପ୍ରକଳ୍ପ ପାଇଁ ପଦକ୍ଷେପ ନିଆଯାଉ

**ଅନୁଗୋଳ ଅଫିସ, ୫।୮:** ଅନୁଗୋଳ ଜିଲା କରଡ଼ାସିଙ୍ଗ ଠାରେ ହିଡ଼ିସିଙ୍ଗ ମଧ୍ୟମ ଜଳ ସେଚନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨ ହଜାର ହେକ୍ଟର ଜମି ଜଳ ସେଚିତ ହେବା ସହ ୧୫ଟି ପଞ୍ଚାୟତ ପ୍ରତ୍ୟକ୍ଷ ଓ ୧୦ଟି ପଞ୍ଚାୟତ ପରୋକ୍ଷ ଭାବେ ଉପକୃତ ହୋଇପାରିବ। ଫଳରେ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ବେକାରି ଓ ଦାଦନ ସମସ୍ୟାର ସମାଧାନ କରାଯାଇପାରିବ। ତେଣୁ ଏହି ପ୍ରକଳ୍ପ ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ହିଡ଼ିସିଙ୍ଗ ପ୍ରକଳ୍ପ କୃଷକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଏଥିରେ ଉଲ୍ଲେଖ କରାଯାଇଛି ଯେ, ଚାଷୀମାନଙ୍କ ଦାବି ଅନୁଯାୟୀ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମୋଦନ ସହିତ ଭୂମିପୂଜନ କରାଗଲେ ଚାଷୀମାନେ ଭବିଷ୍ୟତରେ ଆଉ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ହିଡ଼ିସିଙ୍ଗ କୃଷକ ମହାସଂଘ ସଭାପତି ଦୀନେଶ କୁମାର ଦେହୁରୀ, ସମ୍ପାଦକ ତ୍ରିନାଥ ସାହୁଙ୍କ ସମେତ ମହାସଂଘର ଚାଷୀମାନେ ଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ମନ୍ଥର ଗତିରେ ଚାଲିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

# ୧୯,୦୫୫ ପଞ୍ଜୀକୃତ, କାମ କରୁଛନ୍ତି ୧୧୭୮

**ବଅଁରପାଳ,୫।୮(ଉପେନ୍ଦ୍ର ରାଉତ)**

ଗ୍ରାମାଞ୍ଚଳର ଗରିବ ଅଣକୁଶଳୀ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଆରମ୍ଭ କରାଯାଇଥିଲା। ବର୍ଷକୁ ଅନ୍ୟୂନ ଶହେ ଦିନର କାମ ଯୋଗାଇ ଦେବାକୁ ଏହି ଆଇନରେ ବ୍ୟବସ୍ଥା ରଖାଯାଇଥିଲା। ୨୦୦୭ ଏପ୍ରିଲରୁ ଅନୁଗୋଳ ଜିଲାରେ ଏହା ଆରମ୍ଭ ହୋଇଥିଲେ ହେଁ ଏଯାଏ ସବୁ ବ୍ଲକ ଓ ପଞ୍ଚାୟତରେ ଏହାର ସଫଳ ରୂପାୟନ ହୋଇପାରିନାହିଁ। ଏହାର ଉଦାହରଣ ହେଲା ବଅଁରପାଳ ବ୍ଲକ। ଏହି ଯୋଜନା ବ୍ଲକରେ ଆଦ୍ୟାବଧି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିବା ଅଭିଯୋଗ ହେଉଛି।

ସର୍ଭେ ଅନୁଯାୟୀ, ବଅଁରପାଳ ବ୍ଲକର ୩୫ଟି ପଞ୍ଚାୟତରେ ୩୪ ହଜାର ୩୧୧ ବିପିଏଲ୍ ପରିବାର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ହଜାର ୫୫ ଜଣଙ୍କୁ ଅଣକୁଶଳୀ ଶ୍ରମିକ ଭାବେ ପଞ୍ଜୀକରଣ ଜବ୍ କାର୍ଡ ପ୍ରଦାନ କରାଯାଇଛି। କିନ୍ତୁ ଏବେ ମାତ୍ର ୧୧ ଶହ ୭୮ ଶ୍ରମିକ ଏହି ଯୋଜନାରେ କାର୍ଯ୍ୟ କରୁଛନ୍ତି। ସେମାନେ ୧୫ ହଜାର ୯୨୧ ଦିନ କାର୍ଯ୍ୟ କରିଥିବାରୁ ବ୍ଲକରେ ଏହି ଯୋଜନା କେତେଦୂର ଉଦ୍ଦେଶ୍ୟ ପୂରଣ କରିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ବହୁ ଗ୍ରାମରେ ଏହି ଯୋଜନାରେ ଚାଲିଥିବା କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ି ରହିଛି। ବ୍ଲକ ଅଞ୍ଚଳରେ ରାସ୍ତା ଉନ୍ନତୀକରଣ, ପୋଖରୀ ପୁନରୁଦ୍ଧାର, ନୂତନ ପଞ୍ଚାୟତ ଗୃହ ନିର୍ମାଣ, ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଚାରା ରୋପଣ କାର୍ଯ୍ୟ, ଗୁହାଳ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୦ ଦିନରେ କାମ ଯୋଗାଇ ଦେବା ସହ କମ୍ପୋଷ୍ଟ ପିଟ୍ ନିର୍ମାଣ ଆଦି ପ୍ରକଳ୍ପ କାର୍ଯ୍ୟ ତ୍ୱରାନିତ ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୧୯-୨୦ ବର୍ଷରେ ଏହି ଯୋଜନାରେ ୩୬୫ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ୨୪୩ଟିର କାର୍ଯ୍ୟ ଚାଲିଥିବାବେଳେ ୧୩୧ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇପଡ଼ିରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତବର୍ଷ ୧୪ ହଜାର ୯୪ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ହେଲେ ସେଥିମଧ୍ୟରୁ ୧ ହଜାର ୨୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୪୭୩ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଉକ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ରହିବା କଥା। କିନ୍ତୁ ୩୫ଟି ପଞ୍ଚାୟତ ମଧ୍ୟରୁ ମାତ୍ର ୧୫ଟି ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ ରହିଛନ୍ତି। ସେହିପରି ଯୋଜନାରେ କେତେଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆବଶ୍ୟକତା ରହିଛି। ଏ ସମ୍ପର୍କରେ ବ୍ଲକ ସହକାରୀ ପ୍ରୋଗ୍ରାମ ଅଫିସର ଦେବୀ କର କହିଛନ୍ତି, ବଅଁରପାଳ ବ୍ଲକ ଅଞ୍ଚଳରେ ନାଲ୍‌କୋ ସମେତ ଅନେକ ଛୋଟ ବଡ଼ କଳକାରଖାନା ରହିଛି। କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡ଼ିକର ଗରିବ ଲୋକେ ମୁଖ୍ୟତଃ କଳକାରଖାନାରେ କାମ କରୁଛନ୍ତି। ତେଣୁ ଏନ୍‌ଜିଆର୍‌ଇଜିଏସ୍‌ରେ ସେମାନେ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବାରୁ ଏଠାରେ ଶ୍ରମିକମାନଙ୍କ ଘୋର ଅଭାବ ରହିଛି। ତେଣୁ ବ୍ଲକ ଅଞ୍ଚଳରେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ।



ଗିରାଙ୍ଗ ଠାରେ ଥିବା ନିର୍ମିତ ପଞ୍ଚାୟତ ଗୃହ ଅଧାପନ୍ତରିଆ ରହିଛି।

- ୩୬୫ଟି ପ୍ରକଳ୍ପରୁ ୨୩୪ ଅସମ୍ପୂର୍ଣ୍ଣ
- ୧୫ ପଞ୍ଚାୟତରେ ନାହାନ୍ତି ଜିଆରଏସ୍
- ଯୋଜନାର ଉଦ୍ଦେଶ୍ୟ ପୂରଣ ନେଇ ପ୍ରଶ୍ନବାଚୀ

### ଜଳସେଚନ ସୁବିଧା ପାଇଁ ଚାଷୀଙ୍କ ଦାବି

**ଭଦ୍ରକ ଅଫିସ, ୫।୮**

ଭଦ୍ରକ ଜିଲା ଧାମନଗର ବ୍ଲକ କରଦା ପଞ୍ଚାୟତ ଖରାଖାଇ ଗାଁର କେତେକ ଚାଷୀ ସେମାନଙ୍କ ଜମିକୁ ଜଳସେଚନ ସୁବିଧା ନିମନ୍ତେ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ଜଣାଇଛନ୍ତି। ସେମାନଙ୍କ ଚାଷଜମି ନିକଟରେ ଉଠା ଜଳସେଚନ ପ୍ରକଳ୍ପ ଥିଲେ ମଧ୍ୟ ଜଳସେଚନ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ତୁରନ୍ତ ସେମାନଙ୍କ ଜମିକୁ ଜଳସେଚନ ସୁବିଧା କରାଇବା ପାଇଁ ଚାଷୀ ଅଶୋକ ଦାସ, ଗଙ୍ଗାଧର ବେହେରା ଓ କୁଳମଣି ବେହେରା ଦାବି କରିଛନ୍ତି।


**16th Birthday Wish**



16th Birthday ceremony of our son which will be held on 6th Aug 2019, Tuesday.
Best compliments:
Sukhalata Ojha (Mother), Basanta Kumar Ojha (Father), Santi, Madhu, Jhilli, Babu, Tubuli, Satyabrata, Kumar, Happy, Rakesh, Ashish, Rohini, Nilakantha Ojha and Ojha family & relatives.
D-13788


## ରାଜପଥ ଶୋଚନୀୟ, ଥାନାରେ ଏତଲା

**ବଅଁରପାଳ, ୫।୮ (ଡି.ଏନ୍.ଏ.)**

୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥାକୁ ନେଇ ଜିଲା ପରିବେଶ ସୁରକ୍ଷା ସମିତି ସଭାପତି ତଥା ବରିଷ୍ଠ ନାଗରିକ ପ୍ରମୋଦ କୁମାର ସିଂ ଅସନ୍ତୋଷ ପ୍ରକାଶ କରିବା ସହ ଏ ନେଇ ପ୍ରଶାସନିକ ଅଧିକାରୀ ଓ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀଙ୍କ ବିରୋଧରେ ନାଲ୍‌କୋ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ୫୫ ନମ୍ବର ଜାତୀୟ ରାଜପଥର ଦୂରବସ୍ଥା ବିଷୟରେ ୨୦୧୮ ଜୁଲାଇ ୨୭ ଓ ୨୦୧୯ ଜୁନ ୧୬ରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜାତୀୟ ରାଜପଥ ରନ୍ତଲେଇ ଠାରୁ ଭୂଷଣ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଦୟନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଖାଲଖମା ପୂରି ରହିଛି। ଦୁର୍ଘଟଣାରେ ୫୮ ଜଣଙ୍କ ମୃତ୍ୟୁ ହୋଇସାରିଛି। ଏଥିପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସମସ୍ତ ଗାଡ଼ିର ଲାଇସେନ୍ସ ଓ ଫିଟ୍‌ନେସ୍ ଯଥା ସମୟରେ ରି ନ୍ୟୁ ନ କଲେ ଆଞ୍ଚଳିକ ପରିବହନ ବିଭାଗ ଜରିମାନା ଆଦାୟ କରିଥାଏ। ଗାଡ଼ିର ଫିଟ୍‌ନେସ୍ ପାଇଁ ଯେତେବେଳେ ଜରିମାନା କରାଯାଉଛି ତେଣୁ ଗାଡ଼ି ଚାଲୁଥିବା ରାସ୍ତା ଗାଡ଼ି ଚାଳନା ପାଇଁ ଉପଯୋଗୀ ନ ହେଲେ ସେଥିପାଇଁ କାହିଁକି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପାଖରୁ ଜରିମାନା ଆଦାୟ କରାଯିବ ନାହିଁ ସେ ନେଇ ସିଂ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଯେଉଁଠାରେ ହମ୍ପ ନିର୍ମାଣ ହେଉଛି ସେଠାରେ କୌଣସି ସଙ୍କେତ ଦିଆଯାଉ ନ ଥିବାରୁ ଗାଡ଼ି ଚାଳକମାନେ ସତର୍କ ହୋଇପାରୁନାହାନ୍ତି। ତେଣୁ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିଂ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



**ସମ୍ବିତ କୁମାର ସାହୁ (କ୍ରିଷ୍ଣା)**
ନୂଆବନ୍ତ, କଲ୍ୟାଣପୁର
ତୋର ଶୁଭ ୫ମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ। ତୁ ଦୀର୍ଘାୟୁ ହୋଇଥାଅ।
**ତୋର ମଙ୍ଗଳାକାଂକ୍ଷୀ:**
ଜେଜେ ମା', ଜେଜେ, ଅଜା, ଆଈ, ମାମୁ, ମାଇଁ, ବାପା, ମାମା, ଦାଦା, ଖୁଡୀ।
ଧ-୧୩୭୯୦

**୮ମ ଜନ୍ମଦିନ ଶୁଭେଚ୍ଛା**



**ପ୍ରଜ୍ଞା ପରିମୀତା ବନ୍ଛୁର**
ଜନ୍ମ ତାରିଖ: ୦୬।୦୮।୨୦୧୧
ମହାପ୍ରଭୁ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ମାଆ: ଦୀପିକା ସୁନାନୀ, ବାପା: କୃଷ୍ଣଚନ୍ଦ୍ର ବନଛୁର, ମାଆ, ବାପା, ଦାଦା, ଦାଦୀ, ମାମୁ, ମାଇଁ, କାକା, କାକୀ, ସମୀର, ଅମୀର, ନୀହାରିକା, ଲେଖିକା, ଉମାକାନ୍ତ, ରୋହନ, ପାୟଲ, ପୁନମ, ପ୍ରୟାସ ଓ ବନଛୁର ପରିବାରବର୍ଗ।
ଧ-୧୩୭୯୨

**୨ୟ ଜନ୍ମଦିନ ଶୁଭେଚ୍ଛା**



**Jagyaseni Biswal**
ଜନ୍ମ ତା. ୧୦।୦୮।୨୦୧୭
ଆଜି ତୋର ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ତୋର ଗଲାପଥ ପୁଷ୍ପିତ, କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଦୀର୍ଘାୟୁ ହେଉ।
**ଶୁଭେଚ୍ଛାସହ:**
ବାପା, ମାମା, ଜେଜେବାପା, ଜେଜେମା, ପିଉସା, ପିଉସୀ, କକା, ମାମୁ, ମାଉସୀ, ଅଜା, ଆଈ ଏବଂ ପରିବାରବର୍ଗ।
ଧ-୧୩୭୯୧

**ଜନ୍ମଦିନ ଶୁଭେଚ୍ଛା**



**Radhakrishna Dash (Berhampur)**
ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ, ନିରୋଗୀ ଏବଂ ସୁସର୍ବଦା ଖୁସି ରୁହନ୍ତୁ।
**Happy Birthday Baba**
ଧ-୧୩୭୮୩


## ପଲିଥିନ ଯାଞ୍ଚ ସମୟରେ ଉତ୍ତେଜନା

**ଅନୁଗୋଳ ଅଫିସ, ୫।୮**

ପୌରପାଳିକା ପକ୍ଷରୁ ସୋମବାର ଅପରାହ୍ଣରେ ସହରର ବ୍ଲକ ଛକରେ ଥିବା ବିଭିନ୍ନ ଫଳ ଦୋକାନରେ ପଲିଥିନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପଲିଥିନ ରଖିଥିବା ଅଭିଯୋଗରେ ଜଣେ ଛତୁ ବ୍ୟବସାୟୀଙ୍କ ଉପରେ ୫ ଶହ ଟଙ୍କା ଜରିମାନା କରାଯାଇଥିଲା। କିନ୍ତୁ ଏହି ସମୟରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୌରକର୍ମଚାରୀ ଛତୁ ଦୋକାନୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ବେଳେ ପୌରକର୍ମଚାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଯାଇ ଛତୁ ବ୍ୟବସାୟୀ ସୁଜିତ ପଟ୍ଟନାୟକ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୌର କର୍ମଚାରୀଙ୍କ ଅଭିଯୋଗ କ୍ରମେ ଅନୁଗୋଳ ପୋଲିସ ନଂ. ୫୯୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ ଯେ, ପୌରପାଳିକା ପକ୍ଷରୁ ବିଭିନ୍ନ ଉଠା ଦୋକାନ ଓ ଠେଲା ଦୋକାନରେ ପଲିଥିନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩ କିଲୋ ୮ ଶହ ଗ୍ରାମ ପଲିଥିନ ଜବତ ସହ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ପରେ ଛତୁବ୍ୟବସାୟ କରୁଥିବା ସୁଜିତ ପଟ୍ଟନାୟକଙ୍କ ଦୋକାନରେ ପଲିଥିନ ଥିବା ଦେଖି କର୍ମଚାରୀମାନେ ୫ ଶହ ଟଙ୍କା ଜରିମାନା ରସିଦ୍ କାଟିଥିଲେ। କିନ୍ତୁ କୌଣସି କାରଣରୁ ସୁଜିତଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ସୁଜିତଙ୍କୁ ମାଡ଼ ମରାଯାଇଥିବା ଓ ଅଧିକ ଅର୍ଥ ନ ଦେବାରୁ ଏପରି ଘଟଣା ଘଟାଯାଇଥିବା ସୁଜିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୌରକର୍ମଚାରୀ ଥାନାରେ ଅଭିଯୋଗ କରିଥିବାରୁ ତଦନ୍ତ ପରେ ଯାଇ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଆଲୋଚନା ହେଉଛି।



ଏକ ଦୋକାନରୁ ପଲିଥିନ ଜବତ କରାଯାଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା, କଟକ
**ଡିମାଣ୍ଡ ନୋଟିସ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ରୁଦତମ୍ ଫର୍ମାସ୍ୟୁଟିକାଲ୍‌ଙ୍କୁ** ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ରୁଦତମ୍ ଫର୍ମାସ୍ୟୁଟିକାଲ୍ସ ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ସା: ଉଚ୍ଚା ସାହି, ପ୍ଲଟ୍** ନଂ.: ୩୬, ହୋଲ୍ଡିଂ ନଂ.୨୧୦, ଲାଲା ଗ୍ୟାରେଜ ସମ୍ମୁଖ, ପୋ: ବକ୍ସି ବଜାର, କଟକ: ୭୫୩୦୦୧ (ଓଡ଼ିଶା)/ **ଜାମିନଦାର: ଶ୍ରୀମତୀ ସାଗରବାଳା ମିଶ୍ର**, ସ୍ୱାମୀ: ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ସା: ଡି-୯୩୧, ସେକ୍ଟର-୬, ପୋ: ମର୍କତନଗର, ଜିଲ୍ଲା: କଟକ, ପିନ୍: ୭୫୩୦୧୪, ଓଡ଼ିଶା / **ଆକାଉଣ୍ଟ ନଂ.: ୩୦୭୬୮୦୪୯୩୭।** | (୧) **ଶ୍ରୀମତୀ ସାଗରବାଳା ମିଶ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର :ଖାତା ନଂ.: ୬୦୩/୮୧-ଡି-୧, ପ୍ଲଟ ନଂ.: ୮୫, କ୍ଷେତ୍ର: ଏକର ୦.୦୨୯ ଡିସିମିଲ୍, କିସମ: ଘରବାଡ଼ି, ମୌଜା: କଟକ ସହର, ୟୁନିଟ: ୧୮, ବକ୍ସିବଜାର, ତହସିଲ/ ଜିଲ୍ଲା: କଟକ, (୨) **ଶ୍ରୀମତୀ ସାଗରବାଳା ମିଶ୍ରଙ୍କ** ନାମରେ ଥିବା ଜମି ଯାହାର ଖାତା ନଂ.: ୭୬୭/୨୦୩, ପ୍ଲଟ ନଂ.: ୨୪୯୪, କ୍ଷେତ୍ର: ଏକର ୦.୦୬୦ ଡିସିମିଲ୍, ପ୍ଲଟ ନଂ.-୨୪୮୯, କ୍ଷେତ୍ର: ଏକର୦.୨୩୦ ଡିସିମିଲ୍, ପ୍ଲଟ ନଂ.୨୪୯୩, କ୍ଷେତ୍ର: ଏକର୦.୦୬୦ ଡିସିମିଲ୍, ପ୍ଲଟ ନଂ.: ୨୪୮୮, କ୍ଷେତ୍ର ଏକର ୦.୧୭୦ ଡିସିମିଲ୍, ସମୁଦାୟ କ୍ଷେତ୍ର: ଏକର୦.୫୨୦ ଡିସିମିଲ୍,କିସମ: ଘରବାଡ଼ି, ମୌଜା: ଶ୍ରୀବନ୍ତପୁର, ତହସିଲ: ବାରଙ୍ଗ, ଜିଲ୍ଲା: କଟକ। | ୨୦.୦୭.୨୦୧୯ | ୨୬.୧୨.୨୦୧୮ | ୧୮.୦୭.୨୦୧୯ ସୁଦ୍ଧା ଟ.୫୫,୭୮,୫୪୧.୦୦ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ।

ତାରିଖ : ୦୩.୦୮.୨୦୧୯
ସ୍ଥାନ : କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


## ବଚପନରେ ବନ୍ଧୁତ୍ୱ ଦିବସ



**ଅନୁଗୋଳ ଅଫିସ, ୫।୮**

ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ପରିସରରେ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍କୁଲର ଶିକ୍ଷୟିତ୍ରୀମାନେ ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବିଭିନ୍ନ କାହାଣୀ ମାଧ୍ୟମରେ କୁନିକୁନି ପିଲାମାନଙ୍କୁ ବୁଝାଇଥିଲେ। ଏହାପରେ ପିଲାମାନେ ପରସ୍ପର ହାତରେ ବନ୍ଧୁତ୍ୱର ଡୋରୀ ବାନ୍ଧିବା ସହିତ ମିଷ୍ଟାନ୍ନ ଖୁଆଇଥିଲେ। ଶିକ୍ଷୟିତ୍ରୀମାନେ ପରସ୍ପରଙ୍କୁ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବାନ୍ଧିଥିଲେ। ଅଧ୍ୟକ୍ଷା ଯଶପାଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**PENSION ADALAT BY INCOME TAX DEPARTMENT, ODISHA**

It has been decided to hold Pension Adalat in respect of pensioners/ family pensioners of **Income Tax Department, Odisha Region on 23.08.2019 at 11 AM** in the Kalinga Conference Hall, 4th Floor, Aayakar Bhawan, Rajaswa Vihar, Bhubaneswar to ventilate their grievances relating to pension/ family pension. The Pensioners/ family pensioners who are having grievance in the matter of pension may forward their grievances in the following format to their respective Heads of Offices from where they have been paid pension / family pension with a copy to the office of the Pr. Chief Commissioner of Income Tax, Aayakar Bhawan, Bhubaneswar for facilitation.

1. Name of the employee with address:
2. Name of the Pension / family pension holder:
3. PPO No. If any:
4. Mobile No. for communication:
5. Office from which retired/ expired:
6. Details of grievance in brief:

It may kindly be noted that the following types of cases are excluded from the ambit of the Pension Adalat.

a. Cases involving purely legal points e.g. succession, etc.
b. Grievances involving policy matters.

**Sd./- Administrative Officer Gr. II (HoO)**
**O/o the Pr. CCIT, भुबनेश्वर/Bhubaneswar**



CLASSIFIED DISPLAY

**LEARN CCTV** ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available

ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
- Exchange Offer
- EMI Facility
- Attractive Discount

ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**ADMISSION NOTICE FOR BA.LLB COURSE**
**MAHAMAYA INSTITUTE OF LEGAL SCIENCE, NUAPADA**
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
**BUILD YOUR CAREER IN LAW**
**Course:-** BA.LLB (Semester System)
**Duration:-** 5 years
**Eligibility:-** 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
**CONTACT- 7077415312**

## ଆଜି କ'ଣ କେଉଁଠି

**ବଅଁରପାଳ**

■ବାର୍ଷିକ ବିଜ୍ଞାନ ମେଳା
ସ୍ଥାନ- ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିର
ସମୟ- ସକାଳ ୧୦ ଟା

ନେସର ବୈଠକ
ସ୍ଥାନ- ନେସ କାର୍ଯ୍ୟାଳୟ
ସମୟ- ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ଭକ୍ତଙ୍କ ଭିଡ଼ରେ ପ୍ରକମ୍ପିତ ହେଲା କପିଳାସ ପୀଠ

**ଢେଙ୍କାନାଳ ଅଫିସ,୫।୮:** ଶ୍ରାବଣ ମାସ ତୃତୀୟ ସୋମବାର ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କଠାରେ ଜଳଲାଗି କରିବା ପାଇଁ ଢେଙ୍କାନାଳ ଜିଲା ପ୍ରସିଦ୍ଧ କପିଳାସ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଭିଡ଼ରେ ହରହର ମହାଦେବ ଧ୍ୱନିରେ କପିଳାସ ପୀଠ ପ୍ରକମ୍ପିତ ହୋଇଥିଲା। ପୀଠର ପାଦଦେଶରେ ଥିବା ପ୍ରବେଶ ଦ୍ୱାରଠାରୁ ଘାଟି ଓ ପାହାଚ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଯାନବାହନଗୁଡିକ ପ୍ରାୟ ଦେଢ କିମି ଦୂରରେ ଅଟକି ରହିଥିଲା। ଅପରାହ୍ନ ୨ଟା ସୁଦ୍ଧା ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ପୀଠରେ ଲାଗିଥିବା ଦେଖାଯାଇଥିଲା। ରବିବାର ବିଳମ୍ବିତ ରାତିରୁ ପୀଠକୁ ଭକ୍ତଙ୍କ ସୁଅ ଛୁଟିଥିଲା। ରାତିରେ ପୀଠ ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭିଡ଼କୁ ନଜରରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

### ନାବାଳିକାଙ୍କୁ ମାଡ଼ ମାରି ଯୁବକ ଗିରଫ

**ରାସୋଳ, ୫।୮(ଡି.ଏନ.ଏ):** ଢେଙ୍କାନାଳ ଜିଲା ରାସୋଳ ଥାନା ନାଉକିଆରି ଗ୍ରାମର ସମୀର ଭୋଇ ନାମକ ଯୁବକ ଜଣେ ନାବାଳିକାଙ୍କୁ ଚାପୁଡା ମାରି ସୋମବାର ଗିରଫ ହୋଇଛନ୍ତି। ନାବାଳିକା ଜଣକ କଲେଜରୁ ଫେରୁଥିବା ବେଳେ ତେଲିଭୂଇଁ ଛକଠାରେ ଗତ ୨ ତାରିଖରେ ସମୀର ଏକ କାଗଜରେ ତାଙ୍କୁ ମୋବାଇଲ ନମ୍ବର ଦେଇ ଫୋନ କରିବାକୁ କହିଥିଲେ। ନାବାଳିକା କାଗଜଟିକୁ ଚିରିଦେବାରୁ ସମୀର ତାଙ୍କୁ ଚାପୁଡା ମାରିଥିଲେ। ଏ ନେଇ ନାବାଳିକାଙ୍କ ଅଭିଯୋଗ କ୍ରମେ ରାସୋଳ ପୋଲିସ ନଂ. ୮୮/୧୯ରେ ଏକ ମାମଲା ରୁଜୁ କରି ସମୀରଙ୍କୁ ଗିରଫ କରିଛି।

### ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା,୫।୮(ଡି.ଏନ.ଏ.):** ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତାର ହଣ୍ଡପା ଥାନା କରଡ଼ାବଣୀ ନିକଟରେ ସୋମବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିମୋଟର ଗୁଡ଼ିକୁ ଅଟକାଇ ହେଲମେଟ, କାଗଜପତ୍ର, ଇନ୍ସୁରାନ୍ସ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଆର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିଲା।

### ସାଥୀ ପରିବାର ପକ୍ଷରୁ ଦାବିପତ୍ର



**ଅନୁଗୋଳ ଅଫିସ, ୫।୮:** ଅନୁଗୋଳ ସହରରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ସରକାର ସହରରେ ପଲିଥିନ ବ୍ୟବହାର ବେଆଇନ ଘୋଷଣା କରିଥିଲେ ମଧ ଏହାର ପ୍ରଭାବ ପଡ଼ିନାହିଁ। ପଲିଥିନର ବିକଳ୍ପ ଭାବେ କାଗଜ ତିଆରି ଠୁଙ୍ଗାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏ ନେଇ ସାଥୀ ପରିବାର ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। କାଗଜ ଠୁଙ୍ଗା ତିଆରି କରିବା ପାଇଁ ଜିଲାରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହନ ଦିଆଗଲେ ପଲିଥିନ ବନ୍ଦ ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ରୋଜଗାର ବଢ଼ିବ ବୋଲି ସାଥୀ ପରିବାରର ସଦସ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ଗୁରୁତ୍ୱର ସହ ଚିନ୍ତା କରି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରାଗଲେ ଅନୁଗୋଳ ପଲିଥିନମୁକ୍ତ ହୋଇପାରିବ ବୋଲି ସାଥୀ ପରିବାର ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଛି। ସାଥୀ ପରିବାରର ସୌଭାଗ୍ୟ ପ୍ରଧାନ, ସମ୍ବିତ କୁମାର ସାହୁ, ସୁବ୍ରତ ପ୍ରଧାନ, ସିଦ୍ଧାର୍ଥ ପ୍ରଧାନ, ରାଜେଶ କୁମାର ସାହୁ, ଶୁଭେନ୍ଦୁ ସାହୁ ଓ ଅମରେଶ କୁମାର ପ୍ରଧାନ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ତାଳଚେର, ୫।୮(ନି.ପ୍ର.)**



ନୂତନ ବିଚାରପତିଙ୍କୁ ଫୁଲତୋଡା ଦିଆଯାଉଛି।

ତାଳଚେରରେ ନୂତନ ଭାବେ ଯୋଗ ଦେଇଥିବା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚରଣ ଜେନାଙ୍କୁ ଓକିଲ ସଂଘ ତରଫରୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ତାଳଚେର ସିଭିଲ କୋର୍ଟ ପରିସର ମଧୁବାବୁ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ସଭାପତି ରଞ୍ଜିତ କୁମାର ଘୋଷ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘର ସାଧାରଣ ସମ୍ପାଦକ ତନୁଜ କୁମାର ପ୍ରଧାନ ସଂଘର ଏକ ସ୍ମରଣିକା ପ୍ରଦାନ କରିଥିଲେ। ତାଳଚେର ବରିଷ୍ଠ ବିଭାଗ ସିଭିଲ୍ ଜଜ୍ ସୁଶ୍ରୀ ସୌମ୍ୟା ପ୍ରିୟଦର୍ଶିନୀ, ଏସ୍‌ଡିଜେଏମ୍ ସୋନାଲ ଶର୍ମା, ଜେଏମ୍‌ଏଫ୍‌ସି. ହୃଷୀକେଶ ଖେମୁଣ୍ଡୁ, ବରିଷ୍ଠ ଓକିଲ ଅରୁଣ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସର୍ବେଶ୍ୱର ନାଏକ, ସହ ସମ୍ପାଦକ ଦୁଃଶାସନ ସାମଲ, କୋଷାଧ୍ୟକ୍ଷ ପ୍ରତାପ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ କରୁଣାକର ନାୟକ, ସେମିନାର ସମ୍ପାଦକ ଜ୍ଞାନେଶ୍ୱର ସାହୁ, ଅଡିଟର ରାଜେନ୍ଦ୍ର ସିଂ ଡିଙ୍ଗରାଙ୍କ ସମେତ ଆଇନଜୀବୀ ଗଣେଶ୍ୱର ରାୟ, ରାମକୃଷ୍ଣ ନନ୍ଦ, ହରେକୃଷ୍ଣ ପାତ୍ର, ଯଦୁମଣି ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂଘ ଉପସଭାପତି ସର୍ବେଶ୍ୱର ନାଏକ ଧନ୍ୟବାଦ ଦେଇଥିଲେ।

## ଠକେଇ ଅଭିଯୁକ୍ତଙ୍କୁ ମାଡ଼

**ବଇଣ୍ଡା,୫।୮(ଡି.ଏନ.ଏ.)**

ହଣ୍ଡପା ଥାନା ଗରୁଡ଼ ଗ୍ରାମରେ ଜଣେ ଅଟୋ ମାଲିକଙ୍କଠାରୁ ବଇଣ୍ଡା ଅଞ୍ଚଳର ୨ଜଣ ଯୁବକ ଟଙ୍କା ଲୁଟୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ି ଜଣେ ଯୁବକ ମାଡ଼ଖାଇଛନ୍ତି। ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଛନ୍ତି। ଘଟଣାରୁ ଜଣାପଡ଼ିଛି, ବଇଣ୍ଡା ଅଞ୍ଚଳର ୪ ଜଣ ଯୁବକ ଫାଇନାନ୍ସ କର୍ମଚାରୀ ବୋଲି କହି ସମ୍ପୃକ୍ତ ଅଟୋ ମାଲିକଙ୍କୁ ଗରୁଡ଼ ଗ୍ରାମରେ ଅଟକାଇ ମାସିକିଆ କିସ୍ତି ଟଙ୍କା ମାଗିଥିଲେ। ହେଲେ ଅଟୋ ମାଲିକ ବ୍ୟାଙ୍କରେ ଟଙ୍କା ଜମା କରିଛନ୍ତି ବୋଲି କହିବାପରେ ଉକ୍ତ ଯୁବକ ଦ୍ୱୟ ତାଙ୍କ ଗାଡ଼ିରୁ ଚାବି ଛଡ଼ାଇ ନେଇଥିଲେ। ପରେ ଅଟୋ ମାଲିକ ଉକ୍ତ ଯୁବକଙ୍କୁ ୫୫୦ ଟଙ୍କା ଦେବା ପରେ ଉଭୟ ଚାବି ଫେରାଇ ଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରି ଗ୍ରାମମଣ୍ଡପକୁ ନେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଲବ ବୋଡ଼ା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୀବ ଅଛି ବୋଲି କରୁ ଜୁହାର**
**ଜୀବ ଛାଡ଼ିଗଲେ କିଏ କାହାର ।**

ମଣିଷ ବଞ୍ଚିଥିବା ପର୍ଯ୍ୟନ୍ତ ଆଦର ସମ୍ମାନ ପାଇଥାଏ। ପ୍ରତିଷ୍ଠା ଗୌରବ ପାଇଁ ସଭିଙ୍କ ପ୍ରିୟଭାଜନ ହୋଇପାରି ଥାଏ। ପରନ୍ତୁ ଆଜି ମଲେ କାଲିକି ଦି'ଦିନ ହେବା ପରି ମରିଗଲା ପରେ ମନରୁ ଭୁଲି ହୋଇଯାଇଥାଏ। ଏ ସଂସାର ମାୟା ରୂପକ। ଏଠାରେ କେହି କାହାର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜ୍ୟେଷ୍ଠେ କଦଳୀ ଆଷାଢ଼େ କିଆ**
**ପୋତ ନ ପୋତ ହୁଅଇ ଠିଆ ।**

ଜ୍ୟେଷ୍ଠ ମାସରେ କଦଳୀ ପୁଆ ଓ ଆଷାଢ଼ ମାସରେ କିଆ ଗଛ ଲଗାଯିବାର ପ୍ରକୃଷ୍ଟ ସମୟ ହୋଇଥାଏ। କାରଣ ଉକ୍ତ ସମୟରେ କଦଳୀ ଓ କିଆ ଗଛ ଲଗାଇଲେ ତା'ପାଇଁ ଉପଯୁକ୍ତ ଯତ୍ନ ନ ନେଇ ପାରିଲେ ମଧ ସେସବୁ ଭଲଭାବେ ବଢ଼ିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ନାବାଳିକା ବଳାତ୍କାର ଘଟଣା

# ପୀଡିତାଙ୍କ ବୟାନ ରେକର୍ଡ

**ଅନୁଗୋଳ ଅଫିସ, ୫।୮**

■ଟିଆଇ ପରେଡରେ ଅଭିଯୁକ୍ତଙ୍କୁ ଦେଖି ଡରିଲେ

ଅନୁଗୋଳ ସହର ବସ୍‌ଷ୍ଟାଣ୍ଡ ନିକଟରେ ବଳାତ୍କାରର ଶିକାର ହୋଇଥିବା ମହାରାଷ୍ଟ୍ରର ଏକ ଶ୍ରମିକ ପରିବାରର ୮ ବର୍ଷିୟା ନାବାଳିକା ସୁସ୍ଥ ହୋଇ ରବିବାର କଟକରୁ ଫେରିଥିଲେ। ସୋମବାର ନାବାଳିକାଙ୍କ ୧୬୪ ବୟାନ ରେକର୍ଡ କରାଯାଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ମିଳିଛି। ଏଥିସହ ଅପରାହ୍ନରେ ଅନୁଗୋଳ ଜେଲରେ ଟିଆଇ ପରେଡ଼ କରାଯାଇଥିଲା। ଅଭିଯୁକ୍ତ ଅମଲାପଡାର ଶିବୁ ପଟ୍ଟନାୟକଙ୍କୁ ଥାନାରେ ଦେଖି ନାବାଳିକା ଜଣକ ଡରିଯାଇଥିଲେ। ସାଙ୍ଗରେ ଯାଇଥିବା ସମ୍ପର୍କୀୟଙ୍କୁ ସେ ଜାବୁଡି ଧରିଥିଲେ। ଅଭିଯୁକ୍ତଙ୍କୁ ଚିହ୍ନିବା ପାଇଁ କୁହାଯିବା ପରେ ସେ ଶିବୁ ପଟ୍ଟନାୟକଙ୍କୁ ଚିହ୍ନଟ କରିଥିଲେ ବୋଲି ଜଣାପଡିଛି। ଏହାପରେ ନାବାଳିକାଙ୍କୁ ଅନୁଗୋଳ ପୋଲିସ ଜିଲା ଶିଶୁ ମଙ୍ଗଳ ସମିତକୁ ହସ୍ତାନ୍ତର କରାଇଥିଲା। ପୀଡିତା ଅସୁସ୍ଥ ସହ ସଂକ୍ରମଣ ଆଶଙ୍କା ଥିବାରୁ ଶିଶୁ ମଙ୍ଗଳ ସମିତି ଭାରପ୍ରାପ୍ତ ଅଧ୍ୟକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାତି ୯ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ନାବାଳିକାଙ୍କୁ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖିବାକୁ ଜିଲା ଶିଶୁ ମଙ୍ଗଳ ସମିତି ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଅନୁଗୋଳ ପୋଲିସକୁ କହିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିବା ପରେ ପୀଡିତା କେଉଁଠାରେ ରହିବେ ତାର ନିଷ୍ପତ୍ତି ବୈଠକ ବସାଯାଇ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି। ସାଇଣ୍ଟିଫିକ୍ ଟିମର ତଦନ୍ତ ରିପୋର୍ଟ ଆସିବା ପରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

**ହିନ୍ଦୋଳ,୫।୮(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ଗରୀବ ଶ୍ରେଣୀର ଲୋକେ ଘର ପାଉ ନ ଥିବାବେଳେ ବହୁ ସ୍ୱଚ୍ଛଳ ବ୍ୟକ୍ତି ଘର ପାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଘର ପିଛା ୫୦ ହଜାର ଟଙ୍କା ଆଦାୟ କରାଯାଉଥିବା ଗ୍ରାମବାସୀ ଗତ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କଠାରେ ଦାବି ହୋଇଛି।

**ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଜରପଡ଼ା**
JARAPADA GRAMPANCHAYAT
ସା/ପୋ-ଜରପଡ଼ା — AT/P.O.-JARAPADA
ଜିଲ୍ଲା-ଅନୁଗୋଳ — DIST.-ANGUL

ପତ୍ରସଂଖ୍ୟା.୧୪ — ତାରିଖ ୦୪।୦୮।୨୦୧୯

**(ଦୋକାନ ଗୃହ ଆବଣ୍ଟନ ନିଲାମ ସମ୍ବନ୍ଧୀୟ ବିଜ୍ଞାପନ)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜରପଡ଼ା ଗ୍ରା.ପ.ର ଆର.ଆଇ. ଅଫିସ ନିକଟସ୍ଥ ନବନିର୍ମିତ ଦୋକାନ ଗୃହ ଦଶଟି (ଯଥା ଘର ନଂ.-ଆଠ ରୁ ଶତର ପର୍ଯ୍ୟନ୍ତ) ତା ୨୨।୦୮।୨୦୧୯ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଗ୍ରା.ପ କାର୍ଯ୍ୟାଳୟ ଜରପଡ଼ାଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଛେଣ୍ଡିପଦାଙ୍କ ଦ୍ୱାରା ଖୋଲା ନିଲାମ କରାଯିବ। ଦୋକାନ ଗୃହ ୧୦ଟି ଆବଣ୍ଟନର ସର୍ତ୍ତାବଳୀ ଜରପଡ଼ା ଗ୍ରା.ପ. କାର୍ଯ୍ୟାଳୟରୁ ପାଇପାରିବେ। ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଆବଣ୍ଟନ ସର୍ତ୍ତାବଳୀ ପ୍ରକାରେ ଅତ୍ର କାର୍ଯ୍ୟାଳୟରେ ନିର୍ଦ୍ଧାରୀତ ତାରିଖ ଓ ସମୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିବା ହେବେ।

ଆପଣଙ୍କର ବିଶ୍ୱସ୍ତ
ଯୋଗାଯୋଗ ନମ୍ବର.- ୮୨୪୯୪୮୧୫୯୭, ୭୯୭୮୮୫୫୧୦୯
ସ୍ୱା./- ସରପଞ୍ଚ ଜରପଡ଼ା ଗ୍ରା.ପ.
ବ୍ଲକ-ଛେଣ୍ଡିପଦା, ଜିଲ୍ଲା-ଅନୁଗୋଳ

**CLASSIFIED DISPLAY**
MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫0% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

See Color Display Classified on every Tuesday & Friday

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

DHARITRI Career appointment Every Wednesday and Saturday

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ



ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟକର୍ତ୍ତାମାନେ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଖୁସି ମନାଉଛନ୍ତି।



**କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସୋମବାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଛନ୍ତି। ଫଳରେ ଏହି ରାଜ୍ୟର ସ୍ୱତନ୍ତ୍ର ସମ୍ବିଧାନ ଓ ଅନୁଚ୍ଛେଦ ୩୫ଏ ସ୍ୱତଃ ଅକାମୀ ହୋଇଯାଇଛି। ଏଣିକି ସେଠାରେ ଭାରତର ଅନ୍ୟ ରାଜ୍ୟର ଲୋକେ ନିଯୁକ୍ତି ତଥା ସମ୍ପତ୍ତି କ୍ରୟ ନେଇ କୌଣସି କଟକଣାର ସମ୍ମୁଖୀନ ହେବେ ନାହିଁ। ସ୍ଥାନୀୟ ଅଧିବାସୀ ମଧ ଅନେକ କ୍ଷେତ୍ରରେ ଉପକୃତ ହେବେ ବୋଲି କୁହାଯାଉଛି। ଏହାଛଡ଼ା ଜମ୍ମୁ-କଶ୍ମୀରଠାରୁ ଲଦାଖ ଅଞ୍ଚଳକୁ ଅଲଗା କରି ୨ଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏନେଇ ଆଗତ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇଛି। ଲୋକ ସଭାରେ ତାହା ପାସ୍ ହୋଇ ରାଷ୍ଟ୍ରପତିଙ୍କ ମୋହର ଲାଗିଲେ ଜମ୍ମୁ-କଶ୍ମୀର ଆଉ ରାଜ୍ୟ ହୋଇରହିବ ନାହିଁ। ଏନେଇ ବିଭିନ୍ନ ବର୍ଗର ଲୋକ ସେମାନଙ୍କ ମତ ଦେଇଛନ୍ତି।**

## କଶ୍ମୀରବାସୀ ମୁଖ୍ୟସ୍ରୋତକୁ ଆସିବେ



ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ପରେ ଖୁବ୍‌ଶୀଘ୍ର ନିର୍ବାଚନୀ ସଂସ୍କାର ଏବଂ ବିକାଶ ହେବ। ଦୀର୍ଘଦିନ ଧରି କଶ୍ମୀରବାସୀ ବିଚ୍ଛିନ୍ନତାବାଦୀ ଏବଂ ରାଜନେତାଙ୍କ କାରଣରୁ ମୁଖ୍ୟସ୍ରୋତକୁ ଆସିପାରୁ ନ ଥିଲେ। ହେଲେ ଏବେ ତାହା ସମ୍ଭବ ହେବ।

**- ଅମର ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ (ବିଜେଡି)**

## ଗଣତନ୍ତ୍ରରେ ଶୋଭା ପାଏନି



ଦେଶ ସ୍ୱାଧୀନତା ସମୟରେ ଅନେକ ଗଡ଼ଜାତ ଭାରତ ସହ ମିଶି ନ ଥିଲେ। ମୋଟ ଉପରେ କହିବାକୁ ଗଲେ ସାର୍ବଭୌମତ୍ୱ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଗଡଜାତ ମିଶ୍ରଣ କରାଇଥିଲେ। ସେ ସମୟରେ କଶ୍ମୀରକୁ ଶାସନ କରୁଥିବା ରାଜା ହରି ସିଂ କେତେକ ସର୍ତ୍ତ ସହ ଭାରତରେ ମିଶିଥିଲେ। ଏହି କାରଣରୁ ସେମାନଙ୍କ ପାଇଁ ଧାରା ୩୭୦ ଏବଂ ୩୫(ଏ) ବ୍ୟବସ୍ଥା ରହିଥିଲା। ଏହା ଉଚ୍ଛେଦ ହେଲେ କି ପରିସ୍ଥିତି ଉପୁଜିବ, ତାହାକୁ ଅନୁଧ୍ୟାନ କରାଗଲା ନାହିଁ। ବିରୋଧୀ ଦଳ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ବିଶ୍ୱାସକୁ ନିଆଗଲା ନାହିଁ। ସେଠାକାର ପ୍ରମୁଖ ରାଜନେତାଙ୍କୁ ଏକ ପ୍ରକାର ବନ୍ଦୀ କରାଗଲା। ଏପରି ହେବା ଗଣତନ୍ତ୍ରରେ ଶୋଭା ପାଏନାହିଁ।

**- ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା, ଓଡ଼ିଶା ବିଧାନସଭା**

## ସ୍ୱାଗତଯୋଗ୍ୟ, ଆଲୋଚନା ଦରକାର ଥିଲା



ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଆଲୋଚନା କରାଯାଇ ଉଚ୍ଛେଦ କରାଯାଇପାରିଥାଆନ୍ତା। ସେହିପରି କଶ୍ମୀରବାସୀଙ୍କୁ ନେଇ ଭାରତ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି। ଧାରା ୩୭୦ ଉଚ୍ଛେଦ ପରେ ସ୍ଥାନୀୟ ଲୋକଙ୍କ ବିଶ୍ୱାସକୁ ନେବା ପାଇଁ କି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ସରକାର ଜଣାଇବା ଉଚିତ। ସ୍ଥାନୀୟ ପ୍ରଶାସନ ଏବଂ ସେଠାକାର ବିଧାନସଭାକୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କ କଥା କେନ୍ଦ୍ର ସରକାର ଶୁଣିଥିଲେ ଭଲ ହୋଇଥାଆନ୍ତା। କେତେକ କ୍ଷେତ୍ରରେ ବଳପୂର୍ବକ ଜାତୀୟତାବାଦକୁ ଅସ୍ତ୍ର କରାଯାଉଥିବା ମନେହେଉଛି। ସେହିପରି ପାକ୍ ଅଧିକୃତ କଶ୍ମୀର(ପିଓକେ) ଏବଂ ଚାଇନା ଅଧିକୃତ କଶ୍ମୀର(ସିଓକେ)କୁ ଭାରତରେ ମିଶ୍ରଣ ପାଇଁ ଚେଷ୍ଟା କରାଯାଉ। ସ୍ଥାନୀୟ ଅଞ୍ଚଳରେ ବିକାଶ, ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ କରାଯାଉ।

**- ଦିନେଶ ସେଠୀ, ଆଇନ ଛାତ୍ର, ନୂଆଦିଲ୍ଲୀ**

## ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ



ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ। ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ବଳରେ ୩୭୦ ଧାରା ଉଚ୍ଛେଦ କରାଗଲା। ଏହା ଅତିଶୀଘ୍ର ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ଦ୍ୱାରା ବିଚାର ହୋଇ ରଦ୍ଦ ହେବ। ଯେଉଁ ରାଜନୈତିକ ଦଳଗୁଡ଼ିକ ଏହାକୁ ସମର୍ଥନ କଲେ, ସେମାନେ ସମସ୍ତେ ଜମ୍ମୁ-କଶ୍ମୀରବାସୀଙ୍କୁ ପଛରୁ ଛୁରି ମାରିଛନ୍ତି। ସବୁ ଦଳର ସମର୍ଥନ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ସମର୍ଥନ ମୋତେ ଆଶ୍ଚର୍ଯ୍ୟ କରିଛି।

**- ବିଜୟ ସାହୁ, ବୁଦ୍ଧିଜୀବୀ, ଚଣ୍ଡିଖୋଲ**

## ଗଣତନ୍ତ୍ରର ହତ୍ୟା



ଜମ୍ମୁ-କଶ୍ମୀରରେ ଗଣତନ୍ତ୍ରର ହତ୍ୟା କରାଯାଇଛି। ଆଗାମୀ ଦିନରେ କେନ୍ଦ୍ର ସରକାର ଦେଶର ବହୁ ରାଜ୍ୟକୁ ଏପରି ଭାଗ କରିବାକୁ ଚେଷ୍ଟା କରିବେ। ଏପରି ଏକ ସମ୍ବେଦନଶୀଳ ନିଷ୍ପତ୍ତି ନେବା ପୂର୍ବରୁ କେନ୍ଦ୍ର ସରକାର ବିଶେଷଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ଥାନୀୟ ଅଧିବାସୀ ଏବଂ ବିରୋଧୀଙ୍କ କଥା ଶୁଣିବାର ଥିଲା। ଏହି ନିଷ୍ପତ୍ତି ଭବିଷ୍ୟତରେ ଦେଶପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ।

**- ରବି ବେହେରା, ସମାଜବାଦୀ ପାର୍ଟି ଅଧକ୍ଷ, ଓଡ଼ିଶା**

## ମହାଭାରତୀୟ ସଂସ୍କୃତିକୁ ନୂତନ ଶକ୍ତି ମିଳିଲା



ଭାରତୀୟ ଗଣତନ୍ତ୍ର ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଏହି ପଦକ୍ଷେପ ଭାରତର ଗଣତନ୍ତ୍ର, ଗଣତାନ୍ତ୍ରିକ ପରମ୍ପରା ଏବଂ ମହାଭାରତୀୟ ସଂସ୍କୃତିକୁ ନୂତନ ଶକ୍ତି ପ୍ରଦାନ କରିବ। ଅନୁଚ୍ଛେଦ ୩୭୦କୁ ବିଲୋପ କରିବା ଭଳି ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଅତୀତରେ ଅନ୍ୟ କୌଣସି ସରକାର ସାହସ କରି ନ ଥିଲେ। ଏକ ଅସ୍ଥାୟୀ ରୂପେ ଗୃହୀତ ହୋଇଥିବା ଏହି ଅନୁଚ୍ଛେଦ ବିଲୋପ ଫଳରେ ଆଇନଗତ, ସାମ୍ବିଧାନିକ ଏବଂ ଭାବଗତ ଦୃଷ୍ଟିରୁ ଜମ୍ମୁ-କଶ୍ମୀର ପ୍ରକୃତ ଅର୍ଥରେ ଭାରତ ସହ ଯୋଡ଼ିହୋଇପାରିବ। ଆତଙ୍କବାଦକୁ ଲୋପ କରିବା ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ଯଥେଷ୍ଟ ସହାୟକ ହେବ। ଜମ୍ମୁ-କଶ୍ମୀର ଲୋକମାନଙ୍କର ବହୁବିଧ, ସାମଗ୍ରିକ ବିକାଶ ହେବ।

**- ଡ. ନେତାଜୀ ଅଭିନନ୍ଦନ, ଅଧ୍ୟାପକ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ଏକ ରାଷ୍ଟ୍ର, ଏକ ସମ୍ବିଧାନ



ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାରତୀୟ ଭାବେ କୌଣସି ବି ବ୍ୟକ୍ତି ଏହି ପଦକ୍ଷେପକୁ ବିରୋଧ କରିପାରିବେ ନାହିଁ। ପୂର୍ବରୁ ସେଠାରେ ରହିଥିବା ଆତଙ୍କବାଦ କାର୍ଯ୍ୟକଳାପ ଉପରେ ରୋକ ଲଗାଯାଇ ପାରୁ ନ ଥିଲା। ଏବେ ଏହା ସହଜ ହେବ। ଅଖଣ୍ଡ ଭାରତର ପରିଚୟ ପାଇଁ ଏହା ଜରୁରୀ ଥିଲା। ସଂଖ୍ୟାଲଘୁମାନେ ମଧ ଏବେ ଅନେକ ସୁବିଧା ସୁଯୋଗ ପାଇବେ।

**- ବିସ୍ମୟ ଷ୍ଟାଲିନ, ଆଇନଜୀବୀ, କଟକ**

## ସମାନତା ରହୁ ନ ଥିଲା



୩୭୦ ଅନୁଚ୍ଛେଦ ବଳରେ ସ୍ୱତନ୍ତ୍ର ପାହ୍ୟା ଜମ୍ମୁ-କଶ୍ମୀରକୁ ଦିଆଯାଉଥିଲା। ଏଥିଯୋଗୁ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଏହା ଗଣାଯାଉଥିଲେ ମଧ ସମାନତା ରହୁ ନ ଥିଲା। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଯୁଗାନ୍ତକାରୀ। କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଘୋଷଣା ହେବା ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ରହିବ। ମୋଟାମୋଟି ଭାବେ ସାମ୍ବିଧାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଜମ୍ମୁ-କଶ୍ମୀରବାସୀ ଅଧିକ ଉପକୃତ ହେବେ।

**- ବଂଶୀଧର ଶତପଥୀ, ଆଇନଜୀବୀ, କଟକ**

## ବିଳମ୍ବରେ ହେଉ ପଛେ ଭଲ କାର୍ଯ୍ୟ ହୋଇଛି



୩୭୦ ଉଚ୍ଛେଦ ବହୁ ପୂର୍ବରୁ ହେବାର ଥିଲା। ଏକତା, ଅଖଣ୍ଡତା ରଖିବା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ ଥିଲା। ବିଳମ୍ବରେ ହେଉ ପଛେ ଭାରତ ପାଇଁ କିଛି ଭଲ କାର୍ଯ୍ୟ ହୋଇଛି। ଏହି ଶୁଭଦିନକୁ ସମସ୍ତ ଭାରତବାସୀ ଅପେକ୍ଷା କରିଥିଲେ। ତେବେ ଗୋଟିଏ ଘରେ ଦୁଇଜଣ ମୁରବି ରହିବା ଓ ଗୋଟିଏ ଦେଶରେ ଦୁଇ ପ୍ରକାର ଶାସନ ହେବା ସହଜ ନୁହେଁ। ଏଣୁ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ।

**- ପ୍ରଦୀପ ପଟ୍ଟନାୟକ, ଆଇନଜୀବୀ, କଟକ**

## ନୂତନ ଭାରତର ଆରମ୍ଭ



ଏକ ନୂତନ ଭାରତର ଏହା ଆରମ୍ଭ। ସମସ୍ତ ଦିଗରୁ ଦୃଷ୍ଟି ଦେଲେ ଜମ୍ମୁ-କଶ୍ମୀର ବିକାଶ ହିଁ ନଜରକୁ ଆସୁଛି। କେନ୍ଦ୍ର ସରକାରଙ୍କ ସମେତ ଯେଉଁ ରାଜନୈତିକ ଦଳ ଏହି ନିଷ୍ପତ୍ତିକୁ ସଫଳ କରିବାରେ ସହଯୋଗ କରିଛନ୍ତି ସେମାନେ ପ୍ରଶଂସାର ପାତ୍ର। ବିକାଶ ଧାରା ଓ ଅଖଣ୍ଡତାରେ ବାଧା ଉପୁଜାଉଥିବା ଅନୁଚ୍ଛେଦ ୩୭୦, ୩୫(ଏ)କୁ ଉଚ୍ଛେଦ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**- ଡ. ବିଶ୍ୱମୋହନ ଜେନା, ପ୍ରାଧାପକ, କଟକ**

## ଏହା ଏକ କୂଟନୈତିକ ବିଜୟ



ସମ୍ବିଧାନ ଅନୁଚ୍ଛେଦ ୩୭୦ ଓ ୩୫(ଏ)ର ଉଚ୍ଛେଦ ଯୋଗୁ ଜମ୍ମୁ-କଶ୍ମୀରରେ ପାକିସ୍ତାନର ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଏହାକୁ ଆଧାର କରି ପାକିସ୍ତାନ ଜମ୍ମୁ-କଶ୍ମୀରରେ ଦୀର୍ଘ ୭୦ ବର୍ଷ ହେବ ଅରାଜକତା ସୃଷ୍ଟି କରି ଆସୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି କ୍ରାନ୍ତିକାରୀ ନିଷ୍ପତ୍ତି ଭାରତର ପାକିସ୍ତାନ ଉପରେ ଏକ କୂଟନୈତିକ ବିଜୟ। ସମଗ୍ର କଶ୍ମୀରବାସୀଙ୍କ ପାଇଁ ଏହା ଆଉ ଏକ ସ୍ୱାଧୀନତା ଦିବସ ବୋଲି କୁହାଯାଇପାରେ। ଆଜିର ଦିନ ସମଗ୍ର ଭାରତବାସୀଙ୍କ ପାଇଁ ଏକ ଐତିହାସିକ ଓ ସ୍ମରଣୀୟ ଦିନ ହୋଇ ରହିବ।

**- ତାପସ କୁମାର ଦ୍ୱିବେଦୀ, ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ, ଓଡ଼ିଶା ଯୁଗ୍ମ ସମ୍ପାଦକ**

## ଏକପାଖିଆ ନିଷ୍ପତ୍ତି



କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏପରି ପଦକ୍ଷେପକୁ ବାମଦଳମାନେ ବିରୋଧ କରୁଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍ଏସ୍)ର ପ୍ରରୋଚନାରେ ଭାଜପା ଏସବୁ କରୁଛି। ଆଗାମୀ ୭ ତାରିଖରେ ବାମଦଳ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବ। କ୍ଷମତା ପାଇଥିବା ଭାଜପା ଦେଶର ମାତ୍ର ୩୬ ପ୍ରତିଶତ ଭୋଟ ପାଇଛି, ସାମୂହିକଭାବେ ଦେଖିଲେ ଭାଜପା ବିରୋଧରେ ମଧ ଜନମତ ରହିଛି। ଭାଜପାକୁ ଛାଡିଦେଲେ, ଅନ୍ୟ କାହାରି ନିର୍ବାଚନ ଇସ୍ତାହାରରେ ଏନେଇ ଘୋଷଣା ନ ଥିଲା। ତେଣୁ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ପୂର୍ବରୁ ସରକାର ସବୁସ୍ତରରେ ଦେଶର ବିଶ୍ୱାସ ଜିଣିବା ଉଚିତ ଥିଲା। ଏହିପରି ଏକପାଖିଆ ନିଷ୍ପତ୍ତି ଆଗକୁ ଅନେକ ବିବାଦ ସୃଷ୍ଟି କରିବ।

**- ଜନାର୍ଦ୍ଦନ ପତି, ସିପିଏମ୍ ନେତା**


## ଆତଙ୍କବାଦର ମୂଳୋତ୍ପାଟନ କରିବ



ଜମ୍ମୁ-କଶ୍ମୀର ପୁନର୍ଗଠନ ଓ ସଂରକ୍ଷଣ ବିଲ୍ ସୋମବାର ରାଜ୍ୟସଭାରେ ୧୨୫ ସପକ୍ଷ ଓ ୬୧ ବିପକ୍ଷ ଭୋଟ ପାଇ ଗୃହୀତ ହୋଇଛି। ୧୯୪୯ ମସିହାରେ ଜମ୍ମୁ-କଶ୍ମୀରର ସର୍ବାଙ୍ଗ ଉନ୍ନତି ପାଇଁ ୩୭୦ ଧାରା ପ୍ରଣୟନ କରାଯାଇଥିଲା। ଅତୀତରେ ଏହା ଅନେକ ଥର ସଂଶୋଧନ ମଧ ହୋଇଛି। କେତେକ ମୁଷ୍ଟିମେୟ ରାଜ୍ୟନୈତିକ ଦଳ ଏହାର ଫାଇଦା ନେଇ ଦେଶ ବିଭାଜନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଭାରତୀୟ ଜନସଂଘ ୧୯୫୧ରୁ ଏହାକୁ ବିରୋଧ କରି ଆସୁଥିଲା। ଏହା ଏକ ଦୃଢ଼ ସାହସୀ ପଦକ୍ଷେପ, ଯାହା ଜମ୍ମୁ-କଶ୍ମୀରରେ ଶାନ୍ତି ବଜାୟ ରଖିବାରେ ସାହାଯ୍ୟ କରିବା ସହିତ ଭ୍ରଷ୍ଟାଚାର ଓ ଆତଙ୍କବାଦର ମୂଳୋତ୍ପାଟନ କରିବ।

**- ଶରତ କୁମାର କର, ଶିକ୍ଷାବିତ୍, ଭୁବନେଶ୍ୱର**

## ଏବେ ଗୋଟିଏ ଦେଶ, ଗୋଟିଏ ଆଇନ



ଜମ୍ମୁ-କଶ୍ମୀର ପାଇଁ ଅନୁଚ୍ଛେଦ ୩୭୦ ସେତେବେଳର ପରିସ୍ଥିତିକୁ ନେଇ ହୁଏତ ପ୍ରାସଙ୍ଗିକତା ଥାଇପାରେ, ଯାହାଫଳରେ ଏହା ଏକ ସଂକ୍ଷିପ୍ତ ସମୟ ପାଇଁ ଲାଗୁ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେଠାକାର ରାଜନୈତିକ ଦଳ ଏବଂ ନେତା ଭୋଟବ୍ୟାଙ୍କ ପାଇଁ ଯେପରି ଏହାର ଅପବ୍ୟବହାର କଲେ ଏହା ନିଶ୍ଚିତ ଭାବେ ଦେଶବାସୀଙ୍କ ଭିତରେ ପ୍ରଭେଦ ସୃଷ୍ଟି କରିବା ସହିତ ଦେଶର ଏକତା ଓ ଅଖଣ୍ଡତା ପାଇଁ ବିପଦ ସୃଷ୍ଟି କରୁଥିଲା। ତେଣୁ ବର୍ତ୍ତମାନର ସରକାର ଏହି ୩୭୦ ଅନୁଚ୍ଛେଦକୁ ଉଚ୍ଛେଦ କରି ଦେଶବାସୀଙ୍କୁ ଗୋଟିଏ ଦେଶ ଏବଂ ଗୋଟିଏ ଆଇନର ପରିଧିକୁ ଆଣିବାକୁ ସକ୍ଷମ ହୋଇପାରିଛନ୍ତି। ଅତଏବ ମୁଁ ଏହି ପଦକ୍ଷେପକୁ ଆନ୍ତରିକତାର ସହିତ ସ୍ୱାଗତ କରୁଛି।

**- ପ୍ରଭାସ ଚନ୍ଦ୍ର ମାନସିଂହ, ଅବସରପ୍ରାପ୍ତ ସୈନିକ, ପୁରୀ**

## କେନ୍ଦ୍ର ସରକାରଙ୍କ ଦୁଃସାହସିକ ପଦକ୍ଷେପ



ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ କେନ୍ଦ୍ର ସରକାରଙ୍କ ଏକ ଦୁଃସାହସିକ ପଦକ୍ଷେପ। ଭାରତ ସ୍ୱାଧୀନତା ହେବା ପରଠୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ତୁଷ୍ଟୀକରଣ ନୀତି ଫଳରେ ଆମ ଦେଶ ପାଇଁ ଏହି ଧାରା କ୍ୟାନ୍‌ସର ବ୍ୟାଧି ରୂପେ ଆଜି ପର୍ଯ୍ୟନ୍ତ ରହିଥିଲା। ଭାଜପାର ଦୀର୍ଘଦିନର ଉଦ୍ୟମ ଫଳରେ ଆଜି ଏହି ଧାରା ଉଚ୍ଛେଦ ହୋଇଛି। ଏହାଦ୍ୱାରା ଦେଶରେ ଗୋଟିଏ ପ୍ରକାର ଶାସନ ବ୍ୟବସ୍ଥା, ସମ୍ବିଧାନ, ଆଇନ ପ୍ରଚଳନ ହୋଇପାରିବ। ତତ୍କାଳୀନ କଶ୍ମୀର ରାଜା ହରି ସିଂ ଜମ୍ମୁ-କଶ୍ମୀରକୁ ଭାରତ ସହିତ ସମ୍ପୂର୍ଣ୍ଣ ଭାବେ ମିଶିଯିବା ଲାଗି ଚୁକ୍ତି କରିଥିଲେ। କିନ୍ତୁ ନେହେରୁଙ୍କ ଚକ୍ରାନ୍ତ ଯୋଗୁ ଏହା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନ ଥିଲା। କିନ୍ତୁ ଆଜି ଏହାର ଅନ୍ତ ଘଟିଛି। ଏଥିପାଇଁ ମୋଦି ସରକାରଙ୍କୁ ଧନ୍ୟବାଦ।

**- ବିଶ୍ୱଜିତ ସେନାପତି, ଆଡଭୋକେଟ, ପୁରୀ ବାର୍ ଆସୋସିଏଶନ**

## ଜମ୍ମୁ-କଶ୍ମୀରବାସୀଙ୍କ ପ୍ରତି ଏହା ବିଶ୍ୱାସଘାତକତା



ଅନୁଚ୍ଛେଦ ୩୭୦ ଉଚ୍ଛେଦ ସପକ୍ଷରେ ସମଗ୍ର ଦେଶ ଏକମତ ନୁହେଁ। କେବଳ ଜମ୍ମୁ-କଶ୍ମୀର ପାଇଁ ଆମ ସମ୍ବିଧାନରେ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ଆମ ଦେଶର ଏକାଧିକ ସୀମାନ୍ତ ନିକଟବର୍ତ୍ତୀ ନାଗାଲାଣ୍ଡ, ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ ପାଇଁ ଭିନ୍ନ ଭିନ୍ନ ଢଙ୍ଗରେ ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏସବୁ ରାଜ୍ୟମାନଙ୍କର ସାମାଜିକ, ସାଂସ୍କୃତିକ ସ୍ଥିତି ଓ ବିବିଧତା ଭାରତର ଅନ୍ୟ ଅଞ୍ଚଳଠାରୁ ସ୍ୱତନ୍ତ୍ର। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଦର୍ଶରେ ଗଢ଼ା ହିନ୍ଦୁତ୍ୱବାଦୀ ଭାଜପାର ରାଜନୈତିକ ଲକ୍ଷ୍ୟ ହିନ୍ଦୁରାଷ୍ଟ୍ର ଗଠନରେ ଏସବୁ ଗୋଟିଏ ଗୋଟିଏ କଣ୍ଟା। ଏଣିକି କେନ୍ଦ୍ର ସରକାର ଅଧୀନରେ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ନିୟନ୍ତ୍ରିତ ହେବ। ଜମ୍ମୁ-କଶ୍ମୀର ଜନଗଣଙ୍କ ପ୍ରତି ଏହା ବିଶ୍ୱାସଘାତକତା।

**- ସୁରେନ୍ଦ୍ର କୁମାର ଜେନା, ରାଜନୀତି ବିଜ୍ଞାନ ଅଧାପକ, ପୁରୀ**

## ଦୃଢ଼ ପଦକ୍ଷେପକୁ ସ୍ୱାଗତ



କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ଫଳରେ ଜମ୍ମୁ-କଶ୍ମୀରବାସୀ ଆଉ ଆମ ପଡ଼ୋଶୀ ନୁହେଁ, ସେମାନେ ଆମ ପରିବାର ସଦସ୍ୟ ହୋଇଗଲେ। ଆଜିଠାରୁ ଏକାନ୍ନବର୍ତ୍ତୀ ପରିବାରରେ ପକ୍ଷଭୁକ୍ତ ହୋଇଗଲେ। ସମସ୍ତେ ଏବେ ଖୁସି। ଡାଲ୍ ହ୍ରଦରେ ସାରା ଜଗତର ପକ୍ଷୀମାନେ ଯାଇ ପହଞ୍ଚିବେ, ତାହା ପୁଣି ନିର୍ଭୟରେ। କଶ୍ମୀରରୁ ଖଣ୍ଡେ ମାଡ଼ିବସି ରହିଥିବା ଅବନ୍ଧୁମାନେ ଛାନିଆ ହେବା ସ୍ୱାଭାବିକ। ମୁଁ ଏଭଳି ପଦକ୍ଷେପକୁ ଦୃଢ଼ ଭାବେ ସ୍ୱାଗତ କରୁଛି।

**- ପ୍ରଭାତ ରଥ, ସାହିତ୍ୟିକ, ପୁରୀ**

## ବହୁ ଆଗରୁ ହେବାର ଥିଲା



ଯାହା ବହୁ ଆଗରୁ ହେବାର ଥିଲା, ତାହା ଏବେ ସମ୍ଭବ ହେଲା। ଗୋଳିଆ ପାଣିରୁ ଫାଇଦା ନେବା ଅନ୍ତତଃ ବନ୍ଦ ହୋଇଗଲା। ସନାତନୀୟ ପରମ୍ପରାର ଏକ କେନ୍ଦ୍ର ଭାରତୀୟତା ସହିତ ଯୋଡ଼ି ହେବା ପରେ ଆମର ସାଂସ୍କୃତିକ ଐତିହ୍ୟରୁ ପ୍ରାଚୀନତା ପ୍ରମାଣିତ ହେବ, ଯାହା କିଛିବର୍ଷ ଧରି ବରାଦୀ ଇତିହାସକାରମାନେ ଗୋଳମାଳିଆ କରୁଥିଲେ।

**- ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ, ପୁରୀ**

## ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍



କେନ୍ଦ୍ର ସରକାର ଯେଉଁ ଐତିହାସିକ ପଦକ୍ଷେପ ନେଲେ ତାହା ବିରଳ ଏବଂ ଭାରତବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ନିଜ ଦେଶରେ ଶରଣାର୍ଥୀ ସାଜିଥିବା ଲକ୍ଷାଧିକ କଶ୍ମୀର ପଣ୍ଡିତ ପରିବାର ତାଙ୍କ ପୂର୍ବ ମର୍ଯ୍ୟାଦା ଫେରିପାଇବେ। ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବା ଦ୍ୱାରା ସେଠାରେ ପ୍ରଶାସନିକ ସମସ୍ୟା ଲାଘବ ହୋଇପାରିବ। ସରକାର ଯେଉଁଭଳି ଭାବେ ଦକ୍ଷତାର ସହ ସପ୍ତାହେ ବ୍ୟାପୀ କଳ୍ପନାଜଳ୍ପନାର ଅବସାନ ଘଟାଇ ଏହି ପଦକ୍ଷେପ ନେଲେ ତାହାକୁ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍ କୁହାଯାଇପାରିବ। ଭାରତ ମାତାର ଅଖଣ୍ଡ ଅବତାର ଦେଖିବା ପାଇଁ ସେଇ ଦିନଟି ପାଖେଇ ଆସୁଛି ଅବା!

**- ଦେବୀ ପ୍ରସନ୍ନ ନନ୍ଦ, ସମ୍ପାଦକ, ଓଡ଼ିଶା ଐତିହ୍ୟ ଓ ସଂରକ୍ଷଣ ପରିଷଦ, ପୁରୀ**

## ଭାରତ ପାଇଁ ଐତିହାସିକ ଦିନ



ଭାରତ ପାଇଁ ସୋମବାର ଥିଲା ଏକ ସ୍ମରଣୀୟ ଦିବସ। କଶ୍ମୀର ସମସ୍ୟାର ଅନ୍ତ ହୋଇଛି ବୋଲି କୁହାଯାଇପାରିବ। ଏହାର ଶ୍ରେୟ କେନ୍ଦ୍ର ସରକାରଙ୍କ ନିକଟକୁ ଯିବ। ତଥାପି ଭାରତବାସୀଙ୍କ ଏହା ଏକ ବଡ଼ ସଫଳତା ବୋଲି କହିଲେ କିଛି ଭୁଲ ହେବନି।

**-ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ**

## ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଉ




କଶ୍ମୀର ସମସ୍ୟାର ସମାଧାନ ପାଇଁ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ସ୍ଥାନୀୟ ନେତା ଓ ଲୋକଙ୍କୁ ଏଥିରେ ସାମିଲ କରାଯିବା ଆବଶ୍ୟକ। ଗୃହବନ୍ଦୀ କରି ନିଷ୍ପତ୍ତି ନିଆଗଲେ ଆଗକୁ ସମସ୍ୟା ଉପୁଜିପାରେ।

**- ସ୍ୱପ୍ନାଶ୍ରୀ ଷଡଙ୍ଗୀ, ଏଫଇଏସ୍ ଟିମ୍ ଲିଡର**

## ଇଂରେଜ ଅମଳର କୂଟନୀତି ଉପରେ ଶକ୍ତ ପ୍ରହାର

**ପୁରୀ ଅଫିସ, ୫।୮**



ଦୀର୍ଘବର୍ଷ ଧରି ଅନୁଚ୍ଛେଦ ୩୭୦କୁ ନେଇ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଜମ୍ମୁ-କଶ୍ମୀରରୁ ଉଚ୍ଛେଦ ହୋଇଛି ଅନୁଚ୍ଛେଦ ୩୭୦। ଏହାକୁ ନେଇ ଦେଶବ୍ୟାପୀ ଖୁସିର ଲହରି ଖେଳି ଯାଇଥିବାବେଳେ ଏ ପ୍ରସଙ୍ଗରେ ମତ ରଖିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସୋମବାର ପୀଠ ପରିସରରେ ଗଣମାଧମକୁ ସୂଚନା ଦେଇ ଶଙ୍କରାଚାର୍ଯ୍ୟ କହିଛନ୍ତି, ଏହାଦ୍ୱାରା ଇଂରେଜ ଅମଳର କୂଟନୀତି ଆଇନ ଉପରେ ଶକ୍ତ ପ୍ରହାର ହୋଇଛି। ଇଂରେଜମାନଙ୍କ କୁଟନୀତି ଯୋଗୁ ପ୍ରଥମେ ଭାରତରୁ ଆଫଗାନିସ୍ତାନକୁ ଓ ପରେ ବର୍ମା ଏବଂ ଶ୍ରୀଲଙ୍କାକୁ ଅଲଗା କରାଗଲା। ଏହାପରେ ପାକିସ୍ତାନ ଗଠନ କରାଯାଇ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭାଜନ କରିଥିଲେ ଇଂରେଜ। ତେଣୁ ଅଖଣ୍ଡ ଭାରତ ଗଠନ ପାଇଁ ଏଭଳି ଧାରା ଉଚ୍ଛେଦର ଯଥେଷ୍ଟ ଆବଶ୍ୟକତା ଥିଲା। କୌଣସି ପାର୍ଟି ବା ଦଳକୁ ପଛରେ ରଖି ଭାରତ ପାଇଁ କାମ କରିବା ଦରକାର ବୋଲି ଆହ୍ୱାନ ଦେଇଛନ୍ତି ଶଙ୍କରାଚାର୍ଯ୍ୟ।

୩୭୦ ଅନୁଚ୍ଛେଦ ଉଚ୍ଛେଦ ଉପରେ ଅଧିକ ଟିପ୍ପଣୀ ରଖି ଶଙ୍କରାଚାର୍ଯ୍ୟ କହିଛନ୍ତି, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଶାସନକାଳରେ ୩୭୦ ଅନୁଚ୍ଛେଦକୁ କ୍ରିୟାନ୍ୱିତ କରାଯାଇଥିଲା। କିନ୍ତୁ ସ୍ଥାୟୀ ଭାବେ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ପରେ ରାଜନେତାମାନେ ଏହି ଧାରାକୁ ଗୁରୁତ୍ୱ ଦେଇ ଷଡ଼ଯନ୍ତ୍ର ରଚିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହିନ୍ଦୁତ୍ୱ, ରାଷ୍ଟ୍ର ଓ ଅଖଣ୍ଡତା ପ୍ରତି ଭରସା ରଖିଥିଲେ। ଭଗବତ କୃପାରୁ ଇଂରେଜଙ୍କ କୁଟନୀତି ଉପରେ ଆଜି ଶକ୍ତ ପ୍ରହାର ହୋଇଛି। ଏଭଳି ପଦକ୍ଷେପକୁ ଦେଶବସୀ ବହୁ ପୂର୍ବରୁ ଅପେକ୍ଷା କରିଥିଲେ। ତେବେ ସର୍ବୋତ୍କୃଷ୍ଟ ଭାରତ ଗଠନ ହେଲେ ବିଶ୍ୱ ସମୁଦାୟକୁ ବୈଦିକ ଜ୍ଞାନ କ୍ଷେତ୍ରରେ ଭାରତ ପଥ ପ୍ରଦର୍ଶକ ସାଜିବ ବୋଲି ଶଙ୍କରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

## ଐତିହାସିକ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ



ଛଦୀର୍ଘ ୭୦ ବର୍ଷର ଅପେକ୍ଷା ପରେ ଏଭଳି ଏକ ଐତିହାସିକ ନିଷ୍ପତ୍ତି ଦ୍ୱାରା ଭାରତର ଏକତ୍ରୀକରଣ ସମ୍ପନ୍ନ ହୋଇଛି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କର ଦୃଢ଼ ଇଚ୍ଛାଶକ୍ତିକୁ ସ୍ୱାଗତ କରୁଛି। ଗୋଟିଏ ଦେଶରେ ଗୋଟିଏ ସମ୍ବିଧାନ, ଗୋଟିଏ ପ୍ରଧାନ ଏବଂ ଗୋଟିଏ ଚିହ୍ନ ପାଇଁ ପ୍ରାଣବଳି ଦେଇଥିବା ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଜମ୍ମୁ-କଶ୍ମୀର ରକ୍ଷା କରିବାରେ ଜୀବନ ଉତ୍ସର୍ଗ କରିଥିବା ଅଗଣିତ ଭୂମିପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ**

## ସମସ୍ତେ ସମର୍ଥନ ଦେବା ଉଚିତ



ଦେଶର ଐକ୍ୟ, ଅଖଣ୍ଡତା ଓ ଶୃଙ୍ଖଳା ରକ୍ଷା ପାଇଁ ସମାନ ଆଚରଣ ସଂହିତା ପ୍ରଚଳନ ଜରୁରୀ। ଏ ପରିପ୍ରେକ୍ଷୀରେ ସରକାର ଏକ ସୁଚିନ୍ତିତ ଓ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହାକୁ ସମସ୍ତେ ସମର୍ଥନ କରିବା ଉଚିତ।

**- ଶାଶ୍ୱତୀ ସୌମ୍ୟା ପାଣିଗ୍ରାହୀ, ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରଶାସିକା**

## ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ସରକାରଙ୍କ ଏପରି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ କାଶ୍ମୀରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସରକାର କିପରି ମୁକାବିଲା କରୁଛନ୍ତି ଓ ଏହାକୁ ଲୋକେ କେତେଦୂର ଗ୍ରହଣ କରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡ଼ିବ।

**- ଜିତେନ୍ଦ୍ର ସାହୁ, ସଭାପତି, ଅନୁଗୋଳ ଓକିଲ ସଂଘ**

## ଉନ୍ନତିରେ ସାମିଲ ହେବାର ସୁଯୋଗ



ଦେଶବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କଶ୍ମୀରବାସୀଙ୍କ ଧୈର୍ଯ୍ୟ ଏବଂ ସାହସିକତାର ମଧ ବିଜୟ ହୋଇଛି। ଦେଶ ଉନ୍ନତିରେ ସାମିଲ ହେବାର କଶ୍ମୀରବାସୀଙ୍କ ପାଇଁ ଏହା ଏକ ସୁଯୋଗ।

**- ସୌମ୍ୟରଞ୍ଜନ ଦାଶ, ମାଟିଆ ସାହି ବାସିନ୍ଦା**

## ଏକଚ୍ଛତ୍ରବାଦ ଶାସନ



କଶ୍ମୀରକୁ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏକଚ୍ଛତ୍ରବାଦର ପ୍ରମାଣ। ଏହି ନିଷ୍ପତ୍ତି ନେବା ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯିବା ଆବଶ୍ୟକ ଥିଲା। କେବଳ କଶ୍ମୀରରେ ଶିଳ୍ପପତିଙ୍କୁ ପ୍ରବେଶ କରାଇବାକୁ ଭାଜପା ସରକାର ଏଭଳି ଯୋଜନା କରିଛି।।

**- ବିପ୍ଳବ ଜେନା, ଜିଲା କଂଗ୍ରେସ ସଭାପତି**

## ସଂକ୍ଷେପରେ

### ନୂତନ ଏଡିଏମ୍‌ଙ୍କ ଦାୟିତ୍ୱ ଗ୍ରହଣ




ଢେଙ୍କାନାଳ ଅଫିସ, ୫।୮- ଢେଙ୍କାନାଳ ଜିଲାର ନୂତନ ଅତିରିକ୍ତ ଜିଲାପାଳ (ଏଡିଏମ୍) ଭବେଶ କୁମାର ନାୟକ ସୋମବାର ଅପରାହ୍ନ ୧ଟାରେ ଜିଲା କାର୍ଯ୍ୟାଳୟକୁ ଆସି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜସ୍ୱ ଅମଲାସଂଘର ଜିଲା ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ଥିବା ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କର ଭଦ୍ରକ ପିଡି ଡିଆରଡିଏ ଭାବେ ବଦଳି ହୋଇଛି। ଭବେଶ ଏହାପୂର୍ବରୁ ହିନ୍ଦୋଳ ଉପଜିଲାପାଳ ରହିଥିଲେ। ସେହିପରି ଢେଙ୍କାନାଳ ସଦର ତହସିଲଦାର ଉଦୟନାଥ ମହାପାତ୍ରଙ୍କର ହିନ୍ଦୋଳ ଉପଜିଲାପାଳ ଭାବେ ବଦଳି ହୋଇଛି। ସୋମବାର ଦାୟିତ୍ୱ ଗ୍ରହଣ ପରେ ହିନ୍ଦୋଳ ଉପଜିଲାପାଳଙ୍କୁ ସ୍ୱାଗତ କରାଯାଇଥିଲା।

### ଜେନେରେଟରରେ ଚୁଟି ପଶି କାଉଡ଼ିଆ ଗୁରୁତର

ଭୁବନ,୫।୮(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ଘନଶ୍ୟାମ ସାହୁଙ୍କ ଝିଅ ବେଲ ସାହୁ (୨୬)ଙ୍କ ଚୁଟି ଜେନେରେଟରରେ ପଶିଯିବାରୁ ସେ ଗୁରୁତର ହୋଇଛନ୍ତି। ବେଲ ସୋମବାର ଗ୍ରାମର କିଛି ଲୋକଙ୍କ ସହ ପୁରୀ ଲୋକନାଥ ମନ୍ଦିରରେ ଜଳଲାଗି ପାଇଁ ଯାଇଥିଲେ। ସେଠାରେ ଜଳଲାଗି କରି ଫେରୁଥିବାବେଳେ ଭୁବନ ଥାନା ଶାସନ ଗ୍ରାମ ନିକଟରେ ମାଇକ ବଜାଇବା ପାଇଁ ଏକ ଟାଟାଏସିଇରେ ଜେନେରେଟର ଲଗାଇଥିଲେ। ସମସ୍ତ ମହିଳା, ପୁରୁଷ କାଉଡ଼ିଆମାନେ ଏକ ଟାଟାଏସିଇରେ ବସିଥିବା ବେଳେ ଜେନେରେଟର ଭିତରେ ବେଲଙ୍କ ଚୁଟି ପଶିଯାଇଥିଲା। ଫଳରେ ତାଙ୍କ ମୁଣ୍ଡ ଏବଂ ମୁହଁରେ ଆଘାତ ଲାଗିଥିଲା। ପରେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

### କ୍ୱାର୍ଟର ଫାଇନାଲରେ ବିବି ହାଇସ୍କୁଲ

ଢେଙ୍କାନାଳ ଅଫିସ, ୫।୮- ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଜିଲା ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚରେ ବ୍ରଜନାଥ ବଡଜେନା ହାଇସ୍କୁଲ ଢେଙ୍କାନାଳ, ପରଜଙ୍ଗ ବ୍ଲକ ଦଳକୁ ୨-୧ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରେଫରୀ ଅରୁଣ ନାୟକ, ରାମକୃଷ୍ଣ ବେହେରା, ତନ୍ମୟ ପଟ୍ଟନାୟକ ଓ ସନ୍ତୋଷ କୁମାର ପରିଡାଙ୍କ ସମେତ ମ୍ୟାଚ କମିଶନର ମାୟାଧର ସାହୁ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂଘ ଉପସଭାପତି ରାମ ନାରାୟଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଅନ୍ୟତମ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, କ୍ରୀଡାବିତ ଅଭିଜିତ ମିଶ୍ର ସହଯୋଗ କରିଥିଲେ। ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଦିଲ୍ଲୀ ପବ୍ଲିକ ସ୍କୁଲ, ମଣ୍ଟଫୋର୍ଟ ସ୍କୁଲକୁ ଭେଟିବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

### ତେଲିଭୂଇଁ ଛକରେ ଜବରଦଖଲ ଉଚ୍ଛେଦ

ରାସୋଳ, ୫।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ ପୁରୁଣା କଟକ-ସମ୍ବଲପୁର ରାସ୍ତାର ତେଲିଭୂଇଁ ଛକଠାରେ ସୋମବାର ଅପରାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବଜାରରୁ କଳିଙ୍ଗାପାଳକୁ ଯାଇଥିବା ଆରଡ଼ି ରାସ୍ତା ଜବରଦଖଲ ଯୋଗୁ ସଙ୍କୁଚିତ ହୋଇଥିଲା। ଫଳରେ ଟ୍ରାଫିକ ଜାମ ରହୁଥିଲା। ଏ ନେଇ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦୀର୍ଘଦିନ ହେଲା ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ହିନ୍ଦୋଳ ତହସିଲଦାର ଅଜୟ କୁମାର ମଲିକ, ଅତିରିକ୍ତ ତହସିଲଦାର ଦାଶରଥି ଜେନା, ରାସୋଳ ଆର୍‌ଆଇ ରଞ୍ଜନ ପାଣିଗ୍ରାହୀ, କୁନୁଆ ଆରଆଇ ପ୍ରଭାତି ସ୍ୱାଇଁ ଏବଂ ରାସୋଳ ପୋଲିସର ଉପସ୍ଥିତିରେ ଜେସିବି ଲଗାଇ ରାସ୍ତା ଦୁଇପାଖର ଘର ଭଙ୍ଗା ଯାଇଥିଲା।

# ଉଦ୍ଧାର ହାତୀ ଛୁଆଙ୍କୁ ନେଇ ଚିନ୍ତାରେ ବନ ବିଭାଗ

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ଜିଲାରେ ବିଭିନ୍ନ ଜଙ୍ଗଲରୁ ଉଦ୍ଧାର ହେଉଥିବା ହାତୀ ଛୁଆଙ୍କୁ ନେଇ ବନ ବିଭାଗର ଚିନ୍ତା ବଢୁଛି। ଉଦ୍ଧାର ହାତୀ ଛୁଆଙ୍କୁ ସୁରକ୍ଷିତ ଭାବରେ ରଖିବା ପାଇଁ କପିଳାସ ଚିଡିଆଖାନାରେ ଥିବା ରେସକ୍ୟୁ ସେଣ୍ଟରରେ ୪ ହାତୀ ଥିବାରୁ ସେଠାରେ ଆଉ ହାତୀ ଛୁଆଙ୍କୁ ରଖିବାକୁ ଜାଗା ନାହିଁ। ସେହିପରି ନନ୍ଦନକାନନ କର୍ତ୍ତୃପକ୍ଷ ଆଉ ହାତୀ ଛୁଆଙ୍କୁ ନେବେ ନାହିଁ ବୋଲି ମନା କରିଦେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଫଳରେ ବିଭିନ୍ନ ଜଙ୍ଗଲକୁ ଗୋଠଛଡା ହୋଇ ପଳାଇ ଆସୁଥିବା ହାତୀ ଛୁଆଙ୍କର ସୁରକ୍ଷା ଚିନ୍ତାଜନକ ହୋଇପଡିଛି।

ଢେଙ୍କାନାଳ ଜିଲାରେ ହାତୀ ସଂଖ୍ୟା ବଢିବା ପରେ ବହୁ ହାତୀ ଛୁଆ ଗୋଠଛଡା ହୋଇ ଜନବସତି ଅଞ୍ଚଳକୁ ପଳାଇ ଆସୁଛନ୍ତି। ଲୋକମାନେ ହାତୀ ଛୁଆଙ୍କୁ ଉଦ୍ଧାର କରି ବନବିଭାଗ ଜିମାରେ ଦିଅନ୍ତି। ଏସବୁକୁ ନଜରରେ ରଖି ୨୦୧୦ରେ କପିଳାସ ଚିଡିଆଖାନା ପରିସରରେ ଏକ ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟର ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିଲା। ଯେଉଁଠାରେ ୪ଟି ହାତୀ ଛୁଆଙ୍କୁ ରଖି ଦେଖାରଖା କରିହେବ। ନିର୍ମାଣ ପରଠାରୁ ଉକ୍ତ ରେସକ୍ୟୁ



କପିଳାସଠାରେ ଥିବା ହାତୀ ରେସକ୍ୟୁ ସେଣ୍ଟର।

- କପିଳାସ ରେସକ୍ୟୁ ସେଣ୍ଟରରେ ଜାଗା ନାହିଁ
- ନନ୍ଦନକାନନ କର୍ତ୍ତୃପକ୍ଷ ମନା କରୁଛନ୍ତି

ସେଣ୍ଟରରେ ଉଦ୍ଧାର ହୋଇ ଆସି ରୋଗାଗ୍ରସ୍ତ ହୋଇ ବର୍ତ୍ତମାନ ସୁଦ୍ଧା ୩ଟି ହାତୀ ଛୁଆଙ୍କର ମୃତ୍ୟୁ ଘଟିଥିବା ନଜିର ମଧ୍ୟ ରହିଛି। ବର୍ତ୍ତମାନ ରେସକ୍ୟୁ ସେଣ୍ଟରରେ କାର୍ତ୍ତିକ(୧୦ବର୍ଷ), ଉମା(୭ବର୍ଷ), ଚନ୍ଦୁ(୮ବର୍ଷ), ହିରୋ(୨ବର୍ଷ)ର ୪ଟି ହାତୀଛୁଆ ରହିଛନ୍ତି। ସେମାନଙ୍କ ଦେଖାରଖା ପାଇଁ ପ୍ରାୟ ୪ଜଣ କର୍ମଚାରୀ ମଧ୍ୟ ରହିଛନ୍ତି। ତେଣୁ ଅଧିକାଂଶ ସମୟରେ ଉଦ୍ଧାର ହାତୀ ଛୁଆଙ୍କୁ ଏଣିକି କପିଳାସ ରେସକ୍ୟୁ ସେଣ୍ଟରରେ ରଖିବା ସମ୍ଭବପର ହେଉନାହିଁ ବୋଲି କପିଳାସ ରେଞ୍ଜର ଦର୍ଶନିଆ ଭୋଇଙ୍କ ସୂତ୍ରରୁ ଜଣାପଡିଛି। ନିକଟରେ ହିନ୍ଦୋଳ ରେଞ୍ଜରେ ଉଦ୍ଧାର ୩ଟି ହାତୀ ଛୁଆଙ୍କୁ ବିଭିନ୍ନ ଫରେଷ୍ଟ ବିଟ୍ ହାଉସରେ ରଖି ତାଙ୍କର ସେବା କରାଯାଉଥିବା ବେଳେ ଗୋଟିଏ ମାସ ମଧ୍ୟରେ ୩ଟି ହାତୀ ଛୁଆଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନନ୍ଦନକାନନ କର୍ତ୍ତୃପକ୍ଷ ମଧ୍ୟ ସେଠାରେ ଆବଶ୍ୟକଠାରୁ ଅଧିକ ହାତୀ ଥିବାରୁ ଆଉ ହାତୀଛୁଆଙ୍କୁ ରଖିବା ପାଇଁ ମନା କରିଛନ୍ତି। ଏଭଳି ଅଡୁଆ ପରିସ୍ଥିତି ଯୋଗୁ ବନ ବିଭାଗର ମୁଣ୍ଡବିନ୍ଧା ବଢିଛି।

ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କୁହନ୍ତି, କପିଳାସରେ ଆଉ ଅଧିକ ଉଦ୍ଧାର ହାତୀ ଛୁଆଙ୍କୁ ରଖି ସେମାନଙ୍କ ସେବା କରିବା ସମ୍ଭବପର ହେଉନାହିଁ। ଅନ୍ୟପଟରେ ନନ୍ଦନକାନନ ଚିଡିଆଖାନା କର୍ତ୍ତୃପକ୍ଷ ମଧ୍ୟ ଉଦ୍ଧାର ହାତୀ ଛୁଆଙ୍କୁ ନେବା ପାଇଁ ମନା କରୁଛନ୍ତି। ତେଣୁ ବିଭିନ୍ନ ସମୟରେ ଗୋଠଛଡା ହୋଇ ଜନବସତିକୁ ପଳାଇ ଆସୁଥିବା ହାତୀ ଛୁଆଙ୍କୁ ନେଇ ଆମର ଚିନ୍ତା ବଢୁଛି। କାରଣ ଥରେ ହାତୀ ଛୁଆର ଶରୀରରେ ମଣିଷର ଛାପ ରହିଲେ ତାକୁ ଆଉ ଅନ୍ୟ ହାତୀମାନେ ଗୋଠରେ ନେବେ ନାହିଁ। ତେଣୁ ସେଥିପାଇଁ ପଦକ୍ଷେପ ନେବା ନିମନ୍ତେ ଆଲୋଚନା କରାଯାଉଛି ବୋଲି ଜିଲା ବନଖଣ୍ଡ ଅଧିକାରୀ କୁହନ୍ତି।

### ■ସଦର ବ୍ଲକରେ ଜନ ଶୁଣାଣି ଶିବିର

# ୧୩୯ ଅଭିଯୋଗର ସମାଧାନ



ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିର।

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଅଭିଯୋଗକୁ ନେଇ ୨୪୮ ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୩୯ଟି ଅଭିଯୋଗର ସମାଧାନ ହୋଇଥିଲା। ୧୪ ଜଣଙ୍କୁ ରେଡକ୍ରସ ପକ୍ଷରୁ ବ୍ୟକ୍ତିଗତ ଚିକିତ୍ସା ଓ ଜୀବନ ଜୀବିକା ପାଇଁ ୨୬ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅନୁପମା ଜେମ୍ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଡିଏଫ୍‌ଓ ସୁଦର୍ଶନ ପାତ୍ର, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, କୃଷି ଉପନିର୍ଦ୍ଦେଶକ ଛବିନ୍ଦ୍ର ବେହେରା, ଆପାତକାଳୀନ ବିଭାଗର ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର ଓ ପିଜି ସେଲର ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ, ଅଧିକାରୀ ଲଲାଟ କେଶରୀ ଦଳେଇ, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧାରା ୩୭୦ ଉଚ୍ଛେଦକୁ ସ୍ୱାଗତ



ଧାରା ୩୭୦ ଉଚ୍ଛେଦକୁ ସ୍ୱାଗତ କରାଯାଉଛି।

ଢେଙ୍କାନାଳ ଅଫିସ,୫।୮

ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦକୁ ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆବାହକ ପ୍ରିୟବ୍ରତ ଗଡନାୟକ, ଉପସଭାପତି ବିକାଶ ନାୟକ, ସମ୍ପାଦକ ବୈକୁଣ୍ଠନାଥ ଦ୍ୱିବେଦୀ, ସଦର ଆବାହକ ରଣଜିତ ବିଶ୍ୱାଳ, ମଧୁ ଜନତା ଦଳର ରାଜ୍ୟ ଆବାହକ ଗିରିଜା ମହାନ୍ତି ପ୍ରମୁଖ ବସଷ୍ଟାଣ୍ଡସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଆତସବାଜି କରି ଏହାକୁ ସ୍ୱାଗତ କରିଥିଲେ। ସେହିପରି ଢେଙ୍କାନାଳ ମିଲିଟାରୀ ଓ ପାରା ମିଲିଟାରୀ ଫୋରମର ସଦସ୍ୟମାନେ ମଧ୍ୟ ଶହୀଦ ସ୍ତମ୍ଭଠାରେ ଏକାଠି ହୋଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅଖିଳ ମହାପାତ୍ର, ରବି ନାରାୟଣ ରାୟ, ରଣଜିତ ପାଣିଗ୍ରାହୀ, ପଙ୍କଜ ନାୟକ, ଚକ୍ରଧର ତରାଇ, ସନ୍ତୋଷ ସେଠୀ, ନଗେନ କର, ପ୍ରଭାତ ବେହେରା ପ୍ରମୁଖ ଦୀପ ପ୍ରଜ୍ୱଳନ କରି ଧାରା ୩୭୦ ଉଚ୍ଛେଦକୁ ସ୍ୱାଗତ କରିଥିଲେ।

### ସତ୍ୟସାଇ ସେବା ସମିତିର ବାର୍ଷିକ ଉତ୍ସବ

ଢେଙ୍କାନାଳ ଅଫିସ,୫।୮

ଶ୍ରୀ ସତ୍ୟସାଇ ସେବା ସମିତି ଢେଙ୍କାନାଳର ୪୯ତମ ବାର୍ଷିକ ଉତ୍ସବ ରବିବାର ପୂର୍ତ୍ତ ବିଭାଗ କଲୋନି ନିକଟସ୍ଥ ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନଗର ସଂକୀର୍ତ୍ତନ, ଦିବ୍ୟ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜାର୍ଚ୍ଚନା, ୪୯ତମ ଜ୍ୟୋତି ପ୍ରଜ୍ୱଳନ, ବେଦପାଠ, ଆଧ୍ୟାତ୍ମିକ ଆଲୋଚନା ଆଦି କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଭୁବନ, କାମାକ୍ଷାନଗର, ସାଙ୍କୁଲେଇ, ଗେଙ୍ଗୁଟିଆ, ସାରିଅଁ, ସୋଗରପଶି, କଙ୍କଡାହାଡ ଓ ମଜ୍ଜୁରି ଅଞ୍ଚଳରୁ ୪ ଶହରୁ ଅଧିକ ଭକ୍ତ ଯୋଗଦେଇଥିଲେ। ସମିତିର ଆବାହକ ବିମ୍ବାଧର ସାସମଲ, ଶତ୍ରୁଘ୍ନ ମାଟି, ରଶ୍ମିରଞ୍ଜନ ଦାସ, ପ୍ରମୋଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



### ■ହାତୀ ଚଲାପଥ ସୁରକ୍ଷିତ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା

# ସୁଦୀପା ପ୍ରଥମ, ନିରାକାର ଦ୍ୱିତୀୟ

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗତ ୩ ତାରିଖରେ ହାତୀଙ୍କର ସୁରକ୍ଷିତ ଚଲାପଥ ଅଧିକାର ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିରାଳ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଅରଖପାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବେଢାପାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଦିଘି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ହାତୀଙ୍କର ଚଲାପଥକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଦୀପା ପ୍ରିୟଦର୍ଶିନୀ ଖୁଣ୍ଟିଆ ପ୍ରଥମ, ଛାତ୍ର ନିରାକାର ମଲିକ ଦ୍ୱିତୀୟ ଏବଂ ଅରଖପାଳ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶିଷ ଲେଙ୍କା ତୃତୀୟ ସ୍ଥାନ




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଅଧିକାର କରି ପୁରସ୍କୃତ ହୋଇଥିଲେ। ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସ୍ ଓ ବନ ବିଭାଗ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ମୁଖ୍ୟଅତିଥି, ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ବିଶ୍ୱାଳ, ଭୁବନ ରେଞ୍ଜର ନୀଳ ଲୋହିତ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିସ୍‌ର ନିର୍ଦ୍ଦେଶକ ବିଜୟ କୁମାର ଦାଶ ଏହାକୁ ପରିଚାଳନା କରିଥିଲେ। ଶିକ୍ଷକ ଶରତଚନ୍ଦ୍ର ଶତପଥୀ ଓ ରାଜକିଶୋର ବେହେରା ବିଚାରକ ଭାବେ ରହିଥିଲେ। ସିସ୍‌ର କର୍ମୀ ଶିବସୁନ୍ଦର ପ୍ରଧାନ, ସିଦ୍ଧାନ୍ତ ସାହୁ ଓ ଦୀପକ କୁମାର ସେଠୀ ସହଯୋଗ କରିଥିଲେ।

### ■ସିଲିଣ୍ଡର ଫାଟି ୧୧ ବଖରା ଭସ୍ମ

# ଶାଶୁ, ପୁଅବୋହୂ ଗୁରୁତର



ଅଗ୍ନିକାଣ୍ଡରେ ପୋଡି ଯାଇଥିବା ଘର।

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳରୋଡ ଫାଣ୍ଡି ବାଙ୍ଗୁରସିଂହ ଗ୍ରାମ ସଅରସାହିରେ ସୋମବାର ମଧ୍ୟାହ୍ନ ୧୨ଟାରେ ରୋଷେଇ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୧ ବଖରା ଭସ୍ମୀଭୂତ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି।

ଘଟଣାରୁ ଜଣାପଡିଛି, ହେମା ପ୍ରଧାନ(୫୮)ଙ୍କ ଘରେ ରୋଷେଇ ଚାଲୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ହେମାଙ୍କ ସମେତ ତାଙ୍କ ବୋହୂ ମୀନା ପ୍ରଧାନ(୨୦) ପୋଡିହୋଇ ଯାଇଥିଲେ। ଉଭୟଙ୍କୁ ବଞ୍ଚାଇବାକୁ ଯାଇ ପୁଅ ବିନୋଦ ପ୍ରଧାନ(୨୨) ମଧ୍ୟ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି।



ଏହି ଅଗ୍ନିକାଣ୍ଡରେ ଉକ୍ତ ଅଞ୍ଚଳରେ ୧୧ ବଖରା ଘର ପୋଡି ଛାରଖାର ହୋଇଯାଇଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ ସେବାସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ■ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ଦିବସ

# 'ଦେଶପ୍ରେମର ମଞ୍ଜି ବୁଣୁଥିଲେ ଖବରକାଗଜ'

ଢେଙ୍କାନାଳ ଅଫିସ,୫।୮

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି)ରେ ରବିବାର ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଆଞ୍ଚଳିକ ଭାଷା ସମ୍ବାଦପତ୍ରର ଭୂମିକା ଉପରେ ଏହି ଅବସରରେ ଏକ ବିଶେଷ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ସୁବିର ଘୋଷ କହିଲେ ଯେ, ଦେଶକୁ ସ୍ୱାଧୀନ କରିବାରେ ଆଞ୍ଚଳିକ ଭାଷା ଖବର କାଗଜଗୁଡିକର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସ୍ୱାଧୀନତା ପୂର୍ବରୁ ପ୍ରକାଶ ପାଉଥିବା ଭାରତୀୟ ଭାଷାର ଖବର କାଗଜଗୁଡିକ ଲୋକଙ୍କ ମନରେ ଦେଶ ପ୍ରେମର ମଞ୍ଜି ବୁଣିବା ସହ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ଅଧିକାଂଶ ଖବର କାଗଜରେ ବ୍ରିଟିଶ ଶାସନ ବିରୋଧୀ ଖବର ହିଁ ବାହାରୁଥିଲା। ରାଜା ରାମମୋହନ ରାୟଙ୍କ ଠାରୁ ଆରମ୍ଭ କରି ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଜିତେନ୍ଦ୍ରନାଥ ଦତ୍ତ, ଗୌରୀଶଙ୍କର ରାୟ, ଗୋପବନ୍ଧୁ ଦାସ, ବାଳ ଗଙ୍ଗାଧର ତିଳକ ଓ ମହାତ୍ମା ଗାନ୍ଧୀଙ୍କ ପର୍ଯ୍ୟନ୍ତ ଅନେକ ନିଜ ଖବରକାଗଜରେ ବ୍ରିଟିଶ ଶାସନକୁ ଖୋଲାଖୋଲି ବିରୋଧ କରୁଥିଲେ। ସେ ସମୟରେ ଖବରକାଗଜଗୁଡିକର ବିତରଣ କମ୍ ଥିଲା। କିନ୍ତୁ ଖଣ୍ଡିଏ ଖବରକାଗଜ ଅନେକ ଲୋକଙ୍କ ପାଖରେ ପହଞ୍ଚି ପାରୁଥିଲା ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ ଯେ, ୧୮୬୬ ମସିହାରେ ପ୍ରଥମ ଓଡ଼ିଆ ଖବରକାଗଜ ଉତ୍କଳ ଦୀପିକା ପ୍ରକାଶ ପାଇଥିଲା। ସ୍ୱାଧୀନତା ସଂଗ୍ରାମରେ ଏହି ଖବରକାଗଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ସେ ପ୍ରକାଶ କରିଥିଲେ। ସହାୟକ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ସଂସ୍ଥାନ ପରିସରରେ ଚାରା ରୋପଣ କରିଥିଲେ।




ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ।

### 'କାଳିଆ' ତାଲିକାଭୁକ୍ତ କରାଇବା ନାଁରେ ଟଙ୍କା ଆଦାୟ ଅଭିଯୋଗ

ଭାପୁର,୫।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ବ୍ଲକ ଅଞ୍ଚଳର ଚାଷୀଙ୍କୁ କିଛି ଦଲାଲ 'କାଳିଆ' ଓ କୃଷି କଲ୍ୟାଣ ଯୋଜନାରେ ନାଁ ପଞ୍ଜୀକରଣ କରାଇବାକୁ କହି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ପ୍ରତି କୃଷକଙ୍କ ପିଛା ଶହେରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ଦଲାଲମାନେ ନେଉଥିବା ଛଦେଶ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବା ମୁତାବକ, କେତେଜଣ ଦଲାଲ ଗାଁକୁ ଗାଁ ବୁଲି କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧୀନ ୱେବ୍‌ସାଇଟରେ ଫର୍ମ ଅନଲାଇନ ରେଜିଷ୍ଟ୍ରେଶନ ପୋର୍ଟାଲର ଲୋଗୋ ଥିବା ଏକ କାର୍ଡ ଦେଇ କାଳିଆ ଓ କୃଷି କଲ୍ୟାଣ ପରି ଯୋଜନାରେ ନା ପଞ୍ଜୀକରଣ କରାଇଦେବେ ବୋଲି କହୁଛନ୍ତି। ଏଥିପାଇଁ ସେମାନଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡିବନି ବୋଲି କହି ଶହେରୁ ୩ଶହ ଟଙ୍କା ଆଦାୟ କରୁଛନ୍ତି। ଏଥିସହ ଚାଷୀଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ମଧ୍ୟ ନେଉଯାଉଛନ୍ତି। ପ୍ରଶାସନ ଏ ଦିଗରେ ତଦନ୍ତ କରିବାକୁ ଦାବି ହୋଇଛି। ଢେଙ୍କାନାଳ ଜିଲା କୃଷି ନିର୍ଦ୍ଦେଶକ ଛବିନ୍ଦ୍ର ବେହେରା କହିଛନ୍ତି, ଏ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। କୃଷି ସମ୍ବନ୍ଧୀୟ ସୁବିଧା ପାଇଁ ବ୍ଲକ କୃଷି କାର୍ଯ୍ୟାଳୟ ଅଧୀନରେ ପଞ୍ଜୀକରଣ କରାଯାଇଥାଏ। ଦଲାଲଙ୍କ ପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

## ୨୦୧୯ ଜୁଲାଇ ସର୍ବାଧିକ ଉତ୍ତପ୍ତ ମାସ



**ପ୍ୟାରିସ,୫।୮:** ୨୦୧୯ ଜୁଲାଇରେ ରେକର୍ଡ ମାତ୍ରାର ଗରମ ଅନୁଭୂତ ହୋଇଥିବା ୟୁରୋପୀୟ ୟୁନିୟନ୍‌ର ସାଟେଲାଇଟ୍ ଭିତ୍ତିକ ଆର୍ଥ ଅବଜରଭେଶନ୍ ନେଟ୍‌ୱର୍କରୁ ସୂଚନା ମିଳିଛି। ଏହି ତାପମାତ୍ରା ଭବିଷ୍ୟତରେ ମଧ ଜାରି ରହିବ ବୋଲି କୁହାଯାଇଛି। ଆଲାସ୍କା, ଗ୍ରୀନ୍‌ଲାଣ୍ଡ, ସାଇବେରିଆ, ସେଣ୍ଟ୍ରାଲ ଏସିଆ, ଇରାନ ଏବଂ ଆଣ୍ଟାର୍କଟିକାର ବିସ୍ତୃତ ଅଞ୍ଚଳର ତାପମାତ୍ରାର ହାରାହାରି ପରିମାପକକୁ ହିସାବକୁ ନେଇ ଏହା ଜଣାପଡିଥିବା କୋପରନିକସ୍ ରିପୋର୍ଟରୁ ଜଣାପଡିଛି। ସାଇବେରିଆ ଓ ଆଲାସ୍କାର ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ୧୦୦ ନିୟୁତ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ମିଶିଛି। ଏଥିଯୋଗୁ ପ୍ରତିଦିନ ଗ୍ରୀନ୍‌ଲାଣ୍ଡର କୋଟି କୋଟି ଟନ୍ ବରଫ ତରଳି ସମୁଦ୍ରରେ ମିଶୁଛି। ଆଫ୍ରିକା ଓ ଅଷ୍ଟ୍ରେଲିଆରେ ମଧ ହାରାହାରି ତାପମାତ୍ରା ବୃଦ୍ଧି ପାଇଛି। ୨୦୧୬ ଜୁଲାଇ ସବୁଠୁ ଉତ୍ତପ୍ତ ମାସ ରେକର୍ଡ କରାଯାଇଥିବାବେଳେ ୨୦୧୯ ଜୁଲାଇରେ ବିଶ୍ୱର ହାରାହାରି ତାପମାତ୍ରା ୦.୦୪ ଡିଗ୍ରୀ ସେଲସିୟସ୍ (୦.୦୭୨ ଫାରେନହାଇଟ୍) ବୃଦ୍ଧି ପାଇଛି।

# ମାନବ ସଭ୍ୟତାର କଳାଦିନ ହିରୋଶିମା ଦିବସ

ଟୋକିଓ,୫।୮



ପ୍ରତିବର୍ଷ ଅଗଷ୍ଟ ୬ରେ ହିରୋଶିମା ଦିବସ ପାଳନ କରାଯାଏ। ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ସହର ଉପରେ ଆମେରିକା ଆଣବିକ ବୋମା ନିକ୍ଷେପ କରିଥିଲା। ପ୍ରଥମ ଥର ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହି ବୋମା ବ୍ୟବହାର କରାଯାଇଥିଲା। ଏହାର ଠିକ୍ ୩ ଦିନ ପରେ ଜାପାନର ଅନ୍ୟତମ ସହର ନାଗାସାକୀ ଉପରେ ଆଉ ଏକ ଆଣବିକ ବୋମା ପକାଯାଇଥିଲା। ଲାଗ୍ ଲାଗ୍ ଦୁଇଥର ପରମାଣୁ ବୋମା ଆକ୍ରମଣ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟାଇଥିଲା। ଅଗଷ୍ଟ ୬କୁ ମାନବ ସଭ୍ୟତାର କଳାଦିବସ ଭାବେ ଅଭିହିତ କରାଯାଇଛି। ସେହି କରୁଣ ସ୍ମୃତିକୁ ଜାଗ୍ରତ ରଖିବା ପାଇଁ ପ୍ରତିବର୍ଷ ଜାପାନର ଆଇରେ ସ୍କୋୟାରରେ ଯୁଦ୍ଧ ବିରୋଧୀ ସଂଗଠନ ଗାଲୱେ ଆଲିଆନ୍ସ ଦ୍ୱାରା ବାର୍ଷିକ ଉତ୍ସବ ଆୟୋଜିତ ହେଉଛି। ଏଥିସହିତ ଦେଶଦେଶ ମଧରେ ଶାନ୍ତିପୂର୍ଣ୍ଣ ରାଜନୀତି ବଜାୟ ରଖିବା ପାଇଁ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି।

ଆମେରିକାର ବି-୨୯ ବୋମାବର୍ଷୀ ବିମାନରୁ 'ଲିଟିଲ ବଏ' ନାମକ ଯେଉଁ ପରମାଣୁ ବୋମା ହିରୋଶିମା ଉପରେ ନିକ୍ଷେପ ହୋଇଥିଲା, ଏହି ବିସ୍ଫୋରଣର ମାତ୍ରା ଏତେ ବ୍ୟାପକ ଥିଲା ଯେ, ସହରର ୯୦ ପ୍ରତିଶତ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଘଟଣାସ୍ଥଳରେ ହିଁ ୮୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୩୫,୦୦୦ ଲୋକ ବିକଳାଙ୍ଗ ହୋଇଯାଇଥିଲେ। ଆହତ ବ୍ୟକ୍ତିଙ୍କ ଉପରେ ପଡିଥିବା ମାରାତ୍ମକ ବିକିରଣ ପ୍ରଭାବରୁ ଏବେ ମଧ ସେଠାରେ ଜନ୍ମ ହେଉଥିବା ଶିଶୁମାନେ ବିକଳାଙ୍ଗ ହୋଇ ଜନ୍ମ ହେଉଛନ୍ତି।

ଅଗଷ୍ଟ ୯ରେ 'ଫ୍ୟାଟ ମ୍ୟାନ୍' ନାମକ ଆଉ ଏକ ପରମାଣୁ ବୋମା ଜାପାନର ନାଗାସାକୀ ସହର ଉପରେ ନିକ୍ଷେପ କରାଯାଇଥିଲା। ଫଳସ୍ୱରୂପ ଜାପାନ ସମ୍ରାଟ ହିରୋହିଟୋ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନିଃସର୍ତ୍ତ ଆତ୍ମସମର୍ପଣ ଘୋଷଣା କରିଥିଲେ। ସେବେଠାରୁ ଆଣବିକ ବୋମା ଆଉ କୌଣସି ଜନବସତି ଅଞ୍ଚଳରେ ନିକ୍ଷେପ କରାଯାଇ ନାହିଁ। ଏଥିପାଇଁ ଜାପାନ ଲୋକେ ଯେଉଁ ଅପୂରଣୀୟ କ୍ଷତି ସହିଥିଲେ ତାହା ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ।

## କରନ ଦେଓଲଙ୍କ ଫିଲ୍ମର ଟିଜର ରିଲିଜ

**ମୁମ୍ବାଇ:** ବଲିଉଡ୍ ଅଭିନେତାରୁ ରାଜନେତା ପାଲଟିଥିବା ସନି ଦେଓଲଙ୍କ ପୁତ୍ର କରନ ଦେଓଲଙ୍କ ଅଭିନୀତ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍'ର ଟିଜର ରିଲିଜ୍ ହୋଇଛି। ଏହା କରନଙ୍କର ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଏଥିରେ କରନଙ୍କ ସହ ଅଛନ୍ତି ସାହିର ବାମ୍ବା। ଉଭୟଙ୍କର ଏହା ଡେବ୍ୟୁ ଫିଲ୍ମ। ପୂର୍ବରୁ ଏହାର କିଛି ପୋଷ୍ଟର ସାମ୍ନାକୁ ଆସିଥିବା ବେଳେ ଏବେ ଏହାର ଟିଜର ଦେଖିବାକୁ ମିଳିଛି। ଏଥିରୁ ଅନୁମାନ କରାଯାଉଛି, କରନଙ୍କ ଅଭିନୟରେ ନିଶ୍ଚିତ ଭାବେ କିଛି ଯାଦୁ ଅଛି ଯାହା ଦର୍ଶକଙ୍କୁ ବାନ୍ଧି ରଖିବ। ସନିଙ୍କ ପରେ ଏବେ ଦର୍ଶକଙ୍କର ଭରସା ରହିଛି କରନ୍‌ଙ୍କ ଉପରେ। ସେ ନିଜ ପିତାଙ୍କ ଭଳି ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନର ଖୋରାକ ଯୋଗାଇବେ ବୋଲି ଆଶା କରାଯାଉଛି। ତେବେ ଫିଲ୍ମ 'ପଲ୍ ପଲ୍ ଦିଲ୍ କେ ପାସ୍' ଆସନ୍ତା ସେପ୍ଟେମ୍ବର ୨୦ରେ ରିଲିଜ୍ ହେବାର ଅଛି।




### PARADIP PORT TRUST
**CORRIGENDUM-III**

TO E-Tender Call Notice NO. EM/MM/PE/04/2019/1905TDR106 Dt. 30/05/2019 for Supply of Portable DG Set & Battery Charger. The due date of submission of Tender & opening of EMD Bid is hereby further extended as below. 1. Last Date of submission of tender up to **5.00 PM of Dt. 07/08/2019**. 2. Opening of EMD Bid at **3.30 PM of Dt. 09/08/2019**. All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the Undersigned.

Sd/- Sr. Dy. Material Manager

PPT/PR/247/19-20 Dt. 05.08.2019

### ODISHA HYDRO POWER CORPORATION LIMITED.
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R).FAX – 06861-232541, E mail- unit.head balimela@yahoo.com

**NOTICE INVITING TENDER NO:/BHEP/DE-III/ 22 /2019-20 DTD- 02.08.2019**

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl.No. | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | ANNUAL MAINTENANCE CONTRACT OF CIVIL WORKS OF RESIDENTIAL & NON RESIDENTIAL BUILDINGS OF BHEP, BALIMELA | 15,00,611/- | 15,100/- | 6000/- + GST @ 18% = 7080/- | 365 days |

Date & Time of availability of bid document in the portal: (From 11.00 Hrs of 05.08.2019 To 19.08.2019 (up to 16.00 Hrs)
Last date& Time for submission of bid: 19.08.2019 (Up to 16.00Hrs)
The date & Time of opening of the bid: 12.30P.M onwards of 21.08.2019 (Only Technical bid)

Further details can be seen from the e-procurement portal https://tendersodisha.gov.in

No. CAD-274:

04019/11/0028/1920 Unit Head, BHEP, Balimela

### DISTRICT EDUCATION OFFICE, KORAPUT
Phone No.06852-250305
E.Mail: ciofschoolskpt@gmail.com

**NOTIFICATION**

No.4125 Dated : 02.08.19

No.30-n :- The verification of documents and performance test of the candidates applied for the post of Contractual Jr. Clerk Cum Accountants in all Odisha Adarsha Vidyalayas of Koraput District in response to this office Advertisement No.2227/RMSA dtd.26.03.2016 is scheduled to be held on 19.08.2019 at District Project Office, Samagra Sikshya, Koraput near Collectorate at 09.00 A.M. The Provisional list of candidates shortlisted for the said purpose is published in the district website i.e. www.koraput.nic.in for information of all concerned.

Sd./-
District Education Officer
Koraput

27043/11/0003/1920

### idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-944/04/2013-14/13328 Dated: 01.08.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, installation, testing and commissioning of Audio Video system for 1st floor (Conference hall) and 6th floor (Auditorium hall) of Aranya Bhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding: From | To |
|---|---|---|---|
| 1 | 2 | 3 | 4 |
| CGM (P&C), IDCO, IDCO Towers, Janpath, Bhubaneswar | Bid ID. No. P&C/ EST-E-09/2019-20 | 12.00 Hours of Dt. 09.08.2019 | 17.00 Hours of Dt.24.08.2019 |

Further details can be seen from the e-Procurement Portal www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO Website.

Sd/-
Chief General Manager (P&C)
IDCO, Bhubaneswar

### ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ଶିକ୍ଷା ଅଧିକାର-ସମଗ୍ର ଶିକ୍ଷା, ନବରଙ୍ଗପୁର

ନଂ.୧୩୨୬/୧୯ ତା ୦୩।୦୮।୨୦୧୯

ଏତଦ୍ୱାରା ସମସ୍ତ ପିତାମାତା ଓ ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ସମସ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାଳକ ବାଳିକାଙ୍କପାଇଁ ଉଦ୍ଦିଷ୍ଟ ଦୁଇ ହଳ ପୋଷାକ ଏବଂ ଗୋଟିଏ ହଳ ଜୋତା ବାବଦରେ ମୋଟ ପ୍ରତି ପିଲାପିଛା ଟ.୬୦୦/-(ଛଅ ଶହ ଟଙ୍କା) ହିସାବରେ ଉକ୍ତ ବିଦ୍ୟାଳୟମାନଙ୍କରେ ବିଦ୍ୟାଳୟ ପରିଚାଳନା କମିଟିଙ୍କ ବ୍ୟାଙ୍କ ଖାତାରେ ଟଙ୍କାରାଶି ଜମା ହୋଇଅଛି। ସରକାରଙ୍କ ଶିକ୍ଷା ଅଧିକାର ଆଇନ ଅନୁସାରେ ୦୬ ରୁ ୧୪ ବର୍ଷର ସମସ୍ତ ବାଳକ ବାଳିକା ବିଦ୍ୟାଳୟରେ ପାଠପଢିବା, ମାଗଣାରେ ପାଠ୍ୟପୁସ୍ତକ, ମଧ୍ୟାହ୍ନ ଭୋଜନ, ଶୈକ୍ଷିକ ସାମଗ୍ରୀ ଏବଂ ଦୁଇ ହଳ ପୋଷାକ ଯୋଗାଇଦିଆଯାଉଥିବା ବେଳେ କିଛି କ୍ଷେତ୍ରରେ ପିଲାମାନଙ୍କର ବିଦ୍ୟାଳୟରେ ଅନୁପସ୍ଥିତି ଏକ କ୍ଷୋଭର କାରଣ। ଏହି ମାଧ୍ୟମରେ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଆପଣମାନଙ୍କର ସମସ୍ତ ୦୬-୧୪ ବର୍ଷର ସମସ୍ତ ବାଳକ ବାଳିକାଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ପଠାଇବା, ବିଦ୍ୟାଳୟର ପରିଚାଳନା କମିଟିକୁ ସହଯୋଗ କରିବା ଏବଂ ଜିଲ୍ଲାରେ ସମସ୍ତ ଶିଶୁ ଗୁଣାତ୍ମକ ଶିକ୍ଷାଗ୍ରହଣ କରିବା ଦିଗରେ ଦାୟିତ୍ୱବୋଧ ନୋବା ଏବଂ ଶିକ୍ଷା ବିଭାଗକୁ ସହଯୋଗ କରିବା ଏକାନ୍ତ କାମ୍ୟ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ଶିକ୍ଷା ଅଧିକାର-ସମଗ୍ର ଶିକ୍ଷା, ନବରଙ୍ଗପୁର

### TENDER CALL NOTICE

No.190-E :- Sealed tenders are invited from the reputed registered Manufacturers/Authorized Distributors / Dealers / for supply of Lab items to College of Nursing, SCB Medical College Hospital Cuttack. The detailed of tender papers alongwith terms and conditions can be obtained from Central Store Section, Office of the Superintendent SCB Medical College Hospital, Cuttack during office hours from 11 AM to 4 PM on all working days on payment of Rs.500/- (Rupees Five hundred ) only in the Accounts Section and also obtained from website i.e. **http://www.scbmch.nic.in** from Dt 07.08.19 to 28.08.19 .The tender paper should be reached in the office of the undersigned through Speed Post / Regd. Post only. The authority reserves the right to cancel or reject any or all the tenders without assigning any reason thereof.

Sd./- Superintendent
SCB Medical College Hospital
Cuttack

10011/11/0008/1920

### OFFICE OF THE NOTIFIED AREA COUNCIL, KHARIAR ROAD
e-mail nackhrd@rediffmail.com
Phone- 06678-221239

No.2551 Dt: 03.08.19

**NOTICE INVITING EXPRESSION OF INTEREST (EOI)**

Expression of interest (EOI) invited from reputed firms / Technical Institution / Specified experts for field survey, suitable feasibility test, Soil bearing capacity, study of required data as per OPWD and related guideline governing stipulation for preparation of the Detailed Project Report(DPR) including plan, site map, detailed drawing, structural design, estimate in respect of construction of Model crematorium & smart park to be executed in Notified Area Council, Khariar Road. Dist.-Nuapada, Pin-766104, Odisha through Regd. Post / Speed Post only on or before dt.26.08.2019 by 4.00 P.M. The bid documents are to be downloaded from the official website of Nuapada District i.e. **www.nuapada.nic.in** from dt.05.08.2019 to 20.08.2019 up to 5.00 P.M.

The bid will be opened on dt.27.08.2019 at 3.30 P.M. in presence of the bidders or their authorized representative. The Undersigned reserves the right to accept or reject any or all tender without assigning any reason thereof.

Sd./- Executive Officer
NAC, Khariar Road

### DISTRICT EDUCATION OFFICE, KORAPUT
At- Paraja Street, Po/Dist.- Koraput
Phone No.06852-250305 E.Mail.ID- ciofschoolskpt@gmail.com

**TENDER CALL NOTICE**

No.4099 /OAV Date : 01.08.2019

No.31-n :- Sealed tenders in plain paper are invited from the intending reputed registered Firms / Suppliers / EP & M Rate Contract Holders for supply of different items / articles for 14 number of Odisha Adarsha Vidyalayas of Koraput District. The interested bidders / EP & M Rate Contract Holders may submit their tender documents complete in all respect alongwith EMD, non-refundable tender paper cost and their requisite documents on or before 20. 08. 2019 up to 5 P.M. addressing to the District Education Officer, Koraput, At- Paraja Street, Po/Dist. Koraput, PIN-764020 by Registered post / Speed post only. The tender paper shall be opened on 21. 08. 2019 at 02.30 P.M. The other details like terms and conditions, general instruction for bidders etc. is available in the website **www.koraput.nic.in**

By Order of Collector, Koraput
Sd./- District Education Officer
Koraput

27043/11/0004/1920

### OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
E-mail ID: cebuildings_orissa@yahoo.co.in
cebuildings@rediffmail.com, Tel. -(0674)- 2391523
No.93-B Fax:- (0674)-2395245

File No-B-IV-H-ALMC- 03/2019, Lr. No.- 32917 / Bhubaneswar, the 5th Aug. 2019

Invitation for Bids

**Bid Identification No. CE (B) – 04 / 2019-20**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building works |
| 3. | No. of work | : | 01 No. |
| 4. | Bid Cost. | : | Rs.10,000/- (each) |
| 5. | Class of Contractor | : | Super Class/Special Class (As applicable) |
| 6. | Availability of Bid Documents in the website | : | From dt.09.08.2019 to 17.00 Hours of dt.27.08.2019 |
| 7. | Date of Opening of Bid | : | Dt. 30.08.2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer (Buildings)
Odisha, Bhubaneswar

34117/11/0014/1920

See Career Appointment on every Wednesday & Saturday

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆଗାଁ

ପତ୍ର ସଂଖ୍ୟା: ୧୬୬୩ **ବିଜ୍ଞାପନ** ତାରିଖ: ୦୨।୦୮।୨୦୧୯

ଏତଦ୍ୱାରା ନୂଆଗାଁ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଇନ୍ଦିରା ଆବାସ ଓ ମୋ କୁଡ଼ିଆରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା (Social Audit) ଓସାଟ୍ (OSSAAT) ଟିମ୍ ଦ୍ୱାରା ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗ୍ରାମପଞ୍ଚାୟତ ଜବ୍‌କାର୍ଡ଼ଧାରୀ ଶ୍ରମିକମାନେ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରାଗଲା। ସମ୍ପୃକ୍ତ ଗ୍ରାମପଞ୍ଚାୟତର ଗ୍ରାମ୍ୟ ସାଧନ କର୍ମୀମାନେ ଡେଙ୍ଗୁରା ଓ ନୋଟିସ୍ ମାଧମରେ ଉପରୋକ୍ତ ବିଷୟରେ ବହୁଳ ପ୍ରଚାର କରିବା ନିମନ୍ତେ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି.ଆର୍.ଏସ୍. (G.R.S.), ଗ୍ରାମସାଥୀ (Mate), ଗ୍ରାମ ସାଧନ କର୍ମୀମାନେ (VRP), ପଞ୍ଚାୟତ ସାମାଜିକ ସମୀକ୍ଷକ (BSA) ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ (DSA) ଉପସ୍ଥିତ ରହି ସମସ୍ତ ରେକର୍ଡ଼ ଉପସ୍ଥାପନ କରାଇବେ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ଟିମ୍ ନଂ. | ସାମାଜିକ ସମୀକ୍ଷକ ଅବଧି ଆରମ୍ଭ ତାରିଖ | ସାମାଜିକ ସମୀକ୍ଷକ ଅବଧି ଶେଷ ତାରିଖ | ସାମାଜିକ ସମୀକ୍ଷକ ଅବଧି ଆରମ୍ଭ ତାରିଖ | ସାମାଜିକ ସମୀକ୍ଷକ ଅବଧି ଶେଷ ତାରିଖ | ପଞ୍ଚାୟତସ୍ତରୀୟ ଜନ ଶୁଣାଣି ସାମାଜିକ ସମୀକ୍ଷା |
|---|---|---|---|---|---|---|---|
| ୧ | ଶିଙ୍ଗାରପଲ୍ଲୀ | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୨ | ବାହାଡ଼ାଝୋଲା | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୩ | ମଳିସାହି | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୪ | ଦୁରୁଦୁରା | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୫ | ଉଦୟପୁର | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୬ | ମହିପୁର | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୭ | ବେରୁଆଁବାରି | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୮ | ଚାହାଳି | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୩୦।୦୮।୧୯ |
| ୯ | ସିକ୍ରୀଡ଼ା | ୧ | ୨୦।୦୮।୧୯ | ୨୩।୦୮।୧୯ | ୨୪।୦୮।୧୯ | ୦୨।୦୯।୧୯ | ୦୪।୦୯।୧୯ |
| ୧୦ | କାପ୍ତାପଲ୍ଲୀ | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୧ | ମାଇଛେଳି | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୨ | ସୋରଡ଼ା | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୩ | ହରିପୁର | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୪ | ନୂଆଗାଁ | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୫ | ପରାଡ଼ିପି | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୬ | କୋରଡ଼ା | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୭ | ଗାଡେରି | ୨ | ୦୬।୦୯।୧୯ | ୦୯।୦୯।୧୯ | ୧୦।୦୯।୧୯ | ୧୯।୦୯।୧୯ | ୨୦।୦୯।୧୯ |
| ୧୮ | ବଡ଼ଗୋଠ | ୩ | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ |
| ୧୯ | ଗୁମୀ | ୩ | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ |
| ୨୦ | ଜାକେଡ଼ା | ୩ | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ |
| ୨୧ | ଢେଙ୍କେଣା | ୩ | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ |
| ୨୨ | ଖଣ୍ଡୁଗାଁ | ୩ | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ |

ଉକ୍ତ ବୈଠକରେ ମଷ୍ଟରରୋଲରେ ଦର୍ଶିତ ଜବ୍‌କାର୍ଡ଼ଧାରୀ ପ୍ରକୃତରେ ଅଣକୁଶଳୀ ଶ୍ରମିକ କି ନୁହେଁ, ସେ ସେହି କାର୍ଯ୍ୟ କରିଛନ୍ତି କି ନାହିଁ, ସେଥିରେ ଦର୍ଶାଯାଇଥିବା ପ୍ରାପ୍ୟର ପରିମାଣ, କାର୍ଯ୍ୟ ଦିବସ ଅନୁସାରେ ଦେୟ ଠିକ୍ ଭାବରେ ପଇଠ ହୋଇଛି କି ନାହିଁ ଓ ତଦ୍‌ନୁଯାୟୀ ସମପରିମାଣର କାମ ହୋଇଛି କି ନାହିଁ ଇତ୍ୟାଦି ଆଲୋଚନା କରିବା ସହ ମଷ୍ଟରରୋଲର ବାସ୍ତବ ବିଷୟରେ ମଧ ଆଲୋଚନା କରାଯିବ।

ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ, ନୂଆଗାଁ

### OFFICE OF THE COLLECTOR & DISTRICT MAGISTRATE, KEONJHAR
(ST & SC DEVELOPMENT DEPARTMENT)

**TENDER CALL NOTICE (SCHOOL UNIFORM)**

No.2090 / Wel. Dt. 05.08.2019

Sealed tenders in the prescribed tender paper are invited from the authorized dealer / Distributor / specific manufactures / Wholesale cooperative stores/ WSHG for supply of School Uniform (both for Boys (Blue full pant/ half sleeve white shirt) & Girls' (White Salwar/ Blue Kameez/ White Duppata)), Belt, Badge, Black School Shoes with Socks (Reputed Brand) for ST & SC students reading in Class- IX to XII in the ST & SC Development Department Schools of Keonjhar District. The Tender is to be receive through Registered Post / Speed post only with subscription of items to be supplied on the head of envelope on or before 26.08.2019 at 5.00 PM in the office of the District Welfare Officer, Keonjhar which will be opened on 27.8.2019 at 4.00 PM in the DRDA Conference Hall, Keonjhar. The rate should be inclusive of all taxes and transportation cost to the school point. The details of subject of Notice are available in the District Website, Keonjhar **www.keonjhar.nic.in**

| | | |
|---|---|---|
| Last date and time of sale of tender paper | - | 26.08.2019 1.00 P.M. |
| Last date and time of receipt | - | 26.08.2019 5.00 P.M. |
| Date and time of opening of tender paper | - | 27.08.2019 4.00 P.M. |

By Order of Collector, Keonjhar
Sd./- District Welfare Officer, Keonjhar

### ODISHA HYDRO POWER CORPORATION LIMITED.
No.CAD-273

BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R).FAX – 06861-232541.
E mail- <unit.head_balimela@yahoo.com>

**NOTICE INVITING TENDER NO:/BHEP/ DE-III/ 23 /2019-20,DTD- 03.08. 2019**

Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with central Government/ Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Sl.No | Name of Work | Estimated cost in Rs. | EMD in Rs. | Cost of bid documents in Rs. | Period of Completion |
|---|---|---|---|---|---|
| 1 | Water proofing treatment of valve house roof, power house lower roof &switchyard control room building roof, BHEP, Balimela | 30,93,795.33 | 30,940/- | 6000/-+GST @18%=7080/- | 90days |

Date & Time of availability of bid document in the portal: From 11.00 Hrs of 05.08.2019 to 21.08.2019 (up to 16.00 Hrs)
Last date & time of submission of tender: 21.08.2019 (up to 16.00 Hrs)
The date & Time of opening of the bid: 11.30 Hrs onwards of 24.08.2019 (Only Technical bid)

Further details can be seen from the e-procurement portal https://tendersodisha.gov.in Sd./- Unit Head, BHEP, Balimela

04019/11/0027/1920

### OFFICE OF THE CHIEF DISTIRICT MEDICAL & PUBLIC HEALTH OFFICER, KALAHANDI
INVITATIONS FOR BIDS (IFB)
**Identification No.- 01/ 2019-2020 of CDM & PHO Kalahandi.**

No. 187-E

The Chief Distirict Medical and Public Health Officer, Kalahandi Bhawanipatna invites percentage rate bids for the construction of works detailed in the table from eligible Class of Contractors registered with the State Government and the Contractors of equivalent Grade/Class registered with the Central Government / MES / Railways for execution of civil works. The bidders may submit bids for any or all the following works.

| Sl. No. | Name of the works | Amount Put to tender ( in Rs. approximately) | Bid Security (in Rs.) | Cost of documents (in Rs.) | Class of Contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Maa gruha at CHC,Biswanathpur | 2165527.00 | 21655.00 | 6,000.00 | "C & B" | 06 (Six) calendar months |
| 2 | Construction of Maa gruha at Saisurni | 2157145.00 | 21571.00 | 6000.00 | "C & B" | 06 (Six) calendar months |
| 3 | Construction of Maa gruha at CHC,Parla | 2180435.00 | 21804.00 | 6,000.00 | "C & B" | 06 (Six) calendar months |
| 4 | Construction of Maa gruha at CHC,Chapuria | 2180319.00 | 21803.00 | 6,000.00 | "C & B" | 06 (Six) calendar months |
| 5 | Construction of boundary wall and Cow cather at SDH,Dharamagarh | 708018.00 | 7080.00 | 4000.00 | "D & C" | 01(one) calendar months |

1. The Tender Paper consisting specifications, the schedule of quantities and the set of Terms and Conditions of contract and other necessary documents will be available in the Website http://Kalahandi.nic.in from 04/08/2019 to 13/8/2019 at 1.00 PM and can be downloaded from the Website.

10076/11/0005/1920 Sd./- CDM & PHO Kalahandi.

### ପୌର ପରିଷଦ କାର୍ଯ୍ୟାଳୟ, ଗୁଣପୁର

ପତ୍ର ସଂଖ୍ୟା: ୧୧୩୯/ ୨୦୧୯ ତା୦୫।୦୮।୧୯

**ନିଲାମ ଇସ୍ତାହାର**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗୁଣପୁର ପୌର ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ପରିଷଦ ସମ୍ପତ୍ତି ପାନ୍ଥ ଆଦାୟ ନିମନ୍ତେ ନିଲାମ କରାଯିବ। ସମସ୍ତ ପାନ୍ଥର ନିବିଦାପତ୍ର ତା୦୬।୦୮।୨୦୧୯ଠାରୁ ୧୪।୦୮।୨୦୧୯ରିଖ ଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ବିକ୍ରି କରାଯିବ। ଯେଉଁ ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନପ୍ରକାରେ ନିବିଦାପତ୍ର ଟଙ୍କା ଓ ଅମାନତ ଟଙ୍କା (ଅଫିସ ରସିଦ କିମ୍ବା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ, ଯାହା ଗୁଣପୁରରେ ପୈଠ ହେଉଥିବ) ସହିତ ଜଉମୁଦ ଲଫାପାରେ ପୌର ପରିଷଦ କାର୍ଯ୍ୟାଳୟରେ ତା୧୬।୦୮।୨୦୧୯ରିଖ ଦିନ ଘ.୧.୦୦ ସମୟ ମଧରେ ପୈଠ କରିବେ ଏବଂ ସେହିଦିନ ୪.୦୦ ଘଟିକା ସମୟରେ ପରିଷଦ କାର୍ଯ୍ୟାଳୟରେ ଖୋଲାଯିବ। ଯେଉଁ ବ୍ୟକ୍ତି ସର୍ବୋଚ୍ଚ ଟଙ୍କା ଡାକିଥିବେ ତାଙ୍କ ନାମରେ ନିଲାମ ସ୍ଥିର ହେବ। ଅନ୍ୟମାନଙ୍କ ଅମାନତ ଟଙ୍କା ୧୫ ଦିନ ଭିତରେ ଫେରସ୍ତ କରାଯିବ।

**ସମ୍ପତ୍ତିର ବିବରଣୀ-**

| | | ନିବିଦାପତ୍ର ଟଙ୍କା | ଅମାନତ ଟଙ୍କା | ପରିଷଦ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| ୧. | ଦୈନିକ ବଜାର ପାନ୍ଥ (ଏକ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୧୨୦୦୦୦.୦୦ | ଟ. ୪,୦୦,୦୦୦.୦୦ |
| ୨. | ପାର୍କିଂ ଫି (ଏକ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୭୫୦୦୦.୦୦ | ଟ. ୨,୫୦,୦୦୦.୦୦ |
| ୩. | କପିଳପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |
| ୪. | ପୁରୁଣା ଗୁଣପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |
| ୫. | ବିକ୍ରମପୁର ପୋଖରୀ (ଦୁଇ ବର୍ଷ ପାଇଁ) | ଟ.୫୦୦.୦୦ | ଟ. ୫୦୦୦.୦୦ | ଟ. ୩୮,୫୦୦.୦୦ |

ପ୍ରକାଶଥାଉ କି ନିଲାମର ସର୍ବୋଚ୍ଚ ଡାକଧାରୀ ବ୍ୟକ୍ତି ଯାହାଙ୍କ ନାମରେ ନିଲାମ ସ୍ଥିରୀକୃତ ହେବ ସେ ସର୍ବୋଚ୍ଚ ଡାକର ୫୦ ପ୍ରତିଶତ ଅର୍ଥ ଏକାଥରକେ ନିଲାମ ଦିନର ୭ ଦିନ ମଧରେ ପରିଷଦରେ ପୈଠ କରିବେ। ବଳକା ଅର୍ଥ ୨ ମାସ ମଧରେ ପୈଠ କରିବେ। ଏଥିରେ ଖିଲାପ କରିଲେ ପରିଷଦ ନିଲାମ ରଦ୍ଦ କରିବା ପାଇଁ ବାଧ ହେବେ ଏବଂ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଗୁଣପୁର

### OFFICE OF THE COLLECTOR & DISTRICT MAGISTRATE, ANGUL
(ST & SC Development Section)
Ph/Fax: 06764-231173, E-mail: angdwo@gmail.com

**Tender Call Notice No: 1414**
**Dated: 02.08.19**
**Tender for Selection of Service Provider**

Tender are hereby invited from reputed Recruitment Agencies for Selection of HR Service Providers for hiring manpower under ANWESHA- An Urban Education Programme for ST/SC children being implemented by ST & SC Development Department, Govt. of Odisha.

The tender document can be obtained during office hours from the Office of the District Welfare Officer, Angul or can be downloaded from the Website www.angul.nic.in commencing **01.08.2019 11.00 AM IST.** The last date and time for submission of bid-document is **30.08.2019 04.00 PM IST.**

For eligibility criteria, scope of work, timeline and other relevant details please refer the Tender Documents.

Sd./- Collector, Angul

**Important Dates**

| Sl. No. | Particular | Date |
|---|---|---|
| 1 | Issuance of Tender Documents | 01.08.2019 |
| 2 | Last Date & Time for receipt Bid (Regd & Speed Post only) | 30.08.2019 |
| 3 | Technical Bid Opening | 31.08.2019 |
| 4 | Financial Bid Opening | 31.08.2019 |

ସିଙ୍କ୍‌ର ଉପଯୁକ୍ତ ଯତ୍ନ ନ ନେଲେ ସେଥିରେ ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ ଜମା ହୋଇ ଦୁର୍ଗନ୍ଧ ସୃଷ୍ଟି ହୋଇଥାଏ। ତେବେ ଏହାକୁ ଦୂର କରିବାକୁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...



# ସିଙ୍କ୍ ସଫା କରିବାର ସରଳ ଉପାୟ

**ନ୍ୟାପ୍‌ଥାଲିନ୍ ଗୋଳି :** ଦୁର୍ଗନ୍ଧ ଦୂର କରିବାକୁ ହେଲେ ଏହା ଭଲ କାମ ଦେଇଥାଏ। ଆପଣ ସବୁବେଳେ ସିଙ୍କରେ ନ୍ୟାପ୍‌ଥାଲିନ୍ ଗୋଟିଏ ଗୋଳି ପକାନ୍ତୁ। ଏହାଫଳରେ ଏପରି କେବେ ଦୁର୍ଗନ୍ଧ ହେବନି।

**ସିର୍କା :** ଆପଣ ଚାହିଁଲେ ସିର୍କାର ବ୍ୟବହାର କରିପାରିବେ। ସିଙ୍କରେ ସିର୍କା ପକାଇ ଛାଡି ଦିଅନ୍ତୁ। ପରେ ସ୍କ୍ରବ୍ ଓ ପାଣି ସାହାଯ୍ୟରେ ରଗଡ଼ି ଭଲଭାବେ ସଫା କରନ୍ତୁ। ଏହାଦ୍ୱାରା ସିଙ୍କ ସଫା ହୋଇଯିବ ଓ ଦୁର୍ଗନ୍ଧ ହେବନି। ସିଙ୍କ ଉପରେ ହ୍ୱାଇଟ୍ ସ୍ପଟ୍ ପଡ଼ିଥାଏ। ଏହା ମଧ୍ୟ ଦୂର ହୋଇଥାଏ।

**ବେକିଂ ସୋଡା :** ଷ୍ଟେନଲେସ୍ ଷ୍ଟିଲ ସିଙ୍କ୍‌କୁ ସଫା କରିବା ପାଇଁ ବେକିଂ ସୋଡାର ବ୍ୟବହାର କରନ୍ତୁ। ଏହାଦ୍ୱାରା ଦୁର୍ଗନ୍ଧ ଦୂର ହେବା ସହ ଏହାର ଚମକ ବଜାୟ ରହିଥାଏ। ଏଥିପାଇଁ ଆବଶ୍ୟକ ମୁତାବକ ବେକିଂ ସୋଡାକୁ ସିଙ୍କ୍‌ରେ ଛିଞ୍ଚି ଦିଅନ୍ତୁ। ପାଞ୍ଚମିନିଟ୍ ପରେ ସ୍କ୍ରବ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ।

**କମଳାଚୋପା :** ସିଙ୍କକୁ ଦୁର୍ଗନ୍ଧମୁକ୍ତ କରିବାକୁ ହେଲେ କମଳା ଚୋପା ସାହାଯ୍ୟରେ ଏହାକୁ ରଗଡ଼ନ୍ତୁ। ପୁଣି ଉଷୁମ ପାଣିରେ ସିଙ୍କକୁ ସଫା କରନ୍ତୁ। ଏହାଦ୍ୱାରା ସିଙ୍କ ଦୁର୍ଗନ୍ଧ ଦୂର ହେବ।



ଡା. ସସ୍ମିତା ନାୟକ

"ଯେତେବେଳେ ଥାଇରଏଡ୍ ଗ୍ରନ୍ଥିରୁ ଯଥେଷ୍ଟ ପରିମାଣର ହରମୋନ୍ ଉତ୍ପନ୍ନ ହୋଇ ନ ଥାଏ ସେତେବେଳେ ଏହା ଓଭ୍ୟୁଲେଶନ ସମୟରେ ଡିମ୍ବାଶୟରୁ ଡିମ୍ବାଣୁର ନିଷ୍କାସନ ଏବଂ ପ୍ରଜନନତାକୁ ହ୍ରାସ କରାଇଥାଏ। ସାଧାରଣ ଲକ୍ଷଣ ଯାହାକି ଆପଣଙ୍କର ହାଇପୋଥାଇରୋଡିଜିମ୍ ଗୁଡ଼ିକ ଅବସନ୍ନତା କିମ୍ବା ଶକ୍ତିର ଅଭାବ, ଶୁଖିଲା, ଖଦଡ଼ା ଚମଡ଼ା ଏବଂ କେଶ, ଥଣ୍ଡା ପାଣିପାଗରେ ସମ୍ବେଦନଶୀଳତା, ଅଧିକ କିମ୍ବା ଅନିୟମିତ ଋତୁସ୍ରାବ ଆଦି ଦେଖାଯାଇଥାଏ।"

# ଗର୍ଭାବସ୍ଥାରେ ସମସ୍ୟା ଓ ଥାଇରଏଡ୍



ଆଜିକାଲି ମହିଳାଙ୍କଠାରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ମଧ୍ୟରେ ଥାଇରଏଡ୍ ଅନ୍ୟତମ। ଏପରି ସମସ୍ୟା ପ୍ରତି ସଚେତନ ନ ରହିଲେ ତାହା ପରବର୍ତ୍ତୀ ସମୟରେ ଜଟିଳ ଆକାର ଧାରଣ କରିଥାଏ ଏବଂ ସେଥିପାଇଁ ଦୀର୍ଘକାଳୀନ ଚିକିତ୍ସା ଅନୁସରଣ କରିବାକୁ ପଡ଼େ। ଥାଇରଏଡ୍ ସମ୍ବନ୍ଧିତ କେତେକ ଛୋଟ ଅସୁବିଧା ପରବର୍ତ୍ତୀ ସମୟରେ ସାଂଘାତିକ ରୋଗ ଯେପରିକି ଓଜନ ବୃଦ୍ଧି, ଗ୍ରେଭସ ରୋଗ, ଓଜନ ହ୍ରାସ ଏପରି କି ଥାଇରଏଡ୍ କର୍କଟ ହେବାରେ ମଧ୍ୟ ଆଶଙ୍କା ରହିଥାଏ। ଅଧିକାଂଶ ସାଧାରଣ ଥାଇରଏଡ୍ ଅସୁବିଧା ମଧ୍ୟରେ ଥାଇରଏଡ୍ ହର୍ମୋନର ଅସାଧାରଣ ଉତ୍ପତ୍ତି ହୋଇଥାଏ। ଅଧିକ ମାତ୍ରାର ଥାଇରଏଡ୍ ହର୍ମୋନର ଉତ୍ପନ୍ନ ହେଲେ ତାହା ହାଇପୋଥାଇରୋଡିଜିମ୍‌ର କାରଣ ସାଜିଥାଏ। ଯଦିଓ ଏହାର ପ୍ରଭାବ ଅସୁବିଧା ଏବଂ ଅସୁଖକର ହୋଇପାରେ, ଅଧିକାଂଶ ଥାଇରଏଡ୍ ସମସ୍ୟାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଉପଶମ ମିଳିଥାଏ।



**ହାଇପୋଥାଇରୋଡିଜିମ୍**

ହାଇପୋଥାଇରୋଡିଜିମ୍ ହେଉଛି ପ୍ରଜନନତା କ୍ଷେତ୍ରରେ ଏକ ସାଧାରଣ ଘଟଣା ଏବଂ ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗର୍ଭପାତ ଦେଖାଯାଇଥାଏ। କମ୍ ଥାଇରଏଡ୍ ପ୍ରଭାବ ମହିଳାଙ୍କଠାରେ ପ୍ରଜନନ କ୍ଷେତ୍ରରେ ପ୍ରତ୍ୟକ୍ଷଭାବରେ ନକାରାତ୍ମକ ରୂପେ ପ୍ରଭାବ ପକାଇପାରେ। ଯେତେବେଳେ ଥାଇରଏଡ୍ ଗ୍ରନ୍ଥିରୁ ଯଥେଷ୍ଟ ପରିମାଣର ହର୍ମୋନ ଉତ୍ପନ୍ନ ହୋଇ ନ ଥାଏ ସେତେବେଳେ ଏହା ଓଭ୍ୟୁଲେଶନ ସମୟରେ ଡିମ୍ବାଶୟରୁ ଡିମ୍ବାଣୁର ନିଷ୍କାସନ ଏବଂ ପ୍ରଜନନତାକୁ ହ୍ରାସ କରାଇଥାଏ। ସାଧାରଣ ଲକ୍ଷଣ ଯାହାକି, ଆପଣଙ୍କର ହାଇପୋଥାଇରୋଡ଼ିଜିମ୍ ଗୁଡ଼ିକ ଅବସନ୍ନତା କିମ୍ବା ଶକ୍ତିର ଅଭାବ, ଶୁଖିଲା, ଖଦଡ଼ା ଚମଡ଼ା ଏବଂ କେଶ, ଥଣ୍ଡା ପାଣିପାଗରେ ସମ୍ବେଦନଶୀଳତା, ଅଧିକ କିମ୍ବା ଅନିୟମିତ ଋତୁସ୍ରାବ ଆଦି ଦେଖାଯାଇଥାଏ। ପଫି ଟିସ୍ୟୁ, ଅବର୍ଣ୍ଣନୀୟ ଓଜନ ବୃଦ୍ଧି, ମାନସିକ ଅବସାଦ, ମାଂସପେଶୀରେ ଯନ୍ତ୍ରଣାଦାୟକ କୁଞ୍ଚନ, ମାଂସପେଶୀରେ ଯନ୍ତ୍ରଣା ଏବଂ ଟେଣ୍ଡରନେଓ, ସାଧାରଣ ହୃତସ୍ପନ୍ଦନ ହାରଠାରୁ କମ୍, କୋଷ୍ଠକାଠିନ୍ୟ, ବନ୍ଧ୍ୟାତ୍ୱ, ମାନସିକ ଆଳସ୍ୟ, ଗଳଗଣ୍ଡ ରୋଗ (ଥାଇରଏଡ୍‌ରେ ଅସନ୍ତୁଳନତା, ଆଡ଼ାମ ଆପଲର ତଳେ ଅବସ୍ଥିତ) ଏବଂ ଲିବିଡ଼ୋକୁ ହ୍ରାସ କରିଥାଏ।

**ଗର୍ଭାବସ୍ଥା ସମୟରେ କ'ଣ କରିବା ଆବଶ୍ୟକ:** ଗର୍ଭାବସ୍ଥା ସମୟରେ ଥାଇରଏଡ୍ ଅନିୟମିତତା ହେଉଛି ଅତି ସାଧାରଣ। ୨୫%ରୁ ଅଧିକ ମହିଳାମାନଙ୍କ କ୍ଷେତ୍ରରେ ୬ଷ୍ଠ ସପ୍ତାହ ସମୟରେ ହାଇପୋଥାଇରୋଡ଼ିଜିମ୍ ବୃଦ୍ଧି ପାଇଥାଏ। ପ୍ଲେସମେଣ୍ଟାଲ ଏବଂ ଫେଟାଲ ବୃଦ୍ଧି ପାଇଁ ଥାଇରଏଡ ହର୍ମୋନ୍ ନିର୍ଗମନ ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଉଭୟ ମା' ଏବଂ ଗର୍ଭସ୍ଥ ଶିଶୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗର୍ଭାବସ୍ଥା ସମୟରେ ମୁକ୍ତ ସ୍ତର ୫୦% ପର୍ଯ୍ୟନ୍ତ ବୃଦ୍ଧି ଆବଶ୍ୟକ କରିଥାଏ। ଯେତେବେଳେ ମା'ର ଶରୀର ଆବଶ୍ୟକତା ଅନୁସାରେ ଯଥେଷ୍ଟ ପରିମାଣର ଗୋପନୀୟତାଭାବେ ହ୍ରାସ ପାଇଥାଏ, ଗର୍ଭପାତ, ସମୟ ପୂର୍ବରୁ ଶିଶୁ ଜନ୍ମ, କମ୍ ଓଜନ ବିଶିଷ୍ଟ ନବଜାତକ ଏବଂ ପ୍ରସବ ପରବର୍ତ୍ତୀ ଅସୁବିଧା ଆଶଙ୍କା ବୃଦ୍ଧି ପାଇଥାଏ।



ଓଭାରିଆନ ଏବଂ ଥାଇରଏଡ୍ ହର୍ମୋନ ମଧ୍ୟରେ ଏକ ନକାରାତ୍ମକ ପ୍ରଭାବ ରହିଛି, ଯାହାକି ଡିମ୍ବର ବିକାଶ ପାଇଁ ଆବଶ୍ୟକ ହୋଇଥାଏ ଏବଂ ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନ୍‌ର ଉତ୍ପନ୍ନ ସମ୍ପର୍କିତ ହୋଇଥାଏ। ହାଇପୋଥାଲାମସ୍, ପିଟ୍ୟୁଟାରୀ, ଥାଇରଏଡ୍, ଓଭାରି ଏବଂ ଆଡ୍ରେନାଲସ – ଏହି ସମସ୍ତ ଗ୍ରନ୍ଥିଗୁଡ଼ିକ ନିଜ ନିଜ ଭିତରେ ଯୋଡ଼ି ହୋଇରହିଛି ଏକ ସ୍ପାଇଡ଼ର ୱେବ ସଦୃଶ। ଯେତେବେଳେ ୱେବର ଗୋଟିଏ ପାର୍ଶ୍ୱରେ ଅସନ୍ତୁଳନତା ଦେଖାଯାଇଥାଏ ଏହା ସେତେବେଳେ ଅନ୍ୟ ଗ୍ରନ୍ଥି ଏବଂ ସିଷ୍ଟମଗୁଡ଼ିକରେ ଥିବା ହର୍ମୋନ୍ ଉପରେ ପ୍ରଭାବ ପକାଇଥାଏ। ଗର୍ଭଧାରଣ ପୂର୍ବରୁ ଜଣେ ମହିଳା ହାଇପୋଥାଇରୋଡ଼ିଜିମ୍ ପରୀକ୍ଷା କରାଇନେବା ଉଚିତ୍। ହାଇପୋଥାଇରଏଡ୍ ସମସ୍ୟା ଥିବା ମହିଳାଙ୍କ ପାଇଁ ସେମାନଙ୍କ ଡିମ୍ବାଶୟର କମ୍ କାର୍ଯ୍ୟକଳାପ ପାଇଁ ଗର୍ଭସଞ୍ଚାର ହେବା ଅଧିକ ବିପଦପୂର୍ଣ୍ଣ। ଯେଉଁ ମହିଳାଙ୍କ ଥାଇରଏଡ୍ ଅନିୟମିତତା ରହିଥାଏ ସେମାନଙ୍କର ମାସିକ ଋତୁସ୍ରାବରେ ବିଭିନ୍ନ ପ୍ରକାର ଅସୁବିଧା ଯେପରିକି ଜୋରରେ ରକ୍ତସ୍ରାବ ହେବା ଏବଂ ଅନିୟମିତ ରୂପେ ଋତୁସ୍ରାବ ଦେଖାଯାଇଥାଏ। ଗର୍ଭାବସ୍ଥା ସମୟରେ ଥାଇରଏଡ୍ ହରମୋନ୍ ସ୍ତରକୁ ଅତିନିକଟରୁ ପରୀକ୍ଷଣ କରିବା ଅତ୍ୟନ୍ତ ଆବଶ୍ୟକ, ଯାହାକି ଏକ ସାଧାରଣ ନବଜାତକରେ ଉନ୍ନତି କରିବା ସହିତ ଗର୍ଭପାତର ଆଶଙ୍କାକୁ ହ୍ରାସ କରିଥାଏ।

**ହାଇପୋଥାଇରୋଡିଜିମର କାରଣ**

ହାଇପୋଥାଇରୋଡିଜିମର ଏକ ସାଧାରଣ କାରଣ ହେଉଛି ଅଟୋଇମ୍ୟୁନି ରୋଗ କିମ୍ବା ଅନୁଚିତ୍ ମେଡିକେଶନ ଏବଂ ଲିଥିୟମର ବ୍ୟବହାର। ହାଇପୋଥାଇରୋଡିଜିମ ବୃଦ୍ଧି ପରେ ମହିଳାମାନେ ଲିବିଡ଼ୋ, ଋତୁସ୍ରାବ ଜନିତ ଅନିୟମିତା ବୃଦ୍ଧି ପାଇବା ସହ ଗର୍ଭସଞ୍ଚାରରେ ମଧ୍ୟ ଅସୁବିଧା ଦେଖାଯାଇଥାଏ। ଗର୍ଭାବସ୍ଥା ସମୟରେ ଫେଟାଲ ବୃଦ୍ଧି ଏବଂ ଉନ୍ନତି ମାତୃତ୍ୱ ଥାଇରଏଡ୍ ହର୍ମୋନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ଯାହାକି ପରବର୍ତ୍ତୀ ଗର୍ଭାବସ୍ଥା ସମୟରେ ଫେଟାଲ ଅଭିବୃଦ୍ଧି ଥାଇରଏଡ ହର୍ମୋନ ସହାୟତାରେ ହୋଇଥାଏ। ଥାଇରଏଡ୍ ପୋଷ୍ଟପର୍ଟମ ଦ୍ୱାରା ଉନ୍ନତି ଏବଂ ବୃଦ୍ଧି ବଳବତ୍ତର ରହିଥାଏ।

**ହାଇପୋ ଥାଇରୋଡିଜିମର ଚିକିତ୍ସା ପ୍ରଣାଳୀ:** ପ୍ରଥମେ ନିଶାଦ୍ରବ୍ୟ ସେବନ କରୁଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏପରି ଅଭ୍ୟାସ ଥାଇରଏଡକୁ ନଷ୍ଟ କରିଦେଇପାରେ ଏବଂ କେତେକ ଉପସ୍ଥିତ ଥିବା ଥାଇରଏଡ ପରିସ୍ଥିତିକୁ ମଧ୍ୟ ଖରାପ କରିଦେଇପାରେ, ଯାହାକି ପରେ ହର୍ମୋନ ନିର୍ଗମନକୁ ବନ୍ଦ କରିଦେଇଥାଏ। ଏହା ହେଉଛି ବନ୍ଧ୍ୟାତ୍ୱ ପାଇଁ ଏକ ପ୍ରମୁଖ କାରଣ। ପରିମିତ ଆୟୋଡିନ ବ୍ୟବହାର କରନ୍ତୁ। ଯେତେବେଳେ ଆୟୋଡିନର କଥା ଆସିଥାଏ, ସଞ୍ଜମତା ବିଷୟରେ ଭାବନ୍ତୁ। ଚାପଠାରୁ ଦୂରେଇ ରୁହନ୍ତୁ। ପ୍ରଭାବଶାଳୀ ମାଇଣ୍ଡ ବଡ଼ି ଟେକ୍ନିକ୍ ବ୍ୟବହାର କରି ଚାପ ହ୍ରାସ କରିବା ଦ୍ୱାରା କେତେ ମାତ୍ରାରେ ଥାଇରଏଡ଼ ରୋଗଠାରୁ ଦୂରେଇ ରହିପାରିବେ। ଅଧିକ ମାତ୍ରାରେ ସୋୟାଠାରୁ ଦୂରେଇ ରୁହନ୍ତୁ। ଅଧିକ ସୋୟା ଆଇସୋଫ୍ଲେବନ ରୋଗ ବୃଦ୍ଧିର କାରଣ ହେବା ସହିତ ହାଇପୋଥାଇରୋଡିଜିମ, ଗଏଟରକୁ ବୃଦ୍ଧି କରିଥାଏ। କେତେକ ଡାକ୍ତରମାନେ ସୋୟା ସପ୍ଲିମେଣ୍ଟ ଏବଂ ପାଉଡ଼ରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥାନ୍ତି ଏବଂ ପ୍ରତ୍ୟେକ ଦିନ ଗୋଟିଏ ଛୋଟିଆ ମାତ୍ରାଠାରୁ ଅଧିକ ଗ୍ରହଣ କରିବା ଉଚିତ ନୁହେଁ।

*–ଆଇଭିଏଫ୍ ଏକ୍ସପର୍ଟ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*

ଫ୍ୟାଶନ୍

## ନିଜ ପର୍ସନାଲିଟି ଅନୁଯାୟୀ କିପରି ଚୟନ କରିବେ ଡ୍ରେସ୍

ଫ୍ୟାସନେବୁଲ ଏବଂ ଷ୍ଟାଇଲିଶ ହେବାକୁ କାହାର ବା ଇଚ୍ଛା ନ ଥାଏ ? ଆଜିକାଲିର ଆଧୁନିକ ଯୁଗରେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ ନିଜର ପର୍ସନାଲିଟି ବଢ଼ାଇବାକୁ ନିଜ ଡ୍ରେସ୍‌କୁ ଅଗ୍ରାଧିକାର ଦେଉଛନ୍ତି। ତେବେ ଏହି ସମୟରେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ..

- କମ୍ ହାଇଟ୍ ଓ ଫ୍ୟାଟି ଯୁବତୀ ଥିବା ମହିଳା ବଡି ହ୍ୟାଙ୍ଗିଙ୍ଗ ଡ୍ରେସ ଚୟନ କରନ୍ତୁ। ଏହାଦ୍ୱାରା ସେମାନେ ଅନେକାଂଶରେ ସ୍ଲିମ୍ ଏବଂ ସୁନ୍ଦର ଦେଖାଯାଇଥାଆନ୍ତି।
- ଡେଙ୍ଗା ଓ ପତଳା ଯୁବତୀ ଯଦି ଟାଇଟ୍ କପଡା କିମ୍ବା ପ୍ରିଣ୍ଟସ୍ ପିନ୍ଧିବେ ତେବେ ସେ ଆହୁରି ପତଳା ଦେଖାଯିବ। ଗାଢ଼ ରଙ୍ଗ



କେବଳ ଗୋରା ଝିଅଙ୍କୁ ମାନି ନ ଥାଏ ଏହା ଶ୍ୱାମଳ ବର୍ଣ୍ଣ ଝିଅଙ୍କୁ ମଧ୍ୟ ଭଲ ମାନିଥାଏ।

- ପତଳା ଝିଅଙ୍କୁ ସବୁ ଜିନିଷ ସୁଟ୍ କରିବ ଏମିତି କିଛି ମାନେ ନାହିଁ। କାହିଁକି ନା ଏମିତି ଯୁବତୀଙ୍କୁ ହଟ୍ ପ୍ୟାଣ୍ଟ ଜମା ବି ମାନି ନ ଥାଏ। ଏହା ବ୍ୟତୀତ ଶର୍ଟ୍ସ ମାଇକ୍ରୋ ସ୍କର୍ଟସ ବି ପିନ୍ଧିବା ଉଚିତ୍ ନୁହେଁ। ଏହାଦ୍ୱାରା ସେମାନଙ୍କ ଗୋଡ ଆହୁରି ପତଳା ଲାଗିବ।
- କମ୍ ହାଇଟ୍ ଥିବା ଯୁବତୀ ଯଦି ଲଙ୍ଗ ସ୍କର୍ଟ ଓ ଲଙ୍ଗ ଟପ୍ ପିନ୍ଧିବେ ତେବେ ସେ ଡେଙ୍ଗା ଦେଖାଯିବେ।
- ଲୋ ୱେଷ୍ଟ ପ୍ୟାଣ୍ଟ ଏବେ ଫ୍ୟାଶନ୍‌ରେ ଚାଲିଛି। ଏହି ପ୍ୟାଣ୍ଟ ସ୍ଲିମ୍ ଝିଅଙ୍କୁ ଭଲ ମାନିଥାଏ। କିନ୍ତୁ ଏହାକୁ ଠିକ୍ ସେ ପିନ୍ଧିବା ମଧ୍ୟ ଜରୁରୀ।

ସୌନ୍ଦର୍ଯ୍ୟ




## ତ୍ୱଚାରେ ଆସିବ ଚମକ

ତ୍ୱଚାରେ କିପରି ଗ୍ଲୋ ଆସିବ ଏବଂ ତାହା ଆକର୍ଷଣୀୟ ଦେଖାଯିବ ସେ ସମ୍ପର୍କରେ ଟିପ୍ସ...

- ବୟସ ବଢ଼ିବା ସାଙ୍ଗକୁ ତ୍ୱଚା ପ୍ରତି ଅଧିକ ଧ୍ୟାନ ଦେବା ଦରକାର। ଏଥିପାଇଁ ଟ୍ୟାନିଂ,ପିଗ୍‌ମେଣ୍ଟେଶନ୍ ଆଦି ଅଣଦେଖା କରିବା ଉଚିତ୍ ନୁହେଁ। ମୁହଁରେ କୌଣସି ସମସ୍ୟା ବଢ଼ିବା ଆଗରୁ ଡର୍ମାଲୋଜିଷ୍ଟ ବା କସ୍ମୋଟୋଲୋଜିଷ୍ଟଙ୍କ ସହିତ ସମ୍ପର୍କ କରନ୍ତୁ।
- ରାତିରେ ଶୋଇବା ପୂର୍ବରୁ ଆଣ୍ଟି ଏଜିଂ ମଶ୍ଚରାଇଜର ଦ୍ୱାରା ମୁହଁକୁ ମସାଜ୍ କରନ୍ତୁ। ଏହାକୁ ମସାଜ୍ କରିବା ଦ୍ୱାରା ସ୍କିନ୍ ଢ଼ିଲା ହୁଏ ନାହିଁ। ଏହାଦ୍ୱାରା ଅକ୍ସିଜେନ୍‌ର ସନ୍ତୁଳନ ରହିଥାଏ।
- ବଜାରରେ ସନ୍‌ସ୍କ୍ରିନ୍ ଯୁକ୍ତ ମେକଅପ୍ ପ୍ରଡକ୍ଟ ଭଳି କମ୍ପାକ୍ଟ,ଫାଉଣ୍ଡେଶନ୍ ଆଦି ଅଧିକ ପ୍ରଭାବଶାଳୀ ହୋଇ ନ ଥାଏ। ଏଥିପାଇଁ ଏହା ଉପରେ ଅଧିକ ନିର୍ଭରଶୀଳ ନ ହୋଇ ଅଧିକ ଖରାରେ ବାହାରକୁ ବାହାରନ୍ତୁ ନାହିଁ।
- ବୟସ ବଢ଼ିବା ସାଙ୍ଗକୁ ସନ୍‌ସ୍କ୍ରିନ୍ ଲୋଶନ୍ ଚୟନ କରିବା ସମୟରେ ସେଥିରେ ଥିବା କେତେ ପ୍ରକାର ଚେଞ୍ଜିସ ଦେଖିବାକୁ ମିଳିଥାଏ। ସେଥିରେ ରହୁଥିବା ଏସ୍‌ପିଏଫ୍ ପ୍ରତି ଅଧିକ ଧ୍ୟାନ ରଖନ୍ତୁ। ଯଦି ଅଧିକ ସମୟ ଆପଣ ଖରାରେ ରହୁଥାନ୍ତି ତେବେ ଅଧିକ ଏସ୍‌ପିଏଫ୍ ଥିବା ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ।

## ଗୃହିଣୀଙ୍କ ପାଇଁ..




- ଆଳୁକୁ ରୋଷେଇ କରିବା ପୂର୍ବରୁ ଚୋପା ଛଡାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖିଲେ ତାହା ଜଲ୍‌ଦି ସିଝିଯାଏ।
- ସିଝା ଆଳୁ ଯଦି ପୁରୁଣା ହୋଇଯାଇଛି ତେବେ ଲୁଣ ପାଣିରେ ପକାଇ ଫୁଟାଇ ଦେଲେ ବାସିପଣ ଦୂର ହୋଇଯାଇଥାଏ।
- ଆଳୁ ଜଲ୍‌ଦି ସିଝିବା ପାଇଁ ଚାହୁଁଥିଲେ ଏହାକୁ ଲମ୍ବା ଆକାରରେ କାଟନ୍ତୁ।
- ପୁରୁଣା ବାସି ଆଳୁ ସ୍ୱାଦିଷ୍ଟ କରିବାକୁ ହେଲେ ଗରମ କରିବା ସମୟରେ ସେଥିରେ ଟିକେ ଲେମ୍ବୁ ରସ ଓ ଅଳ୍ପ ଚିନି ପକାଇ ଦିଅନ୍ତୁ। ଏହାଦ୍ୱାରା ଆଳୁ ରଙ୍ଗ ଅପରିବର୍ତ୍ତିତ ରହିବ ଏବଂ ଚଟାପଟ୍ ହେବ।



- ଆଳୁ ପରଟା ପ୍ରସ୍ତୁତ କରିବା ସମୟରେ ଆଳୁ ମିଶ୍ରଣରେ କସ୍ତୁରୀ ମେଥି ଓ ଆମଚୁର ମିଶାଇ ଦିଅନ୍ତୁ , ଦେଖିବେ ପରଟାର ସ୍ୱାଦ ବଢ଼ିଯିବ।
- ଆଳୁ ସିଝାଇବା ସମୟରେ ଅଳ୍ପ ଲୁଣ ପକାଇ ଦିଅନ୍ତୁ, ଏପରି କରିବା ଦ୍ୱାରା ଆଳୁ ଫାଟିବନି ଓ ଏଥିରୁ ସହଜରେ ଚୋପା ଛାଡ଼ିଯିବ।
- ଆଳୁ କଚୋଡି ପ୍ରସ୍ତୁତ କରିବା ସମୟରେ ମସଲାରେ ଅଳ୍ପ ବେସନ ଭାଜିକି ପକାଇ ଦିଅନ୍ତୁ ଏହାଦ୍ୱାରା କଚୋଡିର ସ୍ୱାଦ ବଢ଼ିଯିବ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 70.73 (113) | 418.38 ↓ 36,699.84 | 134.75 ↓ 10,862.60 | ₹800 ↑ 36,970.00 | ₹1000 ↑ 43,100.00 |



"ବିଶ୍ୱ ସଫ୍ଟୱେର ସେବା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେବାକୁ ହେଲେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେବା।

– ଏନ୍.ଆର୍. ନାରାୟଣମୂର୍ତ୍ତି, ଇନ୍ଫୋସିସ୍ ସହ ପ୍ରତିଷ୍ଠାତା




"ଇଣ୍ଡୋନେସିଆ ଓ ଭିଏତନାମରୁ ଶସ୍ତାରେ ଷ୍ଟେନଲେସ୍ ଷ୍ଟିଲ ଆମଦାନୀ ହେଉଛି। କଡା ପ୍ରତିଯୋଗିତାର ମୁକାବିଲା ଲାଗି ପଦକ୍ଷେପ ନେଇଛୁ।

– ଅଭ୍ୟୁଦୟ ଜିନ୍ଦଲ, ଏମ୍ଡି, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ୍ ଲିମିଟେଡ୍

## ସଂକ୍ଷେପରେ

### ୩୭ ହଜାର ନିକଟତର ସୁନା



**ନୂଆଦିଲ୍ଲୀ,୫-୮:** ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଅଧିକ ଘନୀଭୂତ ହେବାକୁ ଯାଉଥିବା ବେଳେ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାର ୦.୨୫% ହ୍ରାସ କରିବା କାରଣରୁ ନିବେଶକମାନେ ସୁନା ଓ ରୁପାରେ ନିବେଶ ବୃଦ୍ଧି କରିବାକୁ ଶ୍ରେୟସ୍କର ମଣିଛନ୍ତି। ଫଳରେ ସୋମବାର ସୁନା ୮୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ୍ ୩୭ ହଜାର ଟଙ୍କାର ନିକଟବର୍ତ୍ତୀ ହୋଇ ୩୬,୯୭୦ ଟଙ୍କାରେ ବନ୍ଦ ହୋଇଛି। ସେହିପରି ଔଦ୍ୟୋଗିକ ସଂସ୍ଥା, ମୁଦ୍ରା ନିର୍ମାତାଙ୍କ ଚାହିଦା ବୃଦ୍ଧି କାରଣରୁ ରୁପା କେଜି ପ୍ରତି ୧୦୦୦ ଟଙ୍କା ବୃଦ୍ଧି ପାଇ ୪୩,୧୦୦ ଟଙ୍କାରେ ବନ୍ଦ ହୋଇଛି। ମେ ୨୦୧୩ ପରେ ଦେଶରେ ସୁନା ମୂଲ୍ୟ ସର୍ବାଧିକ ସ୍ତରରେ ପହଞ୍ଚିଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହାଛଡ଼ା ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବା ମଧ୍ୟ ନିବେଶକଙ୍କୁ ସୁନାରେ ନିବେଶ ପ୍ରତି ଆଗ୍ରହ ସୃଷ୍ଟି କରିଛି ବୋଲି ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନ ଭାଇସ୍ ପ୍ରେସିଡେଣ୍ଟ ସୁରେନ୍ଦ୍ର ଜୈନ ପ୍ରକାଶ କରିଛନ୍ତି। ବିଶ୍ୱ ବଜାରରେ ସୁନା ପ୍ରତି ଆଉନ୍ସ ୧.୧୩% ବୃଦ୍ଧି ପାଇ ୧,୪୫୭.୩୦ ଡଲାରରେ କାରବାର ହୋଇଥିବା ବେଳେ ରୁପା ୧.୫୧ ପ୍ରତିଶତ ବଢ଼ି ପ୍ରତି ଆଉନ୍ସ ୧୬.୫୩ ଡଲାର ହୋଇଛି।

### ଗୋଟିଏ ଦିନରେ ଟଙ୍କା ଟ.୧.୧୩ ଖସିଲା



**ମୁମ୍ବାଇ,୫-୮:** ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ସୁବିଧା ପ୍ରତ୍ୟାହାର ପ୍ରଭାବ ଦେଶର ମୁଦ୍ରା ବଜାରରେ ପଡିଛି। ସୋମବାର ଡଲାର ବିନିମୟରେ ଟଙ୍କାର ମୂଲ୍ୟ ଟ.୧.୧୩ ହ୍ରାସ ପାଇଛି, ଯାହା କି ଗୋଟିଏ ଦିନରେ ୬ବର୍ଷର ସର୍ବନିମ୍ନ। ସୋମବାର ଟଙ୍କାର ମୂଲ୍ୟ ୭୦.୭୩ରେ ବନ୍ଦ ହୋଇଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ, ଚାଇନାର ମୁଦ୍ରା ୟୁଆନର ଅବମୂଲ୍ୟାୟନ ଏବଂ କଶ୍ମୀରକୁ ନେଇ ଅନିଶ୍ଚିତତାର ପ୍ରଭାବ ଟଙ୍କାର ମୂଲ୍ୟ ଉପରେ ପଡିଥିଲା। କ୍ରମାଗତ ୩ ଦିନରେ ଭାରତୀୟ ମୁଦ୍ରାର ମୂଲ୍ୟ ୧୯୪ ପଇସା ହ୍ରାସ ପାଇଛି।

### ବନ୍ଦେ ଭାରତରେ ନିଯୁକ୍ତ ହେଲେ ଟ୍ରେନ ହୋଷ୍ଟେସ

**ନୂଆଦିଲ୍ଲୀ,୫-୮:** ଦିଲ୍ଲୀରୁ ବାରଣସୀକୁ ଚାଲୁଥିବା ସେମି ହାଇସ୍ପିଡ୍ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସରେ ଏଣିକି ଏୟାର ହୋଷ୍ଟେସ୍‌ଙ୍କ ଭଳି ଟ୍ରେନ ହୋଷ୍ଟେସ ଯାତ୍ରୀଙ୍କୁ ସେବା ଯୋଗାଇବେ। ଏହି ପାଇଲଟ ପ୍ରକଳ୍ପ ପାଇଁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ଦାୟିତ୍ୱ ଦିଆଯାଇଛି। ଇତିମଧ୍ୟରେ ୩୪ ଜଣ ପ୍ରଶିକ୍ଷିତ ଟ୍ରେନ ହୋଷ୍ଟେସ ଓ ଫ୍ଲାଇଟ୍ ଷ୍ଟିୱାର୍ଡଙ୍କୁ ଦିଲ୍ଲୀ-ବାରାଣସୀ ବନ୍ଦେ ଭାରତ ଏକ୍ସପ୍ରେସରେ ନିଯୁକ୍ତି ଦିଆସରିଛି ବୋଲି



ମିଡିଆ ରିପୋର୍ଟରୁ ପ୍ରକାଶ। ଆଇଆର୍‌ସିଟିସି ମୁଖପାତ୍ରଙ୍କ କହିବାନୁଯାୟୀ, ଭାରତୀୟ ରେଳବାଇ ପକ୍ଷରୁ ଯାତ୍ରୀଙ୍କୁ ପ୍ରିମିୟମ ସେବା ଯୋଗାଇ ଦେବା ଲାଗି ପ୍ରୟାସ କରାଯାଉଛି। ସାଧାରଣତଃ ଲାଇସେନ୍ସ ପାଇଥିବା କ୍ୟାଟେରର୍‌ଙ୍କ ମାଧ୍ୟମରେ ଟ୍ରେନରେ ଖାଦ୍ୟପଦାର୍ଥ ଯୋଗାଉଥିବା ବ୍ୟକ୍ତିଙ୍କୁ ମାସିକ ୮ରୁ ୧୦ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସରେ ନିଯୁକ୍ତ ଟ୍ରେନ ହୋଷ୍ଟେସଙ୍କୁ ମାସିକ ୨୫ ହଜାର ଟଙ୍କା ଦରମା ମିଳିବ। ଆସନ୍ତା ୬ ମାସ ପାଇଁ ଟ୍ରାୟାଲ ସେବା ଆରମ୍ଭ କରାଯାଇଛି। ଏହା ସଫଳ ହେଲେ ଏହାକୁ ଅନ୍ୟ ଏକ୍ସପ୍ରେସ୍‌ରେ ସମ୍ପ୍ରସାରଣ କରାଯିବ। ସୂଚନାଥାଉ କି, ଟ୍ରେନ ୧୮ର ନାମକୁ ପରିବର୍ତ୍ତନ କରାଯାଇ ବନ୍ଦେ ଭାରତ ଏକ୍ସପ୍ରେସ ରଖାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ପ୍ରଥମ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଟ୍ରେନରେ ବିମାନ ଭଳି ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଛି।

## ■ ଏଫ୍‌ପିଆଇ ଉଠାଇନେଲେ ୧୫ ଲକ୍ଷ କୋଟି

# ନିବେଶକଙ୍କ ଉପରେ ଚଡ଼କ

ମୁମ୍ବାଇ,୫-୮

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ବଜେଟ ଓ ଫାଇନାନ୍ସିଆଲ ବିଲ୍ ଉପସ୍ଥାପନ କରିଥିଲେ। ଏଥିରେ ଅତି ଧନୀ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଉପରେ ସରଚାର୍ଜ ଆଦାୟ ପାଇଁ ବ୍ୟବସ୍ଥା ରହିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଏଫ୍‌ପିଆଇ ବଜେଟ ପରେ ୩୦ ଦିନ ମଧ୍ୟରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ବଜାରରୁ ପ୍ରତ୍ୟାହାର କରିନେଇଛନ୍ତି। ଏହା ବଡ଼, ଛୋଟ ନିବେଶକଙ୍କ ଉପରେ ବଜ୍ରପାତ ସଦୃଶ ହୋଇଛି।

ଡାଟା ବିଶ୍ଳେଷଣରୁ ଜଣାପଡୁଛି ଯେ, ବଜେଟର ଦିନକ ପୂର୍ବରୁ ଆରମ୍ଭ କରି ଆଜି ଯାଏ ସେନ୍‌ସେକ୍ସ ୬.୯୯ ଓ ନିଫ୍ଟି ୮ ପ୍ରତିଶତ ହ୍ରାସ ଘଟିଛି। ଏହାର ସବୁଠାରୁ ଅଧିକ ପ୍ରଭାବ ମିଡ୍ ଓ ସ୍ମଲ କ୍ୟାପ୍ ସେଗମେଣ୍ଟ ଶେୟାର ଉପରେ ପଡିଛି। ତେବେ ଲାର୍ଜ କ୍ୟାପ୍ ଶେୟାରରେ ମଧ୍ୟ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ବିଏସ୍‌ଇ ସ୍ମଲ୍ କ୍ୟାପ୍ ଇଣ୍ଡେକ୍ସ ଇତିମଧ୍ୟରେ ୧୩ ପ୍ରତିଶତ ଏବଂ ମିଡ୍ କ୍ୟାପ୍ ଇଣ୍ଡେକ୍ସ ୯.୨୫ ପ୍ରତିଶତ କମିଥିବା ଦେଖାଯାଇଛି। ସରକାରଙ୍କ ନିଷ୍ପତ୍ତି, କମ୍ପାନୀଙ୍କ ଅଭିବୃଦ୍ଧି ଧିମା ହେବା, ମୌସୁମୀର ଲୁଚକାଳି, ଚାହିଦା ହ୍ରାସ ପାଇବା ଓ ଆମେରିକା-ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବିଦେଶୀ ନିବେଶକଙ୍କ ମନ ଭାଙ୍ଗିଦେଇଛି। ବିଶେଷ କରି ବଜେଟ ଘୋଷଣା ସେମାନଙ୍କୁ ଭାରତରୁ ଚାଲିଯିବା ପାଇଁ ବାଧ କରୁଛି।



- ■ ଏଫ୍‌ପିଆଇଙ୍କ ଭରସା ତୁଟିଲା
- ■ ୩୦ ଦିନ ଭିତରେ ସେନସେକ୍ସ ୬.୯୯, ନିଫ୍ଟି ୮% ହ୍ରାସ
- ■ ସ୍ମଲ କ୍ୟାପ୍,ମିଡ୍ କ୍ୟାପ୍ ଶେୟାର ସର୍ବାଧିକ କମିଲା

### ବଜେଟ ପରେ ଶେୟାର ବିକ୍ରି ଆରମ୍ଭ

ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ଆର୍ଥିକ ବିକାଶ ହାର ୫.୮ ପ୍ରତିଶତ ସହିତ ୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ବିଶେଷକରି ଚାହିଦା ଅଭିବୃଦ୍ଧି ହ୍ରାସ ପାଇବା ନିବେଶକଙ୍କୁ ବିଚଳିତ କରିଛି। ସେମାନେ ମନେ କରୁଥିଲେ ଯେ, ସରକାର ବଜେଟରେ ଏଭଳି କିଛି ଉପାୟ ଘୋଷଣା କରିବେ, ଯାହାଦ୍ୱାରା ଦେଶର ଆର୍ଥିକ ବିକାଶ ଗତିଶୀଳ ହେବ। ତେବେ ସବୁ ଆଶା ପାଣିଫୋଟକା ପରି ମିଳାଇଗଲା। ଅତି ଧନୀଙ୍କ ଉପରେ ସରଚାର୍ଜ ବୃଦ୍ଧି ଯୋଗୁ ଦେଶରେ ଟ୍ରଷ୍ଟ ରୂପେ କାର୍ଯ୍ୟ କରୁଥିବା ଏଫ୍‌ପିଆଇ ଟିକସ ଦେବାକୁ ବାଧ ହେବେ। ପୂର୍ବରୁ ସେମାନଙ୍କୁ ଏଥିରୁ ଛାଡ଼ ମିଳିଥିଲା। ଏହା ନକାରାତ୍ମକ ହେଉଥିବା ମନେକରି ବିଦେଶୀ ନିବେଶକ ବଜେଟ ପରେ ଶେୟାର ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ଏଫପିଆଇଙ୍କ ଏଭଳି ମନୋଭାବ ସମ୍ପର୍କରେ ଜାଣିପାରି କେନ୍ଦ୍ର ସରକାର ଏବେ ସେମାନଙ୍କ ଚିନ୍ତା ଦୂର କରିବେ ବୋଲି ସଙ୍କେତ ଦେଲେଣି। ସରକାରଙ୍କ ଆଶ୍ୱାସନାରେ ବିଦେଶୀ ନିବେଶକ ବିଶେଷ ପ୍ରଭାବିତ ହୋଇଥିବା ମନେହେଉ ନାହିଁ। ନିକଟ ଭବିଷ୍ୟତରେ ଷ୍ଟକ୍ ବଜାର ପୁଣି ବୃଦ୍ଧି ପାଇବ ବୋଲି ଆଶା କରାଯାଉନି।

### ବିକାଶ ଅଭିବୃଦ୍ଧି ଜରୁରୀ

ବିଶେଷଜ୍ଞଙ୍କ କହିବାନୁଯାୟୀ, କେବଳ ଏଫ୍‌ପିଆଇଙ୍କ ଚିନ୍ତା ଦୂର କରିଦେଲେ ଯେ, ଷ୍ଟକ୍ ବଜାରରେ ନିବେଶ ବଢ଼ିବ, ଏହା ଭାବିବା ଭୁଲ୍। ଦେଶର ଅର୍ଥନୀତିର ଅଭିବୃଦ୍ଧି ଏଥିପାଇଁ ଜରୁରୀ ହୋଇପଡିଛି। ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ନିକଟରେ ଚଳିତ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ୭ ପ୍ରତିଶତକୁ ହ୍ରାସ କରିଛି। ସରକାର ଓ ରିଜର୍ଭ ବ୍ୟାଙ୍କ ୨୦୨୦ ଆର୍ଥିକ ବର୍ଷ ଲାଗି ସମାନ ଅନୁମାନ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରେଟିଂ ଏଜେନ୍ସି କ୍ରିସିଲ୍ ଦେଶର ବିକାଶ ହାର ୬.୯ ପ୍ରତିଶତ ରହିବ ବୋଲି ଦର୍ଶାଇଛି। ଦେଶର ଗତ ୧୪ ବର୍ଷର ହାରାହାରି ବିକାଶ ହାର ୭ ପ୍ରତିଶତ ରହିଛି। ଉଦ୍ୟୋଗ ଜଗତର ଭବିଷ୍ୟବାଣୀକୁ ହିସାବକୁ ଧରିଲେ ଆର୍ଥିକ ବର୍ଷ ୨୦୨୦ରେ ଦେଶର ଜିଡିପି ଅଭିବୃଦ୍ଧି ଏହାଠାରୁ ତଳକୁ ଖସିଯିବ। ଏଲ୍‌ଆଣ୍ଡଟିର ନନ୍ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ କହିଛନ୍ତି ଯେ, ଦେଶର ବିକାଶ ହାର ଯଦି ୬.୫% ରହେ ତେବେ ଦେଶକୁ ଭାଗ୍ୟଶାଳୀ ମନେ କରିବା ଉଚିତ୍।

### ଉଦ୍ୟୋଗ ଜଗତର ପ୍ରଦର୍ଶନ

ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସରେ ଗତ ସପ୍ତାହ ଶେଷ ସୁଦ୍ଧା ୬୫୬ କମ୍ପାନୀର ଫଳାଫଳ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୫୮୩ କମ୍ପାନୀଙ୍କ ଆୟ ୯.୨ ପ୍ରତିଶତ ବଢ଼ିଥିବା ବେଳେ ଲାଭ ଏହି ତ୍ରୈମାସରେ ୩% ହ୍ରାସ ପାଇଛି। ଅର୍ଥନୀତି ଧିମା ହେବା କାରଣରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ହେବାର ଆଶା କମିଛି। ଚଳିତ ବର୍ଷ ଭାରତୀୟ କମ୍ପାନୀଙ୍କ ଅଭିବୃଦ୍ଧି ୧୦ ପ୍ରତିଶତରୁ କମ୍ ରହିବ ବୋଲି କ୍ରିସିଲ୍ କହିଛି।

## ଷ୍ଟକ୍ ବଜାରରେ ଛାଇଗଲା ୩୭୦ ଧାରା ପ୍ରଭାବ

ମୁମ୍ବାଇ,୫-୮

ଦେଶର ଷ୍ଟକ୍ ବଜାର ପାଇଁ ଅନେକ ନକାରାତ୍ମକ ସୂଚନା ରହିଥିଲେ ସୁଦ୍ଧା ସୋମବାର ଜମ୍ମୁ-କଶ୍ମୀରରେ ୩୭୦, ୩୫ଏ ଧାରା ଉଚ୍ଛେଦ ସୂଚନା ଛାଇ ରହିଥିଲା। ଏଥିଯୋଗୁ ଦେଶରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା କରି ନିବେଶକମାନେ ଶେୟାର ବିକ୍ରି କରିବାକୁ ଶ୍ରେୟସ୍କର ମଣିଥିଲେ। ଫଳରେ ବିଏସ୍‌ଇ ସେନ୍‌ସେକ୍ସ ୪୧୮.୩୮ (୧.୧୩%) ହ୍ରାସ ସହ ୩୬,୬୯୯.୮୪ରେ ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ନିଫ୍ଟି ୧୩୪.୭୫ ପଏଣ୍ଟ (୧.୨୩%) କମି ୧୦,୮୬୨.୬୦ରେ ବନ୍ଦ ହୋଇଛି। ଦିନର କାରବାର ମଧ୍ୟରେ ସେନ୍‌ସେକ୍ସରେ ୭୦୦ ପଏଣ୍ଟ ହ୍ରାସ ପାଇଥିଲା। ଜମ୍ମୁ-କଶ୍ମୀରକୁ ମିଳୁଥିବା ସମସ୍ତ ପ୍ରକାର ସ୍ୱତନ୍ତ୍ର ଅଧିକାରକୁ ପ୍ରତ୍ୟାହାର କରିବା ସଂକ୍ରାନ୍ତରେ ଧାରା ୩୭୦ ଓ ୩୫ଏକୁ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ସଂକ୍ରାନ୍ତରେ ସୋମବାର ରାଜ୍ୟ ସଭାରେ ବିଲ୍ ଆଗତ କରିଥିଲେ। ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିଦେବା ଲାଗି ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ମାନ୍ୟତା ପ୍ରତ୍ୟାହାର କରି ଜମ୍ମୁ-କଶ୍ମୀର ଓ ଲଦାଖ ଭାବେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଗଠନ କରିବାକୁ ବିଲ୍‌ରେ ପ୍ରସ୍ତାବ ଦିଆଯାଇଥିଲା, ଯାହା ଗୃହରେ ଅନୁମୋଦନ ଲାଭ କରିଛି।

### ବାଣିଜ୍ୟ ଯୁଦ୍ଧର ପ୍ରଭାବ

ଚାଇନା-ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ବନ୍ଦ କରିବା ଲାଗି ଗତ ସପ୍ତାହରେ ଆରମ୍ଭ ହୋଇଥିବା ଆଲୋଚନା ବିଫଳ ହୋଇଛି। ସେପ୍ଟେମ୍ବର ପହିଲାରୁ ଚାଇନାରୁ ଆମଦାନୀ ହେଉଥିବା ୩୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଅଧିକ ୧୦ ପ୍ରତିଶତ ଟାରିଫ ବୃଦ୍ଧି କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବା ପରେ ଏହି ଯୁଦ୍ଧ ଯେ ଆହୁରି ଘନୀଭୂତ ହେବ ଏହା ସହଜେ ଅନୁମେୟ। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡୁଥିବାରୁ ତୁରନ୍ତ ଏହାର ସମାଧାନ ଜରୁରୀ। ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି ଯେ, ବାଣିଜ୍ୟ ଯୁଦ୍ଧ କାରଣରୁ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି କମିବାରେ ଲାଗିଛି। ବିଶ୍ୱ ଓ ଘରୋଇ ବଜାରରେ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଉଥିବା ବେଳେ ଏବେ ନିବେଶକଙ୍କ ଦୃଷ୍ଟି ଦେଶର ମୁଦ୍ରାନୀତି ଉପରେ ରହିଛି। ଇତିମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ତିନିଥରରେ ୦.୨୫%ରେ ରେପୋ ରେଟ୍ ହ୍ରାସ କରିଛନ୍ତି। ତଥାପି ଏହା ଅର୍ଥନୀତିକୁ ଗତିଶୀଳ କରିପାରି ନାହିଁ।

## ଧାରା ୩୭୦ ଉଚ୍ଛେଦକୁ ଶିଳ୍ପ ଜଗତର ସ୍ୱାଗତ

ନୂଆଦିଲ୍ଲୀ,୫-୮

**ସମ୍ବିଧାନର ଧାରା ୩୭୦ ଦ୍ୱାରା ଜମ୍ମୁ କଶ୍ମୀରକୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ନେଇ କେନ୍ଦ୍ର ସରକାର ସୋମବାର ଘୋଷଣା କରିଥିବା ବେଳେ ଏହାକୁ ଦେଶର ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ଏହା ରାଜ୍ୟର ବିକାଶ ତଥା ବାଣିଜ୍ୟିକ ପରିବେଶକୁ ଉନ୍ନତ କରିବ ବୋଲି ଶିଳ୍ପ ଆଶାବାଦୀ ରହିଛି। ଦେଶର ବିଭିନ୍ନ ଶିଳ୍ପପତି କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି...**

### ସାମଗ୍ରିକ ବିକାଶର ଅଂଶ ହୋଇପାରିବ



ଜମ୍ମୁ କଶ୍ମୀରକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଏହା ରାସ୍ତା ସୁନିଶ୍ଚିତ କରିବ। ବର୍ତ୍ତମାନର ନିୟମ ମୁତାବକ ଉକ୍ତ ରାଜ୍ୟରେ ନିବେଶ ବାଧାପ୍ରାପ୍ତ ହେଉଛି। ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କର ଏହା ଏକ ବଳିଷ୍ଠ ପଦକ୍ଷେପ। ନୂଆ ନିଷ୍ପତ୍ତି ଦ୍ୱାରା ଉକ୍ତ ରାଜ୍ୟ ଦେଶର ସାମଗ୍ରିକ ବିକାଶରେ ଅଂଶୀଦାର ହୋଇପାରିବ। ଏହି ପ୍ରସଙ୍ଗ ରାଜନୀତୀକରଣ ଯୋଗୁ ଲୋକଙ୍କର ବିକାଶ ବାଧାପ୍ରାପ୍ତ ହେଉଥିଲା। ଲୋକଙ୍କ ହିତ ଲାଗି ନୂଆ ନିଷ୍ପତ୍ତିକୁ ସେମାନେ ସକାରାତ୍ମକ ଭାବେ ଗ୍ରହଣ କରିବେ ବୋଲି ଆଶାବାଦୀ।

**– ସଜ୍ଜନ ଜିନ୍ଦଲ, ଅଧ୍ୟକ୍ଷ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ**


### ଭାରତ ପାଇଁ ଐତିହାସିକ ଦିନ



ଗତ ୧୫ ଦିନର ସମୟ ଭାରତ ଲାଗି ବେଶ୍ ସ୍ମରଣୀୟ। ଏହା ମଧ୍ୟରେ ଚନ୍ଦ୍ରାୟନ-୨ ଉତକ୍ଷେପଣ, ତିନ୍ ତଲାକ ଉଚ୍ଛେଦ ଏବଂ ଧାରା ୩୭୦ ଉଚ୍ଛେଦ ହୋଇଛି। ଭାରତ ପାଇଁ ଏହା ଐତିହାସିକ ଦିନ। ଗୋଟିଏ ପତାକା, ଗୋଟିଏ ଦେଶ ଏବଂ ଗୋଟିଏ ସମ୍ବିଧାନ ଲାଗୁ କରିବାରେ ନୂଆ ନିଷ୍ପତ୍ତି ସହାୟକ ହେବ।

**– ହର୍ଷ ଗୋଏଙ୍କା, ଆର୍‌ପିଜି ଏଣ୍ଟର ପ୍ରାଇଜେସ୍ ଅଧ୍ୟକ୍ଷ**

### ସମସ୍ତଙ୍କ ନିରାପତ୍ତା ପାଇଁ ପ୍ରାର୍ଥନା



କଶ୍ମୀରକୁ ନେଇ କ'ଣ ଗୋଟିଏ ବଡ ନିଷ୍ପତ୍ତି ହେବ ସେ ନେଇ ସମସ୍ତେ ଏକ ସଂଶୟରେ ଥିଲେ। ମାତ୍ର ସରକାର ଆଗାମୀ କାର୍ଯ୍ୟପନ୍ଥା ଘୋଷଣା କରିଛନ୍ତି। କାଶ୍ମୀରରେ ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ପ୍ରାର୍ଥନା କରୁଛି। ଏହି ନିଷ୍ପତ୍ତି ଦେଶକୁ ଶକ୍ତିଶାଳୀ କରିବା ସହ ଆଗାମୀ ଦିନରେ ସକାରାତ୍ମକ ଫଳ ପ୍ରଦାନ କରିବ।

**– ଆନନ୍ଦ ମହିନ୍ଦ୍ରା, ଅଧ୍ୟକ୍ଷ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ**

### ନିବେଶ ଆକୃଷ୍ଟ କରିବ



ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରଶଂସାଯୋଗ୍ୟ। ଏହା ଦ୍ୱାରା ଜମ୍ମୁ ଏବଂ କଶ୍ମୀର ବୃହତ୍ ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହେବ।

**– ରାଜୀବ ତଲୱାର, ସଭାପତି, ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ**

### ଲୋକଙ୍କୁ ସଶକ୍ତ କରିବ



ଜମ୍ମୁ କଶ୍ମୀରରେ ଉନ୍ନତିକରଣ ଏବଂ ଶାନ୍ତି ଲାଗି ନୂଆ ନିଷ୍ପତ୍ତି ବାଟ ଖୋଲିବ। ଏହା ସେଠାକାର ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଆହୁରି ଶକ୍ତିଶାଳୀ କରିବ।

**– ଗୌତମ ଆଦାନୀ, ଅଧ୍ୟକ୍ଷ, ଆଦାନୀ ଗ୍ରୁପ**




ଯାଜପୁରସ୍ଥିତ କଳିଙ୍ଗ ନଗର ପ୍ଲାଣ୍ଟରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ପ୍ରଥମ ସିମେଣ୍ଟ ଟ୍ରକକୁ ଜଗନ୍ନାଥଙ୍କ ସେବାରେ ସମର୍ପିତ କରାଯାଇଛି। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ସେଲ୍‌ସ ପାର୍ଟନର ଏବଂ ଡିଲରମାନେ ଉପସ୍ଥିତ ଥିଲେ।

## ଅଭିବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ: ନିର୍ମଳା

ନୂଆଦିଲ୍ଲୀ,୫-୮

ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଉନ୍ନତି ଲାଗି ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ। ଏହାକୁ ଧ୍ୟାନରେ ରଖି ଦେଶର ବାଣିଜ୍ୟ ଲିଡରଙ୍କଠାରୁ ମତାମତ ଗ୍ରହଣ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ସୂଚନା ଦେଇଛନ୍ତି। ଦେଶର ଜିଡିପି ଅଭିବୃଦ୍ଧି ଧିମା ରହିଥିବା ବେଳେ ନିଯୁକ୍ତି ସୃଷ୍ଟି ହେଉ ନ ଥିବାରୁ ଏହା ସରକାରଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଗତ ବର୍ଷ ଜୁଲାଇ ତୁଳନାରେ ଚଳିତ ବର୍ଷ ବେକାରି ହାର ୨% ଉର୍ଦ୍ଧ୍ୱରେ ରହିଥିବା ଘରୋଇ ଡାଟା ଗ୍ରୁପ ସିଏମ୍‌ଆଇଇ ସୂଚନା ଦେଇଛି। ସରକାର ଚଳିତ



ସପ୍ତାହରେ ଶିଳ୍ପ କ୍ଷେତ୍ର ପ୍ରତିନିଧିଙ୍କ ସିରିଜ୍ ବୈଠକରେ ଭେଟୁଥିବା ନିର୍ମଳା କହିଛନ୍ତି।

### ବ୍ୟାଙ୍କ ମୁଖ୍ୟଙ୍କ ସହ ଆଲୋଚନା

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପରଫରମାନ୍ସ ସମୀକ୍ଷା ଲାଗି ନିର୍ମଳା ସୋମବାର ଏହାର ମୁଖ୍ୟଙ୍କୁ ଭେଟିଥିଲେ। ଏହି ବୈଠକରେ ପ୍ରମୁଖ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ସରକାରୀ କ୍ଷେତ୍ରରେ ବର୍ତ୍ତମାନ ଅଧିକ ନିବେଶ ହେଉଥିବା ବେଳେ ଘରୋଇ କ୍ଷେତ୍ର ନିବେଶରୁ ଦୂରରେ ରହିଥିବାରୁ ଋଣ ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ପଡିଥିବା ବ୍ୟାଙ୍କ ମୁଖ୍ୟମାନେ ବୈଠକରେ ସୂଚନା ଦେଇଛନ୍ତି। ଏହାକୁ ବିଚାରକୁ ନେଇ ବ୍ୟାଙ୍କଗୁଡିକ ବର୍ତ୍ତମାନ ରିଟେଲ୍ ବାଟ ଦେଇ ଅଧିକ ଋଣ ପ୍ରଦାନ କରିବାକୁ ଇଚ୍ଛୁକ ଥିବା କହିଛନ୍ତି। ବ୍ୟାଙ୍କଗୁଡିକ ସେମାନଙ୍କ ସୁଧହାର ଉପରେ ପୁଣିଥରେ ତର୍ଜମା କରିବେ ବୋଲି କହିଛନ୍ତି। ସେହିଭଳି ଆଇବିସିର ରିଜଲ୍ୟୁଶନ ଧାରାକୁ ନେଇ ବ୍ୟାଙ୍କଗୁଡିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟ ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

### ଏଫ୍‌ପିଆଇଙ୍କୁ ଭେଟିବେ ଅର୍ଥନୈତିକ ବ୍ୟାପାର ସଚିବ

ବିଦେଶୀ ନିବେଶକଙ୍କ ଉପରେ ସରକାର ବଜେଟରେ ସରଚାର୍ଜ ଲାଗୁ କରିଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଛି। ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ଏବେ ମୁହଁ ଫେରାଉ ଥିବା ବେଳେ ସେମାନଙ୍କ ନିବେଶ ଅର୍ଥକୁ ପ୍ରତ୍ୟାହାର କରି ନେଉଛନ୍ତି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି କେନ୍ଦ୍ର ଅର୍ଥନୈତିକ ବ୍ୟାପାର ସଚିବ ଅତନୁ ଚକ୍ରବର୍ତ୍ତୀ ବିଦେଶୀ ନିବେଶକଙ୍କ ପ୍ରତିନିଧିଙ୍କୁ ଭେଟିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ସୂଚନା ଦେଇଛନ୍ତି।

## ■ ଆରମ୍ଭ ହେଲା ଏମ୍‌ପିସି ବୈଠକ

# ରେପୋ ହାର ହ୍ରାସ ଆଶାରେ ଶିଳ୍ପ ଜଗତ

ନୂଆଦିଲ୍ଲୀ,୫-୮

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ସମୀକ୍ଷା ବୈଠକ। ଦେଶର ଅର୍ଥନୀତି ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହାର ଅଭିବୃଦ୍ଧି ଲାଗି ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ କମାଇବା ନେଇ ବଜାରର ଆଶା ରହିଛି। ପୂର୍ବର ୩ ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ କମାଇଛି। ଚଳିତ ମାସ ୫ରୁ ୭ ତାରିଖ ଯାଏ ଏହି ବୈଠକ ବସୁଥିବା ବେଳେ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ତର୍ଜମା ହେବ। ଅଗଷ୍ଟ ୭ ପୂର୍ବାହ୍ନ ୧୧.୪୫ ସମୟରେ ରିଜର୍ଭ ବ୍ୟାଙ୍କ ୱେବସାଇଟରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

ଘରୋଇ ବଜାରରେ ନଗଦ ସମସ୍ୟା ଲାଗି ରହିଛି। ରେପୋ ହାର ହ୍ରାସ ବାଦ ନଗଦ ସମସ୍ୟା ସମାଧାନ ଦିଗରେ ଏମ୍‌ପିସି ସଦସ୍ୟମାନେ ବିଚାର କରିବେ ବୋଲି ଶିଳ୍ପ ଜଗତ ଆଶା ରଖିଛି। ସେହିଭଳି ସୁଧହାର ହ୍ରାସର ଲାଭ ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ପ୍ରଦାନ କରିବା ଉପରେ ଶିଳ୍ପ ମତ ରଖିଛି। ରେପୋ ହାର ହ୍ରାସ ସମ୍ପର୍କରେ ନିଜର ମତ ରଖି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍‌ଡି ତଥା ସିଇଓ ରାଜକିରଣ ରାୟ ଜି କହିଛନ୍ତି, ଏମ୍‌ପିସି ୨୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିପାରେ। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ସୁଧହାର ହ୍ରାସ ଦିଗରେ ଏମ୍‌ପିସି ପଦକ୍ଷେପ ନେବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ)



ଏକ ବିବୃତ୍ତିରେ କହିଛି, ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତିକୁ ନଜରରେ ରଖି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ନେଉଛି। ମୁଦ୍ରାସ୍ଫୀତିକୁ ୪%ରୁ ନିମ୍ନରେ ରଖିବା ଆର୍‌ବିଆଇର ଲକ୍ଷ୍ୟ। ସୁଧହାର ହ୍ରାସ କରାଯାଉଥିଲେ ମଧ୍ୟ ଏଣ୍ଡ କଷ୍ଟମରଙ୍କୁ ଠିକ୍ ଭାବେ ଏହାର ଲାଭ ମିଳୁ ନାହିଁ। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖାଯିବା ଆବଶ୍ୟକ। ସେହିଭଳି ରିଜର୍ଭ ବ୍ୟାଙ୍କ କ୍ୟାଶ ରିଜର୍ଭ ରେସିଓ(ସିଆର୍‌ଆର୍) ୫୦ ବେସିସ ପଏଣ୍ଟ କମ୍ କରିବା ଆବଶ୍ୟକ।



"ଟେନିସ୍‌ରେ ଆମ ଦେଶ ତୁଳନାରେ ଭାରତ ଉନ୍ନତ, କିନ୍ତୁ ଆସନ୍ତା ଡେଭିସ୍ କପ୍ ମ୍ୟାଚରେ ଆମେ ବିପର୍ଯ୍ୟୟ ସୃଷ୍ଟି କରିପାରିବୁ।

–ଅକିଲ ଖାଁ, ପାକିସ୍ତାନର ଭେଟେରାନ ସିଙ୍ଗଲ୍ସ ଖେଳାଳି



"ଭାରତ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଆୟୋଜନ ହୋଇପାରିଲେ ପାକିସ୍ତାନ ହକି ମହାସଂଘର ଆର୍ଥିକ ସଂକଟ ଦୂର ହୋଇପାରିବ।

–ଅସିଫ୍ ବାଜୱା
ପାକିସ୍ତାନ ହକି ମହାସଂଘର ଜେନେରାଲ ସେକ୍ରେଟାରି

## ସଂକ୍ଷେପରେ

### ଝେଙ୍ଗଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ

**ଲସ୍‌ଆଞ୍ଜେଲ୍ସ, ୫।୮ (ଏଏଫ୍‌ପି):** ଚାଇନାର ଝେଙ୍ଗ୍ ସାଇସାଇ ତାଙ୍କ ଟେନିସ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ସାନ୍‌ଜୋସ ଡବ୍ଲ୍ୟୁଟିଏ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଚତୁର୍ଥ ସିଡ୍ ତଥା ବେଲରୁଷର ଆରିନା ସାବାଲେଙ୍କାଙ୍କୁ ୬-୩, ୭-୬ (୭/୩) ସେଟ୍‌ରେ ହରାଇ ଦେଇଛନ୍ତି। ଟ୍ରଫି ପ୍ରଦାନ ଉତ୍ସବରେ ଉଦ୍‌ବୋଧନ ଦେଇ ଝେଙ୍ଗ୍ କହିଥିଲେ ମୋର ଯଥେଷ୍ଟ ଅଭିଜ୍ଞତା ନାହିଁ ଏକ ସପ୍ତାହ ଧରି କିପରି ଖେଳି ପାରିଲି ଭାବିଲେ ମୋତେ ଖୁସି ଲାଗୁଛି।

### ସନରାଇଜକୁ ହରାଇଲା ସ୍ପୋର୍ଟ୍ସ ହଷ୍ଟେଲ

**କଟକ ଅଫିସ,୫।୮:** କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଗତ ସିଜନର ଚାମ୍ପିୟନ ସନରାଇଜ କ୍ଲବ ପରାସ୍ତ ହୋଇଛି। ସନରାଇଜକୁ ସ୍ପୋର୍ଟ୍ସ ହଷ୍ଟେଲ ଦଳ ୩-୦ ଗୋଲରେ ହରାଇଛି। ବିଜୟୀ ଦଳ ପକ୍ଷରୁ ଫ୍ରାନସିସ ଲାକ୍ରା ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ୨୭ତମ, ୩୫ତମ ଓ ୪୧ତମ ମିନିଟରେ ଫ୍ରାନସିସ ଉକ୍ତ ୩ଟି ଗୋଲ ଦେଇଥିଲେ।

### ଭାରତୀୟ ଟ୍ରେନିଂ କ୍ୟାମ୍ପ୍‌ରେ ୩୪ ଖେଳାଳି

**ନୂଆଦିଲ୍ଲୀ, ୫।୮ (ପି.ଟି.):** ୨୦୨୨ ଫିଫା ବିଶ୍ୱକପ୍ ଲାଗି ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟ ୨ୟ ରାଉଣ୍ଡର ଏକ ମ୍ୟାଚ୍‌ରେ ଭାରତ ସେପ୍ଟେମ୍ବର ୫ରେ ଓମାନକୁ ଭେଟିବ। ଗ୍ରୁପ୍-ଇ'ରେ ସ୍ଥାନ ପାଇଥିବା ଭାରତୀୟ ଦଳ ଏହାପରେ ସେପ୍ଟେମ୍ବର ୧୦ରେ ଏକ କଷ୍ଟସାଧ ମୁକାବିଲାରେ ଏସିଆନ ଚାମ୍ପିୟନ କାତାର ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଦୁଇଟି ମ୍ୟାଚ୍ ଯଥାକ୍ରମେ ଗୁଆହାଟୀ ଓ କାତାରରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚ୍ ପାଇଁ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଫୁଟ୍‌ବଲ ଦଳର ଟ୍ରେନିଂ ଶିବିର ଲାଗି କୋଚ୍ ଇଗର୍ ଷ୍ଟିମାକ ୩୪ ଜଣ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଶିବିରରେ ସୁନୀଲ ଛେତ୍ରୀ, ଉଦାନ୍ତ ସିଂ, ରାହୁଲ ବେକେ, ଶୁଭାଶିଷ ବୋଷ, ଗୋଲରକ୍ଷକ ଗୁରପ୍ରୀତ୍ ସିଂ ସାନ୍ଧୁଙ୍କ ପରି ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି। ଗ୍ରୁପ୍-ଇ'ରେ ଭାରତ ସମେତ କାତାର, ଓମାନ, ଆଫଗାନିସ୍ତାନ ଓ ବାଂଲାଦେଶ ସ୍ଥାନ ପାଇଛି। ଏସିଆ ମହାଦେଶର ୪୦ ଦେଶକୁ ୮ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ ଟିମ୍ ସ୍ଥାନ ପାଇଛନ୍ତି। ହୋମ୍ ଓ ବାହାର ମ୍ୟାଚ୍‌ଭିତ୍ତିରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ୨ଟି ମ୍ୟାଚ୍ ଖେଳିବେ।

### ୱାଶିଂଟନ ଓପନ ଜିତିଲେ କିର୍ଗିଓସ

**ୱାଶିଂଟନ,୫।୮ (ପି.ଟି.):** ଏଠାରେ ଚାଲିଥିବା ଏଟିପି ସିଟି ଓପନ ଟୁର୍ଣ୍ଣାମେଣ୍ଟରେ ନିକି କିର୍ଗିଓସ ଟାଇଟଲ ହାସଲ କରିଛନ୍ତି। ସେ ଫାଇନାଲରେ ରୁଷିଆର ଡାନିଲ ମେଦଭେଦେଭ୍‌ଙ୍କୁ ୭-୬(୮/୬), ୭-୬ (୭/୪) ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ଏହା ଅଷ୍ଟ୍ରେଲିଆନ ଖେଳାଳିଙ୍କ କ୍ୟାରିୟରର ୬ଷ୍ଠ ଏଟିପି ଟାଇଟଲ। ଚଳିତ ସପ୍ତାହ ସମ୍ଭବତଃ ମୋ ଜୀବନର ସବୁଠୁ ସ୍ମରଣୀୟ ସପ୍ତାହ ବୋଲି ମ୍ୟାଚ୍ ଜିତିବା ପରେ ୨୪ ବର୍ଷୀୟ ଖେଳାଳି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଅତିଥିଙ୍କ ଗହଣରେ ଭାରତୀୟ ମହିଳା ରଗ୍‌ବୀ ଦଳ।



ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ପାଇଁ ମନୋନୀତ ଭାରତୀୟ ପୁରୁଷ ଦଳ।

## ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି

# ଭାରତୀୟ ମହିଳା ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୫।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ଅଗଷ୍ଟ ୧୦ ଓ ୧୧ ଦୁଇ ଦିନ ଧରି ଇଣ୍ଡୋନେସିଆର ଜାକର୍ତ୍ତାସ୍ଥିତ ଜି.ବି.କେ. କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ରଗ୍‌ବୀ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ୧୨ ଜଣ ଲେଖାଏ ଖେଳାଳି ସ୍ଥାନ ପାଇଥିବାବେଳେ ବିକାଶ ଖତ୍ରି ଓ ବାବିଜ୍ ବାରୁଚାଙ୍କୁ ଯଥାକ୍ରମେ ପୁରୁଷ ଓ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁମିତ୍ରା ନାୟକ, ହୁପି ମାଝି, ଶୁଭଲକ୍ଷ୍ମୀ ବାରିକ ଓ ମୀରାରାଣୀ ହେମ୍ବ୍ରମ। ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳର ଖେଳାଳିଙ୍କୁ ନେଇ ଗତ ୨୩ରୁ କିଟ୍ ପରିସରରେ ୧୫ ଦିନିଆ ଜାତୀୟ ଶିବିର ଅନୁଷ୍ଠିତ ହେଉଛି। ଗତ ମାସରେ ବିହାରର ପାଟନାଠାରେ ଅନୁଷ୍ଠିତ ହୋଇଥିବା ସୋସାଇଟ୍ ଜେନେରାଲ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରୁ ସମ୍ଭାବ୍ୟ ଖେଳାଳି ଏହି ଶିବିର ପାଇଁ ଚୟନ କରାଯାଇଥିଲା।



ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଆ ଖେଳାଳି।

୧୫ ଦିନ ଧରି ଚାଲିଥିବା ଏହି ଜାତୀୟ ଶିବିରକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ସମେତ କିଟ୍ ଓ କିସ୍ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ଭାରତୀୟ ଦଳ ବୁଧବାର ଜାକର୍ତ୍ତା ଅଭିମୁଖେ ଗସ୍ତ କରିବ ବୋଲି ଜଣାପଡ଼ିଛି।

ରଗ୍‌ବୀ ଇଣ୍ଡିଆ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଏହି ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମେତ କ୍ରୀଡ଼ା ସଚିବ ବିଶାଳ କୁମାର ଦେବ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କୋଚ୍ ଲୁଡ୍‌ୱିଚେ, ଓଡ଼ିଶା ରଗ୍‌ବୀ ଆସୋସିଏଶନ ସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳକୁ ଆଗାମୀ ଟୁର୍ଣ୍ଣାମେଣ୍ଟ ଲାଗି ଅଭିନନ୍ଦନ ଜଣାଇବା ସହ ସେମାନେ ସଫଳତା ହାସଲ କରିବେ ବୋଲି କାମନା କରିଥିଲେ। ସେହିଭଳି କ୍ରୀଡ଼ା ସଚିବ ବିଶାଳ ଦେବ ଭାରତୀୟ ଦଳ ପାଇଁ ମନୋନୀତ ହୋଇଥିବା ମହିଳା ଓ ପୁରୁଷ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ସରକାର ରଗ୍‌ବୀ କ୍ରୀଡ଼ାକୁ ସହାୟତା କରୁଥିବାରୁ ଏହା ଆମ ପାଇଁ ଖୁସିର ଖବର। ଆଗାମୀ ଦେଢ଼ରୁ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସହାୟତାରେ ଓଡ଼ିଶାରେ ରଗ୍‌ବୀ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିବା କ୍ରୀଡ଼ା ସଚିବ ଏହି ଅବସରରେ ସୂଚନା ଦେଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ୪ ଓଡ଼ିଶା ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ପୁରୁଷ ଦଳରେ କିଭଳି ଭାବେ ଓଡ଼ିଆ ଖେଳାଳିଙ୍କ ପ୍ରତିନିଧିତ୍ୱ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ରାହୁଲ ବୋଷ ଓ କୋଚ୍‌ଙ୍କୁ ଅନୁରୋଧ କରିଥିଲେ। ଭାରତୀୟ ଖେଳାଳିଙ୍କ ଶିବିର ଆୟୋଜନ କରିବାରେ ରାଜ୍ୟ ସରକାର ଏବଂ କିଟ୍ ଯେଉଁ ସମର୍ଥନ ଓ ସହାୟତା ପ୍ରଦାନ କରିଛନ୍ତି ସେଥିଲାଗି ପୂର୍ବତନ ଖେଳାଳି ରାହୁଲ ବେଶ୍ ପ୍ରଶଂସା କରିଛନ୍ତି।

■ **ଭାରତୀୟ ପୁରୁଷ ଦଳ:** ବିକାଶ ଖତ୍ରି (ଅଧିନାୟକ), ନୀରଜ ଖତ୍ରି, ଦୀପକ ପୁନିଆ, ପ୍ରିନ୍ସ ଖତ୍ରି, ମୋହିତ୍ ଖତ୍ରି (ସମସ୍ତେ ହରିୟାଣା), ସୁରିନ୍ଦର ସିଂ, ଜୋଶାଙ୍ଗଜୁଆଲ, ପାଉଲସାମି ଉଥୟ ଶଙ୍କର (ସର୍ଭିସେସ), ସୁକୁମାର ହେମ୍ବ୍ରମ, ରାଜଦୀପ ଶାହ (ଉଭୟ ପଶ୍ଚିମବଙ୍ଗ), ଜାକିର ହୁସେନ (ଦିଲ୍ଲୀ)।

■ **ଭାରତୀୟ ମହିଳା ଦଳ:** ବାବିଜ୍ ଭରୁଚା (ଅଧିନାୟିକା, ମହାରାଷ୍ଟ୍ର), ଶ୍ୱେତା ଶାହି, ସୁଇଟି କୁମାରୀ (ଉଭୟ ବିହାର), ସୁମିତ୍ରା ନାୟକ, ହୁପି ମାଝି, ଶୁଭଲକ୍ଷ୍ମୀ ବାରିକ, ମୀରାରାଣୀ ହେମ୍ବ୍ରମ (ସମସ୍ତେ ଓଡ଼ିଶା), ଶୀତଲ ଶର୍ମା, ନେହା, ପ୍ରିୟା ବଂଶଲ, ଶିଖା ଯାଦବ (ଦିଲ୍ଲୀ), ସନ୍ଧ୍ୟାରାଣୀ (ପଶ୍ଚିମବଙ୍ଗ)। କୋଚ୍- ଲୁଡ୍‌ୱିଚେ ଭାନ୍ ଡେଭେଣ୍ଟର ଓ ଲୁଇସ୍ ବୋଶୋଫ୍, ମ୍ୟାନେଜର- ମାନସ କୁମାର ଜେନା ଓ ଧୀରେନ କୁମାର ରାଉତ। ଫିଜିଓ- ରାଜେଶ ମାଲି ଓ ଅବଦୁଲ୍ଲ ୱାହିଦ୍ ଖାଁ ପଠାନ।

### ଭିଟୋରିଙ୍କ ୧୧ ନଂ ଜର୍ସିକୁ ଅବସର





**ୱେଲିଂଟନ,୫।୮(ପି.ଟି.):** ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ସୋମବାର କିମ୍ବଦନ୍ତୀ ସ୍ପିନର ଡାନିଏଲ ଭିଟୋରିଙ୍କୁ ସମ୍ମାନ ଜଣାଇ ତାଙ୍କ ୧୧ ନଂ ଜର୍ସିକୁ ଅବସର ଦେଇଛି। ଫଳରେ ଦେଶର ଆଉ କୌଣସି କ୍ରିକେଟର ୧୧ ନଂ ଜର୍ସି ପରିଧାନ କରିପାରିବେ ନାହିଁ। କେବଳ ଭିଟୋରି ନୁହନ୍ତି, ଦେଶ ପାଇଁ ୨୦୦ରୁ ଅଧିକ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଅନ୍ୟ କ୍ରିକେଟରଙ୍କ ଜର୍ସିକୁ ମଧ୍ୟ ଅବସର ଦିଆଯିବ ବୋଲି ଏନ୍‌ଜେଡ୍‌ସି ପକ୍ଷରୁ ଟୁଇଟର ଜରିଆରେ ଘୋଷଣା କରାଯାଇଛି। ଦେଶ ପକ୍ଷରୁ ସର୍ବାଧିକ ୨୯୧ ଦିନିକିଆ ଖେଳିଥିବା ଭେଟୋରି ୩୦୫ ଉଇକେଟ ଅକ୍ତିଆର କରିଛନ୍ତି। ଏଥିସହ ୫ ଅର୍ଦ୍ଧଶତକ ସହ ସେ ୨୨୫୩ ରନ୍ କରିଛନ୍ତି। ୪୦ ବର୍ଷୀୟ ପୂର୍ବତନ ବାମହାତୀ ସ୍ପିନର ୧୧୩ ଟେଷ୍ଟ ଖେଳି ୩୬୨ ଉଇକେଟ ହାତେଇଛନ୍ତି। ଲମ୍ବା ଫର୍ମାଟରେ ୪,୫୩୧ ରନ୍ କରିଥିଲେ, ଯେଉଁଥିରେ ୬ ଶତକ ଓ ୨୩ ଅର୍ଦ୍ଧଶତକ ସାମିଲ ରହିଛି। ସେ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଥିଲେ। ଏତଦବ୍ୟତୀତ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ପାଇଁ ନୂଆ ଟେଷ୍ଟ ଜର୍ସି ଉନ୍ମୋଚନ କରାଯାଇଛି।





ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବର ସଦସ୍ୟମାନେ।

# ସାଇକେଲ ଚାଳନା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା

**ଭୁବନେଶ୍ୱର, ୫।୮ (କ୍ରୀଡ଼ା ପ୍ରତିନିଧି)**

ସାମ୍ପ୍ରତିକ ସମାଜରେ ଅତ୍ୟଧିକ ଯାନର ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେଉଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ପରିବେଶ ଦୂଷିତ ହେବାଦ୍ୱାରା ଜଳବାୟୁରେ ମଧ୍ୟ ଅନିୟମିତତା ଦେଖାଦେଉଛି। ତେଣୁ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା ବାର୍ତ୍ତା ନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ(ବିସିଏସି) ପକ୍ଷରୁ ସାଇକେଲ ଯୋଗେ ଚିଲିକା ପରିକ୍ରମା କରାଯାଇଛି। କ୍ଲବର ମୋଟ ୨୦ ସଦସ୍ୟ ଏହି ପରିକ୍ରମାରେ ସାମିଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଥିଲେ ୧୧ ବର୍ଷର ବାଳକ ଅଚିନ୍ତ୍ୟ ଅନୁଭବ। ସେହିପରି ସବୁଠାରୁ ବରିଷ୍ଠ ସଦସ୍ୟ ଥିଲେ ରମେଶ(୬୦ ବର୍ଷରୁ ଊର୍ଦ୍ଧ୍ୱ)। ୩ ତାରିଖରେ ଭୁବନେଶ୍ୱରରୁ ବାହାରିଥିବା ଏହି ସାଇକେଲ ଯାତ୍ରାରେ ସଦସ୍ୟମାନେ ପ୍ରଥମ ଦିବସରେ ଡେଲାଙ୍ଗ, ବ୍ରହ୍ମଗିରି, ସାତପଡ଼ା ପର୍ଯ୍ୟନ୍ତ ଯାଇ ସେଠାରୁ ବୋଟ୍ ଯୋଗେ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ପୁଣି ସାଇକେଲ ଯାତ୍ରାରେ ଆସି ରମ୍ଭାରେ ରାତ୍ରିଯାପନ କରିଥିଲେ। ତେଣୁ ପ୍ରଥମ ଦିବସରେ ମୋଟ ୧୭୫ କିଲୋମିଟର ଯାତ୍ରା ହୋଇଥିଲା। ୪ ତାରିଖ ଦ୍ୱିତୀୟ ଦିବସରେ ରମ୍ଭାରୁ ସିଧା ଭୁବନେଶ୍ୱର ପାଖାପାଖି ୧୩୦ କିଲୋମିଟର ଯାତ୍ରା କରିଥିଲେ। ଏହି ଯାତ୍ରାରେ ୩୦୦ କିଲୋମିଟରରୁ ଊର୍ଦ୍ଧ୍ୱ ପଥ ପରିକ୍ରମା ହୋଇଥିଲା। ସାଇକେଲ ଯୋଗେ ଚିଲିକା ପରିକ୍ରମା ଅବସରରେ କ୍ଲବର ସଦସ୍ୟମାନେ ବିଭିନ୍ନ ଲୋକଙ୍କ ସହ ମିଶି ଭାବର ଆଦାନପ୍ରଦାନ କରିଥିଲେ ଏବଂ ସାଇକେଲର ଉପାଦେୟତା ସମ୍ପର୍କରେ ସଚେତନ କରାଇଥିଲେ। କ୍ଲବର କନିଷ୍ଠ ସଦସ୍ୟ ଅଚିନ୍ତ୍ୟଙ୍କ ସାହସ ଓ ଉତ୍ସାହକୁ ସମସ୍ତେ ପ୍ରଶଂସା କରିଥିଲେ।

# ପାକିସ୍ତାନ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୫।୮(ପି.ଟି.)**

ପାକିସ୍ତାନ ବିପକ୍ଷ ଡେଭିସ କପ୍ ମ୍ୟାଚ ପାଇଁ ସୋମବାର ପ୍ରଜନେଶ ଗୁଣେଶ୍ୱରନଙ୍କ ନେତୃତ୍ୱରେ ଭାରତୀୟ ଟେନିସ ଦଳ ଘୋଷଣା କରାଯାଇଛି। ସୁମିତ ନାଗପାଲଙ୍କ ବ୍ୟତୀତ ଅନ୍ୟ ସମସ୍ତ ଟପ୍ ଖେଳାଳି ଉପଲବ୍ଧ ଥିବା ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଏଟିଏ) ସିଲେକ୍ସନ କମିଟି ଚେୟାରମ୍ୟାନ ରୋହିତ ରାଜପାଲ ପ୍ରକାଶ କରିଛନ୍ତି। ଗ୍ରାସ୍‌କୋର୍ଟରେ ହେବାକୁଥିବା ଏହି ମୁକାବିଲାରେ ଗୁଣେଶ୍ୱରନ ଏବଂ ରାମକୁମାର ରାମନାଥନ ସିଙ୍ଗଲ୍ସ ଚ୍ୟାଲେଞ୍ଜ ସମ୍ଭାଳିବେ। ରୋହନ ବୋପାନ୍ନା ଏବଂ ଡିଭିଜ ଶରଣ ଡବଲ୍ସ ଯୋଡ଼ି ଭାବେ ଖେଳିବେ। ମ୍ୟାଚ ସେପ୍ଟେମ୍ବର ୧୪-୧୫ରେ ଇସ୍‌ଲାମାବାଦ୍‌ଠାରେ ଖେଳାଯିବ। ଆହତଜନିତ ସମସ୍ୟା ଯୋଗୁ ନାଗାଲ ଉପଲବ୍ଧ ହେଉ ନ ଥିବାରୁ ୫ଜଣିଆ ସିଲେକ୍ସନ କମିଟି ଦଳରେ ସାକେତ ମାଇନେନିଙ୍କୁ ରଖିଛନ୍ତି, ଯିଏକି ର୍‍ୟାଙ୍କିଙ୍ଗ ତାଲିକାରେ ପରବର୍ତ୍ତୀ ଶ୍ରେଷ୍ଠ ଖେଳାଳି। ସେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳିପାରିବେ। ଯୁବ ପ୍ରତିଭା ଶଶୀ କୁମାର ମୁକୁନ୍ଦଙ୍କୁ ରିଜର୍ଭ ଖେଳାଳି ଭାବେ ନିଆଯାଇଛି। ବୈଠକରେ ରାଜପାଲ ଓ ବଳରାମ ସିଂ ଉପସ୍ଥିତ ଥିବାବେଳେ ଜିଶାନ ଅଲୀ, ନନ୍ଦନ ବଲ ଓ ଅଙ୍କିତା ଭାମ୍ବ୍ରୀ ଟେଲିକନଫରେନ୍ସିଂ ଜରିଆରେ ଦଳ ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ପାକିସ୍ତାନ ବିପକ୍ଷରେ ଭାରତ ୬ଥର ଡେଭିସ କପ୍ ମ୍ୟାଚ ଖେଳିଛି। ଭାରତ ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛି। ପାକିସ୍ତାନର ଜଣେ ହେଲେ ସିଙ୍ଗଲ୍ସ ଖେଳାଳି ଏଟିପି ର୍‍ୟାଙ୍କିଙ୍ଗ ତାଲିକାରେ ନାହାନ୍ତି। ଭାରତର ପ୍ରଜନେଶ ବିଶ୍ୱ ର୍‍ୟାଙ୍କିଙ୍ଗରେ ୯୦ ତମ ସ୍ଥାନରେ ରହିଥିବା ବେଳେ ରାମକୁମାର ୧୮୪ ଏବଂ ମାଇନେନି ୨୭୧ତମ ସ୍ଥାନରେ ରହିଛନ୍ତି। ପାକିସ୍ତାନର ଆଇଜାମ ଉଲ୍ ହକ୍ କୁରେଶି ହେଉଛନ୍ତି ବିଶ୍ୱର ୫୫ ନମ୍ବର ମାନ୍ୟତାପ୍ରାପ୍ତ ଡବଲ୍ସ ଖେଳାଳି। ବୋପାନ୍ନା ଓ ଆଇଜାମ ଏକ ଡବଲ୍ସ ଯୋଡ଼ି ହୋଇ ଖେଳୁଥିଲେ।

**ଡେଭିସ୍ କପ୍**

■ **ଭାରତୀୟ ଦଳ:** ପ୍ରଜନେଶ ଗୁଣେଶ୍ୱରନ, ରାମକୁମାର ରାମନାଥନ, ସାକେତ ମାଇନେନି, ରୋହନ ବୋପାନ୍ନା, ଡିଭିଜ ଶରନ
ଅଧିନାୟକ: ମହେଶ ଭୂପତି, କୋଚ୍: ଜିଶାନ ଅଲି।

# ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟ୍‌ବଲ ଆରମ୍ଭ

**ଭୁବନେଶ୍ୱର, ୫।୮ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୦ତମ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ସୋମବାର ଆରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନୁଗୋଳ-ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ ସାମନ୍ତରାୟ ଓ ୬ ନମ୍ବର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ମଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ଆସୋସିଏଶନର ସଭାପତି ତପନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଦିଲୀପ ଦାସ ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍କୁଲ ସ୍ତରର ଫୁଟବଲ ପ୍ରତିଭାର ବିକାଶ ନିମନ୍ତେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଓ ପଳାଶୁଣୀ ଉନ୍ନୀତ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ୟୁନିଟ-୬ ବାଳକ ଉଚ୍ଚ ବିଦ୍ୟାଳୟ ଗୋଲକିପର ଶିବ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର କିସ୍ ଓ ୟୁନିଟ-୨ ସରକାରୀ ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।



" ପାକିସ୍ତାନ ଟିମ୍ ସହିତ ଆଉ ଦୁଇବର୍ଷ ରହିବାକୁ ଚାହୁଁଛି। ଦଳର ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଘଟିବ ବୋଲି ମୋର ବିଶ୍ୱାସ ।

–ମିକି ଆର୍ଥର, ପାକିସ୍ତାନ କ୍ରିକେଟ ମୁଖ୍ୟ କୋଚ୍

" ବଲ୍ ଟ୍ୟାମ୍ପରିଂ ମାମଲାରେ ବାସନ୍ଦ ସତ୍ତ୍ୱେ ଟେଷ୍ଟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିପାରିବି ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା ।

–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ସଇନି ଦଣ୍ଡିତ

ନୂଆଦିଲ୍ଲୀ,୫।୮(ପି.ଟି.): ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍‌ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ ପେସର ନବଦୀପ ସଇନିଙ୍କୁ ଦଣ୍ଡିତ କରାଯାଇଛି। ଆମେରିକାର ଫ୍ଲୋରିଡାଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିଛନ୍ତି। ଏହି ଘଟଣା ୱେଷ୍ଟଇଣ୍ଡିଜ ଇନିଂସର ୫ମ ଓଭରରେ ଘଟିଥିଲା। ବୋଲର ସଇନି ୱେଷ୍ଟଇଣ୍ଡିଆନ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନଙ୍କ ଉଇକେଟ ନେବା ପରେ ତାଙ୍କୁ ପ୍ୟାଭିଲିୟନ ବାଟ ଦେଖାଇଥିଲେ। ନିଜ ଭୁଲ ସ୍ୱୀକାର କରି ନେଇଥିବାରୁ ଏହି ଘଟଣାର କୌଣସି ଶୁଣାଣି ହେବ ନାହିଁ। ଆକ୍ଷେପମୂଳକ ଭଙ୍ଗୀ ପାଇଁ ସଇନିଙ୍କୁ ଏକ ନେଗେଟିଭ୍ ପଏଣ୍ଟରେ ଦଣ୍ଡିତ କରାଯାଇଛି।

### ଜାହିରଙ୍କ ଭଳି ଖେଳିବାକୁ ଚାହେଁ: ଖଲିଲ

ନୂଆଦିଲ୍ଲୀ,୫।୮(ପି.ଟି.): ବର୍ଷ ବର୍ଷ ଧରି ଭାରତୀୟ ଦଳ ପାଇଁ ପ୍ରତିଭାସମ୍ପନ୍ନ ବାମହାତୀ ପେସରମାନେ ଲମ୍ବା ସମୟ ଧରି ପ୍ରତିନିଧିତ୍ୱ କରିଆସିଛନ୍ତି। ଜାହିର ଖାଁ, ଆଶିଷ ନେହେରା ଓ ଇର୍ଫାନ ପଠାନ ଭାରତକୁ ବହୁତ ମ୍ୟାଚ୍ ଜିତାଇଛନ୍ତି। ବରିନ୍ଦର ସ୍ରନ ଓ ଜୟଦେବ ଉନାଡକଟ ଦଳରେ ନିଜ ସ୍ଥାନ ପକ୍କା କରିପାରି ନ ଥିଲେ। ହେଲେ ୨୧ ବର୍ଷୀୟ ଖଲିଲ ଅହମ୍ମଦ ୨୦୧୮ ସେପ୍ଟେମ୍ବରରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରେ ନିୟମିତ ଭାବେ ଭାରତୀୟ ଦଳର ସଦସ୍ୟ ହୋଇ ରହିଛନ୍ତି। ଜାହିରଭାଇଙ୍କ ଭଳି ମୁଁ ଦୀର୍ଘ ସମୟ ଧରି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଚାହେଁ। ସେ ଯେଉଁଭଳି ଖେଳୁଥିଲେ, ମୁଁ ତାହା କରିବାକୁ ଉଦ୍ୟମ କରିବି।

# ପ୍ରଥମ ଆଶେସ ଟେଷ୍ଟ
# ଅଷ୍ଟ୍ରେଲିଆର ବୃହତ୍ ବିଜୟ

ବର୍ମିଂହାମ, ୫।୮

ଷ୍ଟିଭ ସ୍ମିଥଙ୍କ ଡବଲ ଶତକ ଏବଂ ନାଥାନ ଲିୟନଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ସୋମବାର ଶେଷ ହୋଇଥିବା ମ୍ୟାଚରେ ଏହି ଦଳ ୨୫୧ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ୩୯୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ଟିମ୍ ପେନ୍‌ଙ୍କ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ଉଭୟ ଇନିଂସରେ ଶତକ ହାସଲ କରିଥିବା ଷ୍ଟିଭ୍ ସ୍ମିଥ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

V-GUARD
WAKE UP TO INDIA'S NO.1* WATER HEATERS
*Ranked No. 1 in the storage water heater category by the Market Pulse report for calendar year Jan – Dec '18
Water Heater
Contact : 9937038335

### ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୩/୦ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ୮୫ ରନରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ରୋରି ବର୍ନ୍ସ ୧୧, ନିର୍ଭରଯୋଗ୍ୟ ଜାସନ ରୟ ୨୮, ଜୋ ଡେନ୍‌ଲି ୧୧ ଓ ଜୋ ରୁଟ୍ ୨୮ ରନ କରି ଆଉଟ ହୋଇସାରିଥିବାରୁ ଇଂଲଣ୍ଡ ପରାଜୟ ଆଶଙ୍କାରେ ପଡ଼ିଥିଲା। ବିରତି ପରେ ଇଂଲଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। କେବଳ କ୍ରିସ୍ ୱୋକ୍ସ (୩୭ ରନ)ଙ୍କୁ ଛାଡ଼ିଦେଲେ ମିଡଲ ଏବଂ ଲୋୟର ଅର୍ଡରର କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫଳରେ ଘରୋଇ ଦଳର ଦ୍ୱିତୀୟ ଇନିଂସ ମାତ୍ର ୫୨.୩ ଓଭରରେ ଶେଷ ହୋଇ ଯାଇଥିଲା।



୬ ଉଇକେଟ ନେଇଥିବା ନାଥାନ ଲିୟନଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

### ୯୦ରୁ ଊର୍ଦ୍ଧ୍ୱ ରନ ପ୍ରଥମ ଇନିଂସ ପଛୁଆ ପରେ ବୃହତ୍ ବିଜୟ

୨୫୧: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୧୯
୨୩୩: ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଜୋହାନ୍ସବର୍ଗ, ୧୯୬୬–୬୭
୧୯୭: ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା, ଗାଲେ, ୨୦୦୩–୦୪
୧୯୩: ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, ୱେଲିଂଟନ, ୨୦୧୪–୧୫

### ଲିୟନଙ୍କୁ ୬ ଉଇକେଟ

ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ନାୟକ ସାଜିଥିଲେ ଅଷ୍ଟ୍ରେଲିଆ ଅଫ୍‌ସ୍ପିନର ନାଥାନ ଲିୟନ। ପ୍ରଥମ ଇନିଂସରେ ୩ଟି ଉଇକେଟ ନେଇଥିବା ଲିୟନ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହାସଲ କରି ଇଂଲଣ୍ଡକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ଏହି ଅବସରରେ ସେ ନିଜର ୩୫୦ତମ ଟେଷ୍ଟ ଉଇକେଟ ମଧ୍ୟ ପୂରଣ କରିଥିଲେ। ଏହାକୁ ମିଶାଇ ଲିୟନ ୧୫ଥର ଟେଷ୍ଟରେ ୫ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ଅନ୍ୟ ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କମିନ୍ସ ୪ଟି ଉଇକେଟ ନେଇଥିଲେ। ସେ ଏଠାରେ କ୍ୟାରିୟରର ୧୦୦ତମ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ଏଜବାଷ୍ଟନ ଗ୍ରାଉଣ୍ଡରେ ୨୦୦୧ ପରେ ଅଷ୍ଟ୍ରେଲିଆର ଏହାଥିଲା ପ୍ରଥମ ବିଜୟ। ୨୦୦୧ରେ ଶେଷଥର ପାଇଁ ଆଶେସ ସିରିଜର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଏହାପରେ ଏହି ଗ୍ରାଉଣ୍ଡରେ ଇଂଲଣ୍ଡ ଖେଳିଥିବା ୧୧ଟି ଅନ୍ତର୍ଜାତୀୟ ମ୍ୟାଚରେ ଅପରାଜେୟ ରହିଥିଲା।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୪
- ଇଂଲଣ୍ଡ ପ୍ରଥମ ଇନିଂସ: ୩୭୪
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୪୮୭/୭(ଘୋଷଣା)
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୪୬/ଅଲଆଉଟ(କ୍ରିସ୍ ୱୋକ୍ସ-୩୭, ଜାସନ ରୟ-୨୮, ଜୋ ରୁଟ୍-୨୮, ନାଥାନ ଲିୟନ-୬/୪୯, ପ୍ୟାଟ୍ କମିନ୍ସ-୪/୩୨)

ମ୍ୟାନ ଅଫ ଦି ମ୍ୟାଚ: ଷ୍ଟିଭ୍ ସ୍ମିଥ

### ଟେଷ୍ଟ କ୍ରିକେଟରୁ ଷ୍ଟେଇନଙ୍କ ଅବସର



ଜୋହାନ୍ସବର୍ଗ, ୫।୮ (ଏଏଫ୍‌ପି): ଆଧୁନିକ ଯୁଗର ଅନ୍ୟତମ ମହାନ ଫାଷ୍ଟ ବୋଲର ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେଇନ୍ ସୋମବାର ଟେଷ୍ଟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ସୀମିତ ଓଭର ବିଶିଷ୍ଟ ଫର୍ମାଟରେ ଅଧିକ ଦିନ ଧରି ତିଷ୍ଠି ରହିବା ଅଭିପ୍ରାୟ ନେଇ ସେ ଏହି ପଦକ୍ଷେପ ନେଇଛନ୍ତି। ୨୦୦୪ରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଷ୍ଟେଇନ୍ ତାଙ୍କ ଅନ୍ତିମ ଟେଷ୍ଟ ମ୍ୟାଚ ଗତ ଫେବୃୟାରୀରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲେ। ଏଣିକି ସେ ଦକ୍ଷିଣ ଆଫ୍ରିକା ତରଫରୁ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ପାଇଁ ଉପଲବ୍ଧ ହେବେ। ୩୬ ବର୍ଷୀୟ ଷ୍ଟେଇନ୍ କହିଛନ୍ତି, କ୍ରିକେଟର ଏହି ଫର୍ମାଟକୁ ମୁଁ ସବୁଠାରୁ ଭଲ ପାଏ। ସୋମବାର ଏହାଠାରୁ ଦୂରେଇ ଯାଉଛି। ସୂଚନାଯୋଗ୍ୟ, ଷ୍ଟେଇନ୍ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ସର୍ବକାଳୀନ ଅଗ୍ରଣୀ ଟେଷ୍ଟ ଉଇକେଟ ହାସଲକାରୀ ବୋଲର। ଖେଳର ଇତିହାସରେ ଶ୍ରେଷ୍ଠ ୧୦ ବୋଲରଙ୍କ ମଧ୍ୟରେ ସେ ଅନ୍ୟତମ। ଟେଷ୍ଟ କ୍ୟାରିୟର୍‌ରେ ଷ୍ଟେଇନ ମୋଟ୍ ୯୩ ମ୍ୟାଚ୍ ଖେଳି ୪୩୯ ଉଇକେଟ ହାସଲ କରିଛନ୍ତି।

# ଅଗଷ୍ଟ ମଧ୍ୟଭାଗରେ କୋଚ୍ ଚୟନ

ନୂଆଦିଲ୍ଲୀ, ୫।୮ (ପି.ଟି.): ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ପୂର୍ବତନ ଅଧିନାୟକ କପିଲ ଦେବଙ୍କ ନେତୃତ୍ୱରେ ନୂତନ ଭାବେ ଗଠିତ ହୋଇଥିବା କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)କୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ୍ ପ୍ରଶାସକ ସମିତି (ସିଓଏ)ମୁଖ୍ୟ ବିନୋଦ ରାଇ ସୋମବାର ଗ୍ରୀନ୍ ସିଗ୍‌ନାଲ ପ୍ରଦାନ କରିଛନ୍ତି। ଫଳରେ କପିଲଙ୍କ ନେତୃତ୍ୱାଧୀନ ସିଏସି ଭାରତୀୟ କ୍ରିକେଟ୍ ଦଳର ପରବର୍ତ୍ତୀ ମୁଖ୍ୟ କୋଚ୍ ଚୟନ କରିବା ସ୍ପଷ୍ଟ ହୋଇଛି। କପିଲଙ୍କ ବ୍ୟତୀତ କ୍ରିକେଟର୍ ଅଂଶୁମାନ ଗାଏକ୍ୱାଡ ଓ ମହିଳା ଦଳର ପୂର୍ବତନ ଅଧିନାୟିକା ଶାନ୍ଥା ରଙ୍ଗାସ୍ୱାମୀ ସିଏସି ପ୍ୟାନେଲ୍‌ର ସଦସ୍ୟ ରହିଛନ୍ତି। ଅଗଷ୍ଟ ମଧ୍ୟଭାଗରେ ସିନିୟର ଦଳର କୋଚ୍ ଚୟନ କରାଯିବ ବୋଲି ଜଣାପଡ଼ିଛି। 'ଆମେ ନିରୀକ୍ଷଣ କରିସାରିଛୁ। ସବୁ ଠିକ୍‌ଠାକ୍ ଏବଂ କ୍ଲିୟର ରହିଛି। ସିଏସିକୁ ପରବର୍ତ୍ତୀ ନୂତନ କୋଚ୍ ନିଯୁକ୍ତି ପାଇଁ ଅନୁମତି ଦିଆଯାଇଛି। ଶର୍ଟଲିଷ୍ଟ ପାର୍ଥୀଙ୍କ ସାକ୍ଷାତ୍‌କାର ଅଗଷ୍ଟ ମଧ୍ୟଭାଗରେ ନିଆଯିବ ଏବଂ ସିଏସିର ନିଷ୍ପତ୍ତି ଫାଇନାଲ' ବୋଲି ସୋମବାର ନୂଆଦିଲ୍ଲୀରେ ଅନୁଷ୍ଠିତ ସିଓଏ ବୈଠକ ପରେ ରାଇ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ଭାରତୀୟ ଦଳର ବର୍ତ୍ତମାନର ମୁଖ୍ୟକୋଚ୍ ରବି ଶାସ୍ତ୍ରୀ, ବୋଲିଂ କୋଚ୍ ଭରତ ଅରୁଣ, ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧରଙ୍କ କାର୍ଯ୍ୟକାଳ ବିଶ୍ୱକପ୍ ପରେ ଶେଷ ହୋଇଯାଇଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ ଗସ୍ତକୁ ନଜରରେ ରଖାଯାଇ ଏହାକୁ ଆଉ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ଅପରପକ୍ଷରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚନ ଅକ୍ଟୋବର ୨୨ରେ ହେବାକୁ ଥିବାବେଳେ ୨୬ ରାଜ୍ୟ ଆସୋସିଏଶନ ନିର୍ବାଚନ ପାଇଁ ଲୋଧା ଆଦେଶ ପାଳନ କରି ସେମାନଙ୍କ ନିର୍ବାଚନ ଅଧିକାରୀ ନିଯୁକ୍ତି କରିସାରିଛନ୍ତି। ୪ଟି ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତ କରିନାହାନ୍ତି। ତେଣୁ ଯେଉଁମାନେ ଲୋଧା ଆଦେଶ ପାଳନ କରିଛନ୍ତି ସେମାନେ ବିସିସିଆଇ ନିର୍ବାଚନରେ ଭୋଟ୍ ଦେବାର ଅଧିକାର ପାଇବେ ବୋଲି ରାଇ ଏହି ଅବସରରେ କହିଛନ୍ତି।

# ବେଞ୍ଚଷ୍ଟ୍ରେଙ୍ଗ୍ଥ ପରୀକ୍ଷା କରିବ ଭାରତ

ଗୁୟାନା, ୫।୮(ପି.ଟି.)

ଭାରତ-ୱେଷ୍ଟଇଣ୍ଡିଜ ଚଳିତ ଟି୨୦ ସିରିଜର ୩ୟ ତଥା ଅନ୍ତିମ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଫ୍ଲୋରିଡ଼ାର ଲଡରହିଲରେ ଅନୁଷ୍ଠିତ ପ୍ରଥମ ୨ଟି ଦିନିକିଆ ଜିତି ଭାରତ ସିରିଜ ଜିତିସାରିଛି। ତେଣୁ ତୃତୀୟ ଦିନିକିଆରେ ଭାରତ ଏହାର ବେଞ୍ଚଷ୍ଟ୍ରେଙ୍ଗ୍ଥ ପରୀକ୍ଷା କରିବା ସମ୍ଭାବନା ରହିଛି।

ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଦ୍ୱିତୀୟ ଟି୨୦ରେ କିନ୍ତୁ ବିରାଟ କୋହଲିଙ୍କ ଦଳ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲା। ବର୍ଷା ବାଧା ଯୋଗୁ ଡକୱର୍ଥ ଲିୱିସ ନିୟମରେ ଦଳ ୨୨ ରନରେ ଏହି ମ୍ୟାଚ ଜିତିଥିଲା। ଆଗାମୀ ମ୍ୟାଚ ପାଇଁ ଭାରତୀୟ ଦଳର ବ୍ୟାଟିଂ କମ୍ବିନେଶନ ପରିବର୍ତ୍ତନ ସମ୍ଭାବନା କମ୍ ରହିଛି, ତେବେ ବୋଲିଂରେ ନିଶ୍ଚିତ ପରିବର୍ତ୍ତନର ଆଭାସ ମିଳୁଛି। ''ସିରିଜ ବିଜୟ ହୋଇ ସାରିଥିବାରୁ କେତେକ ନୂଆ ଖେଳାଳିଙ୍କୁ ସୁଯୋଗ ସମ୍ଭାବନା ସୃଷ୍ଟି ହୋଇଛି। ତେବେ ବିଜୟ ହାସଲ ଦଳର ମୁଖ୍ୟ ଲକ୍ଷ୍ୟ ହେବ'' ବୋଲି ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛନ୍ତି। ଯୁବ ଉଇକେଟକିପର ରିଷଭ ପନ୍ତ ୨ଟି ମ୍ୟାଚରେ ଯଥାକ୍ରମେ ୪ ଓ ୦ରେ ଆଉଟ ହୋଇଛନ୍ତି। ତେଣୁ ତାଙ୍କ ସ୍ଥାନରେ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ କୋହଲି କ୍ରମାଗତ ପନ୍ତଙ୍କୁ ସମର୍ଥନ କରି ଆସୁଥିବାରୁ ଆଗାମୀ ମ୍ୟାଚ ପାଇଁ ସେ ସୁଯୋଗ ପାଉଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଛି। ରୋହିତ ଶର୍ମା କିମ୍ବା ଶିଖର ଧାୱନ ବିଶ୍ରାମ ନେବା ସମ୍ଭାବନା ବହୁତ କମ୍। ଅଙ୍ଗୁଳିରେ ଆଘାତ ଯୋଗୁ ବିଶ୍ୱକପ ଆରମ୍ଭରୁ ବିଦାୟ ନେଇଥିବା ଧାୱନ ପ୍ରଥମ ସିରିଜ ଖେଳିବା ସୁଯୋଗ ପାଇଛନ୍ତି। ପ୍ରଥମ ୨ଟି ମ୍ୟାଚରେ ବଡ଼ ସ୍କୋର କରିପାରି ନ ଥିବାରୁ ତୃତୀୟ ମ୍ୟାଚକୁ ସେ ଅପେକ୍ଷା କରି ରହିବା ସ୍ୱାଭାବିକ। ଆଗକୁ ଦିନିକିଆ ଏବଂ ଟେଷ୍ଟ ସିରିଜ ଆସୁଥିବାରୁ ଲୟକୁ ଫେରିବା ଜରୁରୀ ହୋଇପଡ଼ିଛି।



ଦୁଇ ଭାଇ ରାହୁଲ ଓ ଦୀପକ ଚହର।

### ତୃତୀୟ ଟି୨୦ ଆଜି

- ଭାରତୀୟ ଦଳ:ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନଭଦୀପ ସଇନି।
- ୱେଷ୍ଟଇଣ୍ଡିଜ ଦଳ: କାର୍ଲୋସ ବ୍ରାଥୱେଟ (ଅଧିନାୟକ), ଜନ୍ କ୍ୟାମ୍ପବେଲ, ଇଭିନ ଲୁଇସ୍, ସିମରନ ହେଟମେର, ନିକୋଲାସ ପୁରନ, କେରନ ପୋଲାର୍ଡ, ରୋଭମାନ ପାୱେଲ, କିମୋ ପଲ, ସୁନୀଲ ନାରିନ, ଶେଲଡନ କୋଟ୍ରେଲ, ଓଶାନେ ଥୋମାସ୍, ଆନ୍ଥୋନୀ ବ୍ରାମ୍ବଲେ, ଜାସନ ମହମ୍ମଦ, ଖାରୀ ପିଏର।

ମ୍ୟାଚ ଆରମ୍ଭ: ରାତି ୮ଟା

# ଲଡରହିଲ୍ ଅନ୍‌ଫିଟ୍

ଗୌତମ ଗମ୍ଭୀର


କ୍ରିକେଟ ହେଉଛି ଏକ ଅନିଶ୍ଚିତ ଖେଳ। ନିକଟରେ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳକୁ ଆୟର୍ଲାଣ୍ଡ କଡ଼ା ଟକ୍କର ଦେଇଥିଲା। ଏଜବାଷ୍ଟନଠାରେ ପ୍ରଥମ ଆଶେସ ଟେଷ୍ଟ ମ୍ୟାଚର ଗତିପଥରୁ ମଧ୍ୟ ଏହା ସ୍ପଷ୍ଟ ସୂଚିତ ହେଉଛି। ଭାରତ ଓ ୱେଷ୍ଟଇଣ୍ଡିଜ ମୁକାବିଲା ଏହି କାଟେଗୋରିରେ ଯିବ ସେ ନେଇ ମୁଁ ଦୃଢ଼ ନିଶ୍ଚିତ ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକାର ଲଡରହିଲଠାରେ ଟପ୍ କ୍ଲାସ ମ୍ୟାଚ ଖେଳାଯିବା ସପକ୍ଷରେ ମୁଁ ନୁହେଁ। ସେଠାକାର ଜଳବାୟୁ ଏବଂ ପିଚ୍ କଣ୍ଡିଶନ ସମ୍ପୂର୍ଣ୍ଣ ଭିନ୍ନ। ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବଜ୍ରପାତର ଆଶଙ୍କା ରହିଥାଏ। ଏଭଳି ପରିସ୍ଥିତିରେ ଉଭୟ ଦର୍ଶକ ଏବଂ ଖେଳାଳିମାନଙ୍କୁ ପଡ଼ିଆ ଛାଡ଼ିବା ଲାଗି କୁହାଯାଇଥାଏ। ଷ୍ଟାଡିୟମର ଷ୍ଟାଣ୍ଡ ଉପରେ କଭର ନ ଥାଏ। ତେଣୁ ବଜ୍ରାଘାତର ବିପଦ ଥାଏ। ଡ୍ରେନେଜ ସିଷ୍ଟମ ଏବଂ ମ୍ୟାଚ ପ୍ରସାରଣ ବ୍ୟବସ୍ଥା କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ। ମୋଟ ଉପରେ କହିବାକୁ ଗଲେ ଏହା 'ଏ' ଗ୍ରେଡ୍ ଭେନ୍ୟୁ ନୁହେଁ। ହ୍ୱାଇଟ୍ ବଲ୍ କ୍ରିକେଟରେ ରୋହିତ ଶର୍ମାଙ୍କ ଖେଳ ସେତେଟା ଆକର୍ଷଣୀୟ ହୋଇ ପାରୁନାହିଁ। ସେ ବ୍ୟାଟିଂ କଲାବେଳେ ମନେ ହୁଏ ସତେ ଯେମିତି ତାଙ୍କ ବ୍ୟାଟ୍‌ରେ ଲୋକେଶନ ସେଟିଂ ସହ ଏକ ଜିପିଏସ୍ ଲାଗିଛି। ବେଳେ ବେଳେ ଟେଷ୍ଟ କ୍ରିକେଟରେ ରୋହିତଙ୍କ ବ୍ୟାଟିଂ ବୋରିଂ ଅନୁଭବ ହୁଏ। ମୁଁ ଭାବୁଛି ରାହୁଲ ଦ୍ରାବିଡ କିମ୍ବା ସଚିନ ତେନ୍ଦୁଲକରଙ୍କ ଭଳି ଜଣେ କେହି କିଛି ଦିନ ଧରି ପରାମର୍ଶଦାତା ଭାବେ କାର୍ଯ୍ୟ କଲେ ରୋହିତ ଆହୁରି ମାର୍ଜିତ ହୋଇପାରନ୍ତେ। ଯଦି ଏପରି ହୁଅନ୍ତା ତେବେ ଭାରତୀୟ ଟେଷ୍ଟ ବ୍ୟାଟିଂ ଲାଇନ୍ ଅପ୍ ଆହୁରି ଶକ୍ତିଶାଳୀ ହୋଇପାରନ୍ତା। ପୂଜାରା ୩ ନମ୍ବରରେ, ବିରାଟ ୪ ନମ୍ବରରେ ଏବଂ ରୋହିତ ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସନ୍ତେ। ୱେଷ୍ଟଇଣ୍ଡିଜ ବିପକ୍ଷ ଚଳିତ ଟି୨୦ ସିରିଜରେ ଭାରତ ୨–୦ରେ ଅଗ୍ରଣୀ ରହିଛି। ଗୁୟାନାଠାରେ ମଙ୍ଗଳବାର ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ଖେଳାଯିବ। କେତେଜଣ ଖେଳାଳିଙ୍କୁ ସୁଯୋଗ ଦେବା ପରିପ୍ରେକ୍ଷୀରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ହୋଇପାରେ। ମୋର ବିଶେଷ ନଜର କିନ୍ତୁ ରିଷଭ ପନ୍ତଙ୍କ ଉପରେ ରହିବ। ଏମ୍.ଏସ୍. ଧୋନୀଙ୍କ ସହିତ ଯଦିଓ ସେ ତୁଳନୀୟ ନୁହେଁ ତାଙ୍କୁ ପରବର୍ତ୍ତୀ ଉତ୍ତରାଧିକାରୀ କେତେକ ବିଚାରୁଛନ୍ତି। ଦକ୍ଷତା ପ୍ରତିପାଦନ ପାଇଁ ପନ୍ତଙ୍କୁ ଏହା ଏକ ଉତ୍ତମ ସୁଯୋଗ। ନବଦୀପ ସଇନିଙ୍କ ହ୍ୱାଇଟ୍ ବଲ୍ କ୍ୟାରିୟରର ଆରମ୍ଭ ଉତ୍ସାହଜନକ ରହିଛି। ନବାଗତଙ୍କ ମଧ୍ୟରେ ସେ ଜଣେ ବିରଳ ବୋଲର ଯିଏକି ଘଣ୍ଟା ପ୍ରତି ୧୫୦ କିଲୋମିଟର ବେଗରେ ବୋଲିଂ କରିପାରୁଛନ୍ତି। ଟେଷ୍ଟ ମ୍ୟାଚ ପାଇଁ ସେ ଅଧିକ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ମୁଁ ଭାବୁଛି। ହେଲେ ପ୍ରଦର୍ଶନରେ ସେ ସ୍ଥିରତା ବଜାୟ ରଖିବାରେ ସମର୍ଥ ହୋଇ ପାରିଲେ ହେଲା।

–(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)

THE ULTIMATE INVERTER BATTERY
EXIDE INVATUBULAR


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ହୃଷିକେଶ ମାଝୀ
ଆବିର୍ଭାବ: ୩୦।୦୭।୧୯୪୬
ତିରୋଧାନ: ୨୭।୦୭।୨୦୧୯
ଗ୍ରାମ: ବିଶିପାଲି, କିଶୋରନଗର, ଅନୁଗୋଳ
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପୁଅ: ଡିଲେଶ୍ୱର, ବୋହୂ: ସୁଜାତା, ଝିଅ: ବିନୋଦିନୀ, ବନଲତା, ବିଜୟଲକ୍ଷ୍ମୀ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ–୧୩୮୨

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଦେବେନ୍ଦ୍ରନାଥ ଷଡଙ୍ଗୀ
ଆର୍ବିଭାବ– ୧.୪.୧୯୩୭
ତିରୋଧାନ – ୨୭.୭.୨୦୧୯
ପ୍ଲଟ ନଂ. ୬୨/୫୧୨, ଦିବ୍ୟବିହାର, ଲେନ–୨, ସାମନ୍ତରାପୁର, ଭୁବନେଶ୍ୱର
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ ।
ତସ୍ମାଦପରିହାର୍ଯ୍ୟେ ର୍ଥେ ନ ତ୍ୱଂ ଶୋଚିତୁମର୍ହସି ।।
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ।
-: ଶୋକସନ୍ତପ୍ତ :-
ପରିବାର ବର୍ଗ ।
ଧ–୧୩୮୪

ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଦୀପ୍ତ କୁମାର ଦାଶ
ଆବିର୍ଭାବ: ୦୬।୦୬।୧୯୪୬
ତିରୋଧାନ: ୨୮।୦୭।୨୦୧୯
ଗୋପାଳ ବଲ୍ଲଭ ରୋଡ଼ (ଅପର୍ଣ୍ଣା ଗେଷ୍ଟ ହାଉସ), ମୋଚିସାହି, ପୁରୀ
ସଭାପତି: ଆଣ୍ଟି କରପ୍ସନ(କଂଗ୍ରେସ)
ସଭାପତି: ସିନିୟର ସିଟିଜେନ୍ ଫୋରମ୍
ଆପଣଙ୍କ ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମପାଇଁ ଦିଗଦର୍ଶନ। ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ହତଭାଗ୍ୟ ଶୋକସନ୍ତପ୍ତ:
ସ୍ତ୍ରୀ (ମଞ୍ଜୁଶ୍ରୀ ଦାଶ), ପୁତ୍ର: ଚିନ୍ମୟ କୁମାର ଦାଶ, ରିତୁପର୍ଣ୍ଣା ଦାଶ (ବୋହୂ), କନିଷ୍ଠ ପୁତ୍ର: ସନ୍ମୟ କୁମର ଦାଶ, ଶ୍ରୀପର୍ଣ୍ଣା ଦାଶ, କନ୍ୟା: ଅନିନ୍ଦିତା ମହାପାତ୍ର, ଜ୍ୱାଇଁ: ମାନସ କୁମାର ମହାପାତ୍ର, ନାତି: ମୋହିତ ମହାପାତ୍ର, ନାତୁଣୀ: ଦ୍ରୀଶାନା ଦାଶ, ଭ୍ରାତା: ଶ୍ରୀ ପ୍ରବୀର କୁମାର ଦାଶ, ଶ୍ରୀ ପ୍ରସନ୍ନ କୁମାର ଦାଶ, ଭଗ୍ନି: କଲ୍ୟାଣି ତ୍ରିପାଠୀ
ଧ–୬୩୮୮

ଏକାଦଶାହ ଉପଲକ୍ଷେ



୰ ପାର୍ବତୀ ଦେବୀ
(ଏରଞ୍ଚ, କସର୍ଦା, କଟକ)
ତିରୋଧାନ - ୨୭.୦୭.୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ଶ୍ରୀଯୁକ୍ତ ପ୍ରମୋଦ ଆଚାର୍ଯ୍ୟ (ନାତି) ଓ ପରିବାର ବର୍ଗ ।
ଧ–୬୭୩୪୨

ଶ୍ରଦ୍ଧାଞ୍ଜଳୀ



୰ଆରାଧନା ନନ୍ଦ
ତିରୋଧାନ: ୨୮.୦୭.୨୦୧୯
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ସୋଚିତୁମର୍ହସି ।।
ଶୋକ ସନ୍ତପ୍ତ
ସହକର୍ମୀ, ବନ୍ଧୁ ଓ ପରିବାରବର୍ଗ
ଧ–୧୩୮୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୬ ଅଗଷ୍ଟ /୨୦୧୯, Dhenkanal, Tuesday August 6 / 2019

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ବନ୍ତଲା,୫।୮(ଡି.ଏନ.ଏ.): ଅନୁଗୋଳ ଜିଲା ପୁରୁଣାକୋଟ ଥାନା କରଡାସିଙ୍ଗ ଜାମ୍ବୁବଣି ନିକଟରେ ସୋମବାର ଅପରାହ୍ନରେ ଦୁଇ ବାଇକ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ହିଡିସିଙ୍ଗ ଗ୍ରାମର ଦୀପୁ ଜାନି, ପ୍ରତାପ ପ୍ରଧାନ। ଗୁରୁତର ଜଣକ ଉକ୍ତ ଗ୍ରାମର ମଙ୍ଗୁଲୁ ପଧାନ(୩୦)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପୋଲିସ କହିଛି, ଏକ ବାଇକ (ନଂ. ଓଆର୧୯ଏ୯୨୩୩) ଯୋଗେ ମଙ୍ଗୁଲୁ ଓ ଦୀପୁ କରତପଟାରୁ ହିଡିସିଙ୍ଗ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ପ୍ରତାପଙ୍କ ବାଇକ (ନଂ.ଓ ୧୯ପି୦୯୩୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୀପୁଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଲୋକେ ମଙ୍ଗୁଲୁ ଓ ପ୍ରତାପଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରତାପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଶୈବପୀଠରେ କାଉଡିଆଙ୍କ ଭିଡ଼

ବଇଣ୍ଡା/କଣିହାଁ ୫।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ଗାଁ ବଇଣ୍ଡା, ବଡ଼ହୁଲା, କଣ୍ଟେଇ କୁଳିଆ, ଲୁହାମୁଣ୍ଡା, ହଣ୍ଡପା, ନାକିଚି, ସାଧୁପାଳ, ବାମୁର, ତୁରୁଡ଼ା ଆଦି ଶୈବପୀଠରେ ଶ୍ରାବଣ ମାସ ତୃତୀୟ ସୋମବାରରେ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ କାଉଡ଼ିଆମାନେ ନଦୀରୁ ପାଣି ଉଠାଇ ବିଭିନ୍ନ ଶୈବପୀଠରେ ପହଞ୍ଚି ଜଳ ଲାଗି କରିଥିଲେ। ମନ୍ଦିର ପରିଚାଳନା ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ସେହିପରି କଣିହାଁ ବ୍ଲକର ବିଭିନ୍ନ ଶୈବପୀଠରେ ସୋମବାର କାଉଡ଼ିଆଙ୍କ ଭିଡ଼ ଜମିଥିଲା। କାଉଡ଼ିଆମାନେ ବିଭିନ୍ନ ନଦୀ ଓ ନାଳରୁ ଜଳ ଉଠାଇ ପଦଯାତ୍ରା କରି ଜଳଲାଗି କରିଥିଲେ।

■ ଆଦର୍ଶ ବିଦ୍ୟାଳୟରେ ସମସ୍ୟା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ଅଭିଭାବକ ସଂଘ

ଅନୁଗୋଳ ଅଫିସ, ୫।୮



ଅନୁଗୋଳ ସହର ଉପକଣ୍ଠ ଖଣ୍ଡହତାରେ ଥିବା ଆଦର୍ଶ ବିଦ୍ୟାଳୟ ସମସ୍ୟା ନେଇ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି ଅଭିଭାବକ ସଂଘ। ୨୦୧୮-୧୯ ଶିକ୍ଷା ବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ ହୋଇଥିଲେ ମଧ ଛାତ୍ରୀଛାତ୍ରଙ୍କୁ ଅଦ୍ୟାବଧି ମୌଳିକ ସୁବିଧା ମିଳୁନାହିଁ। ଏପରି କି ବିପର୍ଯ୍ୟସ୍ତ ଭିତ୍ତିଭୂମି ସାଙ୍ଗକୁ ଶୈକ୍ଷିକ ବାତାବରଣ ଏକ ରକମ ଭୁଶୁଡ଼ି ପଡ଼ିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଜିଲା ଶିକ୍ଷା ବିଭାଗ ଓ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ସଂଘ ପକ୍ଷରୁ ଦର୍ଶାଯାଇଛି।

ରାଜ୍ୟ ସରକାର ଉତ୍ତମ ଶିକ୍ଷାଦାନ ପାଇଁ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ଅନ୍ୟ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଭଳି ଏଠାରେ ବି ଛାତ୍ରୀଛାତ୍ରଙ୍କୁ ଇଂଲିଶରେ ଶିକ୍ଷାଦାନ କରାଯିବ। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଇଂଲିଶ ଓ ହିନ୍ଦୀ ବିଷୟରେ ଶିକ୍ଷକ ନ ଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଜୁଲାଇ ଶେଷ ସୁଦ୍ଧା ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ଜିଲା ଶିକ୍ଷା ବିଭାଗ ଓ ପ୍ରଶାସନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଅଦ୍ୟାବଧି ତାହା ପୂରଣ ହୋଇନାହିଁ। ଏପରି କି ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ଅନୁଦାନ ମଧ ମିଳିନାହିଁ। ବିଦ୍ୟାଳୟରେ କୌଣସି ଆସବାବପତ୍ର ନ ଥିବାରୁ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରମାନେ ତଳେ ବସି ପାଠ ପଢୁଛନ୍ତି। ଜିଲା ଖଣିଜ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରି ମୌଳିକ ସୁବିଧା ଗୁଡ଼ିକ ପୂରଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଗତ ଜୁଲାଇ ୩୧ରେ ହୋଇଥିବା ଅଭିଭାବକ ଓ ଶିକ୍ଷକଙ୍କ ବୈଠକରେ ଦାବି ଗୁଡ଼ିକ ଉପରେ କୌଣସି ଆଲୋଚନା ହୋଇ ନ ଥିଲା। ତଥାପି ବିଦ୍ୟାଳୟ କର୍ତ୍ତୃପକ୍ଷ ଚଞ୍ଚକତା କରି ସାଧା କାଗଜରେ ଅଭିଭାବକମାନଙ୍କ ଦସ୍ତଖତ ନେଇଥିଲେ। ବିଦ୍ୟାଳୟରେ କୌଣସି କମିଟି ଗଠନ କରାଯାଇ ନାହିଁ। ଆଦର୍ଶ ବିଦ୍ୟାଳୟରେ ଏଭଳି ସଙ୍ଗିନ ସମସ୍ୟା ଥିବାରୁ ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

ଅନୁଗୋଳ ଅଫିସ, ୫।୮



ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା ଯୋଗଦେଇଥିଲେ। ଶିବିରରେ ଦାଖଲ ହୋଇଥିବା ସମୁଦାୟ ୨୦୯ଟି ଅଭିଯୋଗ ମଧ୍ୟରୁ ୨୦୪ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସମସ୍ୟା, ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିସ୍ଥାପନ ଓ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଗୁହାରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟୀ କଲେକ୍ଟର ବଇତୁରା ଦୀପ୍ ଓ ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଆଲୁଅମୁଣ୍ଡା ପର୍ବତରେ ଇନ୍ଦ୍ର ପୂଜା

ବଅଁରପାଳ, ୫।୮ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମରେ ଥିବା ଆଲୁଅମୁଣ୍ଡା ପର୍ବତରେ ରବିବାର ଗ୍ରାମବାସୀ ଇନ୍ଦ୍ରଦେବଙ୍କ ପୂଜାର୍ଚ୍ଚନା ସହ ଯଜ୍ଞ କରିଥିଲେ। ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲେ କିମ୍ବା ବର୍ଷା ନ ହେଲେ ଲୋକମାନେ ଏହି ଯଜ୍ଞ କରିଥାନ୍ତି। ରବିବାର ପ୍ରାତଃ ୫ଟା ସମୟରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମର ସଭାପତି ଉମେଶ ଚନ୍ଦ୍ର ଗଡ଼ନାୟକ କର୍ତ୍ତା ଭାବେ ଯୋଗଦେଇଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଭିମନ୍ୟୁ ଶତପଥୀ, ମୀନକେତନ ମିଶ୍ର ଓ ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରିଥିଲେ। ଏଥିରେ ତୁଳସୀପାଳ, କଙ୍କିନାଳୀ, ଗଡ଼ସନ୍ତ୍ରୀ, ଲଙ୍ଗୁଳିଆବେଢ଼ା, ଅରହାଟ, ଗାଡ଼ରଖାଇ, ପୁରିକିଆ ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଥିଲେ। ସ୍ଥାନୀୟ ସରପଞ୍ଚ ଲୋକନାଥ ସାହୁ, ଗ୍ରାମ ସମ୍ପାଦକ ନୀଳମଣି ବିଶ୍ୱାଳ, ବସନ୍ତ କୁମାର ବିଶ୍ୱାଳ, ମନୋଜ ସାହୁ, ଅଜୟ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଆନନ୍ଦ ରାଉଳଙ୍କ ସମେତ ଗ୍ରାମର ଅନେକ ଲୋକ ସହଯୋଗ କରିଥିଲେ। ଭାଜପାର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ପୂଜାର୍ଚ୍ଚନା ପରେ ଏଠାରେ ବର୍ଷା ହେବାର ଦେଖାଯାଇଥିଲା।

# ୨୧ରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ପାଲଲହଡା,୫।୮(ଡି.ଏନ.ଏ.)

ଆସନ୍ତା ୨୧ରେ ଅନୁଷ୍ଠିତ ହେବ ପାଲଲହଡା ବ୍ଲକ ଅଧ୍ୟକ୍ଷ ନିର୍ବାଚନ। ଏଥିପାଇଁ ଅଗଷ୍ଟ ୧୩ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏ ନେଇ ନିର୍ବାଚନ କମିଶନ ଚିଠି ନଂ. ୨୦୩୪/୦୩/୦୮/୨୦୧୯ରେ ଘୋଷଣା କରିଥିବା ସୋମବାର ଏକ ଖବରଦାତା ସମ୍ମିଳନୀରେ ପାଲଲହଡା ବିଡିଓ ତ୍ରିବିକ୍ରମ କୁମୁରା ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, ପାଲଲହଡା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ ଗତ ସାଧାରଣ ନିର୍ବାଚନରେ ବିଧାୟକ ଭାବେ ବିଜୟୀ ହେବାପରେ ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା।

# ଜାତୀୟ ଜଡ଼ିବୁଟି ଦିବସରେ ଚାରା ରୋପଣ

ଅନୁଗୋଳ ଅଫିସ, ୫।୮



ଅନୁଗୋଳର ପତଞ୍ଜଳି ପରିବାର, ଯୋଗ ଜାଗରଣ ଓ ଲୋକ କଲ୍ୟାଣ ସମିତି ପକ୍ଷରୁ ଜାତୀୟ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଜିଲା ପ୍ରଭାରୀ ଅଭୟ କୁମାର ରାୟଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ସାମାଜିକ କର୍ମୀ ସ୍ଥାନୀୟ ଜୁଭେନାଇଲ ହୋମ ପରିସରରେ ଘୃତ କୁମାରୀ, ଜୁଆଣି, ଅମୃତ ପୋଥି, ଗିଲୟ, ପାତାଳଗରୁଡ଼ ଭଳି ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ଉପସ୍ଥିତ ସାମାଜିକ କର୍ମୀ ଜୁଭେନାଇଲ ହୋମ୍‌ର କର୍ମକର୍ତ୍ତା ଓ ଅନ୍ତେବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପତଞ୍ଜଳି ଯୋଗ ଜାଗରଣ ସମିତିର ସୁବୋଧ କୁମାର ମିଶ୍ର, ଅମୀୟ କର, ବୀରବର ସାହୁ, ସଞ୍ଜୀବ ନାୟକ, ଜ୍ୟୋସ୍ନାରାଣୀ ସାହୁ, ପ୍ରତିଭା ରାୟ, ରାମକୃଷ୍ଣ ତ୍ରିପାଠୀ, ଅରୁଣ ସାହୁ, ବିଦ୍ୟାଧର ପ୍ରଧାନ, ସୁବାସ ପଡ଼ିହାରୀ, ଶଶିଭୂଷଣ ସ୍ୱାଇଁ, ବିଶ୍ୱଜିତ ପ୍ରଧାନ, ସନ୍ତୋଷ ଗୌଡ଼, ବିନୋଦିନୀ ସାହୁ, ଦେବାଶିଷ ପଟ୍ଟନାୟକ, ପୁରନ୍ଦର ପ୍ରଧାନ, ସଦାନନ୍ଦ ପରିଡ଼ା ପ୍ରମୁଖ କାର୍ଯ୍ୟକର୍ତ୍ତା ସକ୍ରିୟ ଯୋଗଦେଇଥିଲେ।




BIGGER SAVINGS ALTO K10 ₹48,000* CELERIO ₹55,000* ALTO ₹60,000*

ALTO K10 CELERIO ALTO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

| ODYSSEY MOTORS | JYOTE MOTORS | SKY AUTOMOBILES | NARAYANI MOTORS |
|---|---|---|---|
| ANGUL: CALL: 7752076136, 9776901481. PALLAHARA: CALL: 7873565435, 9437831123. | BHUBANESWAR: LEWIS ROAD: CALL: 9776615020, 9776615035, 9776615032 NAYAPALLI: CALL: 7381355999, 7381366999 KEONJHAR: CALL: 8599019854, 7064493469 BARIPADA: CALL: 9437102597. BHADRAK: CALL: 7381064240 NAYAGARH: CALL: 7381028515. BALASORE: CALL: 7064499108 | BHUBANESWAR: CALL: 9776645711. CUTTACK: CALL: 9776677771, 7381873818. DHENKANAL: CALL: 9776900005. JAJPUR: CALL: 9776900777. | BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473. PURI: CALL: 9583022035. PARADEEP: CALL: 9583022034/ 06722-228044. |

*Offer includes consumer offer, exchange bonus (on cars less then 7 years old) on Alto K10 (AGS), Celerio (AGS) and New Alto (all variants). Terms and conditions apply. Offers may vary from city to city and variant to variant for all models. Colors shown may vary from actual body color due to printing on paper. Images used are for illustration purposes only. Offers valid till 31st August 2019.

26

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ